ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରି ସଫଳ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୃତ୍ତିକା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ।

**ମିଥୁନ**
ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅପରାହ୍ଣେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ କେତେକାଂଶରେ ଉପକୃତ ହେବେ।

**କର୍କଟ**
ରାହୁଙ୍କ କୁପ୍ରଭାବରେ ଅଶାନ୍ତ ମନ ନେଇ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କଲେ ପାରିବାରିକ ସମସ୍ୟା ବଢିଯିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ**
ପୂର୍ବର କଳହକୁ ନେଇ ନିଜର ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସୂଚନା ରହିଛି।

**କନ୍ୟା**
ପୂର୍ବ ବିବାଦକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ମିଳିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା**
ପାରିବାରିକ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମ ଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ଲାଗି ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହୋଇପାରନ୍ତି ।

**ବିଛା**
କର୍ମକ୍ଷେତ୍ରରେ ମିତ୍ରବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ ଏବଂ ପରୋକ୍ଷ ଶତ୍ରୁତା କାମକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି।

**ଧନୁ**
ପରିବାର ସହ ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିପାରିବ। ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ ।

**ମକର**
ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା କାମ ହାସଲର ମଉକା ପାଇବେ । ଆଲୋଚନା ପରିସରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶ୍ରବଣା ନକ୍ଷତ୍ରର ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ**
ଆଶା କରିଥିବା ଧାର୍ମିକ କାର୍ଯ୍ୟ, ବନ୍ଧୁ, ସହକର୍ମୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ବ୍ୟବସାୟିକ, ସାମାଜିକ, ନୂତନପ୍ରକଳ୍ପ ସମ୍ପର୍କିତ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ। ବସ୍ତ୍ରଭୂଷଣ, ଅର୍ଥ ଓ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧା ଭୋଗିବେ।

**ମୀନ**
ଆଜି କର୍ମକ୍ଷେତ୍ରରେ ସହଜରେ କାମ ହାସଲ କରପାରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ମନକୁ ବିଚଳିତ

ଆଜି ମେ ୩୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଆଜି ଶିବ ବିବାହ ତାଟ ନିମନ୍ତ୍ରଣ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୩ ଗତେ ଘ.୦୬.୫୫ ମଧ୍ୟେ, ଘ.୧୨.୧୦ ଗତେ ଘ.୦୨.୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୫ ଗତେ ଘ.୧୧.୪୪ ମଧ୍ୟେ ରାହୁ କାଳ।

# ଗ୍ରାମାଞ୍ଚଳରେ ନେତୃତ୍ୱ ଭାବନା ଜାଗ୍ରତକରିବା ମୂଳ ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଗୁରୁବାର ଲକ୍ଷପତି ଦିଦି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଦିମାନଙ୍କୁ ସମ୍ମାନିତ କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ।

**ରାଷ୍ଟ୍ରୀୟ ଲକ୍ଷପତି ଦିଦି-୨୦୨୫ ସମ୍ମିଳନୀ**

- ଯୋଜନା କେବଳ କାର୍ଯ୍ୟକ୍ରମ ନୁହେଁ, ଏକ ଆନ୍ଦୋଳନ: ଉପମୁଖ୍ୟମନ୍ତ୍ରୀ
- ଲକ୍ଷପତି ଦିଦି ସୃଷ୍ଟିରେ ନୟାଗଡ଼ ଜିଲା ୧ମ
- ୨ୟରେ କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ପଥ ପ୍ରସ୍ତୁତ କରିଛି। ଏହାର ମୂଳ ଉଦ୍ଦେଶ୍ୟ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି।

ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ଆମ ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ପ୍ରଧାନମନ୍ତ୍ରୀ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମ୍‌ରେ ୩୩% ମହିଳା ଲୋକ ସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ। ଓଡ଼ିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ଆଜି ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ଼ ଜିଲାର ଶକୁନ୍ତଳା ଧଳ, ଗଜପତି ଜିଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡ଼ା ଜିଲାର ମମତା ନାଥଶର୍ମାଙ୍କୁ ପୁରସ୍କୃତ କରିଛନ୍ତି। ଜିଲାରେ ୯୮% ଲକ୍ଷପତି ଦିଦି ସୃଷ୍ଟିକରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ଼ ଜିଲା ଏବଂ ୯୭% ଲକ୍ଷପତି ଦିଦି ସୃଷ୍ଟି କରି ୨ୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର ଜିଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକ୍‌ଲେଟ୍ ଉନ୍ମୋଚନ କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନଦେଇ କହିଛନ୍ତି, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ; ଯାହା ମହିଳାମାନଙ୍କୁ ଘର ଚାରିକାନ୍ଥ ମଧ୍ୟରୁ ବାହାରକରି ବିକାଶ ସ୍ରୋତରେ ଯୋଡୁଛି। ଲକ୍ଷପତି ଦିଦି ସୃଷ୍ଟି କରାଇବାରେ ଓଡ଼ିଶା ଲଗାତର ଭାବେ ୧ ନମ୍ବର ସ୍ଥାନରେ ରହିଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି। ଏହି କାର୍ଯ୍ୟକ୍ରମ ବଳରେ ବର୍ତ୍ତମାନ ଗ୍ରାମାଞ୍ଚଳର ମହିଳାମାନେ କେବଳ ନିଜ ପାଇଁ ରୋଜଗାର କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇଥିବା ସେ କହିଛନ୍ତି। ଏ ହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ



ଉତ୍ତ୍ୟକ୍ତ ଲୋକେ ପିକ୍‌ଅପ୍ ଭ୍ୟାନ ପୋଡ଼ିଦେଉଛନ୍ତି।

- **ପିକ୍‌ଅପ୍ ଭ୍ୟାନ୍ ଜାଳି ରାସ୍ତା ଅବରୋଧ**
- **ପୋଲିସ-ଉତ୍ତ୍ୟକ୍ତ ଲୋକେ ମୁହାଁମୁହିଁ**

**ଝାରସୁଗୁଡ଼ା, ୨୯।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଲ-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେର ସାରସମାଲଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ାର ଅଜିତ୍ ସିଂ(୬୦) ଓ ତାଙ୍କ ସମ୍ପର୍କୀୟ ଅଶୋକ ହିନ୍ଦୁଜା(୬୮)। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଜାଳିଦେବା ସହ ଚାଳକଙ୍କୁ ଆକ୍ରମଣ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା।

ସୂଚନା ଅନୁଯାୟୀ, ଅଜିତ୍ ଓ ଅଶୋକ ଏକ ସ୍କୁଟି(ନଂ.ଓଡ଼ି୧୬କେ-୧୭୭୭)ରେ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ପଛପଟୁ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡି୨୩ଇ-୮୧୫୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତା ଅବରୋଧ ହଟିବା ସହ ପରିସ୍ଥିତି ଶାନ୍ତ ହୋଇଥିଲା। ଅପରପକ୍ଷରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌ରୁ ନିଆଁ ଲିଭାଇଥିଲେ। ପରେ ପୋଲିସ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୪/୨୫) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଏହି ବିଜୁ ଏକ୍ସପ୍ରେସ୍ ୱେର ବିଭିନ୍ନ ସ୍ଥାନରେ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ଏଥିରେ ଅନେକ ମୃତାହତ ହେଉଛନ୍ତି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଭାରତୀୟ ନୌସେନା, ତଟରକ୍ଷୀ ବାହିନୀ ସହ କିଟ୍‌ର ଏମ୍‌ଓୟୁ




**କିଟ୍‌ର ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷଣ ରହିବ**

**ଭୁବନେଶ୍ୱର,୨୯।୫ (ଅନୁରାଧା ମହାରଣା)**

କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଦୁଇଟି ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ, ନୌସେନା ସ୍ତ୍ରୀ କଲ୍ୟାଣ ସଂଘ ସଭାପତି ଶଶି ତ୍ରିପାଠୀ ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡର ଏସ୍‌ଏମ୍ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି। ଏହି ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁଶନ ଫି ଛାଡ଼ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି ସିଟ୍ ପାଇଁ ୧୦% ଟ୍ୟୁଶନ ଫି ଛାଡ, ବିଡିଏସ୍ ଏବଂ ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବି.ଟେକ୍ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁଷଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ରଖାଯିବା ସହ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାଙ୍କ ପାଇଁ ଅନ୍ୟ ସମସ୍ତ ଅଣଡାକ୍ତରୀ ପାଠ୍ୟକ୍ରମରେ ୫୦% ଇନ୍‌ଷ୍ଟିଚ୍ୟୁଶନାଲ ଫି' ଛାତ୍ରବୃତ୍ତି ସହ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲ୍‌ଫେୟାର ଆଣ୍ଡ ୱେଲନେଶ୍ ସଂଘ ମଧ୍ୟରେ ଅନ୍ୟଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଚ୍ୟୁଶନାଲ ଫି' ଉପରେ ୧୦% ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। ଏହା ବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଓ ଅନ୍ୟ ବି.ଟେକ ପାଠ୍ୟକ୍ରମରେ ୪ଟି ସିଟ୍ ସଂରକ୍ଷିତ ରହିବ। ଅନ୍ୟ ସମସ୍ତ ଅଣଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁଶନାଲ ଫି' ଉପରେ ୫୦% ବୃତ୍ତି ପ୍ରଦାନ କରାଯିବ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହି ବୁଝାମଣା ହେଉଛି ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇବା ସହ ଶିକ୍ଷା ମାଧ୍ୟମରେ ଅନ୍ତର୍ଭୁକ୍ତୀମୂଳକ ବିକାଶ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ।

# ସେନାର ବଳିଦାନକୁ ନେଇ ଭାଜପା ରାଜନୀତି କରୁଛି:ଦୀପେନ୍ଦ୍ର




ଭୁବନେଶ୍ୱର କଂଗ୍ରେସ ଭବନଠାରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ 'ଜୟ ହିନ୍ଦ୍' ସଭାରେ ସେନା ଯବାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଂଗ୍ରେସର ଜୟହିନ୍ଦ୍ ସଭା**

**ଭୁବନେଶ୍ୱର,୨୯।୫ (ରବିନାରାୟଣ ଜେନା)**

କୌଣସି କ୍ଷେତ୍ରରେ ହିନ୍ଦୁସ୍ଥାନର ସମକକ୍ଷ ପାକିସ୍ତାନ ହୋଇପାରିବ ନାହିଁ। ଯେଉଁମାନେ କହୁଛନ୍ତି, ୭୦ବର୍ଷରେ କଂଗ୍ରେସ କ'ଣ କରିଛି। ସେମାନେ ଜାଣି ରଖିବା ଉଚିତ ଯେ ଏହି ୭୦ବର୍ଷ ପାକିସ୍ତାନକୁ ଏତେ ପଛକୁ ଠେଲି ଦେଇଛି, ଯାହା କି ଗରିବ ରାଷ୍ଟ୍ର ତାଲିକାରେ ଏବେ ପାକିସ୍ତାନ ଗଣାଯାଉଛି ବୋଲି ସାଂସଦ ଦୀପେନ୍ଦ୍ର ସିଂହ ହୁଡ଼ା କହିଛନ୍ତି। ଗୁରୁବାର କଂଗ୍ରେସ ପକ୍ଷରୁ ଆୟୋଜିତ ଜୟହିନ୍ଦ୍ ସଭାକୁ ସମ୍ବୋଧିତ କରି ଦୀପେନ୍ଦ୍ର କହିଛନ୍ତି, ଦେଶର ସେନାର ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେହେଲେ ବ୍ୟର୍ଥ ହେବାକୁ ଦେବ ନାହିଁ। ମାତ୍ର ଏମାନଙ୍କ ତ୍ୟାଗ ଓ ବଳିଦାନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ଭାଜପା ରାଜନୀତି କରୁଛି। ସେନାରେ କାର୍ଯ୍ୟରତ ସେନାଧିକାରୀଙ୍କୁ ସମ୍ମାନ ଜଣାଇବା ପରିବର୍ତ୍ତେ ତାଙ୍କର ଧର୍ମକୁ ନେଇ ତାଙ୍କୁ ସାରା ଦେଶରେ ନିନ୍ଦିତ କରାଯାଉଛି। ଏପରି କି ତାଙ୍କୁ ଆତଙ୍କବାଦୀଙ୍କର ଭଉଣୀ ବୋଲି ଆଖ୍ୟା ଦିଆଯାଉଛି। ଏହା ଅତ୍ୟନ୍ତ ପୀଡ଼ାଦାୟକ। ଭାରତବର୍ଷକୁ ଧର୍ମନାମରେ ଭାଗ ଭାଗ କରୁଥିବା ଭାଜପା ପହଲଗାମ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଓ ତାଙ୍କର ପରିବାରକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଏଥିରୁ ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ପ୍ରଦେଶ କଂଗ୍ରେସ(ପିସିସି) ସଭାପତି ଭକ୍ତ ଚରଣ ଦାସ ଭାରତୀୟ ସେନାର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରି କହିଥିଲେ, ୧୯୭୧ରେ ଆମ ସେନା ୯୧ ହଜାରରୁ ଅଧିକ ପାକିସ୍ତାନୀ ସେନାକୁ ଗୃହବନ୍ଦୀ କରି ରଖିଥିଲା। କିନ୍ତୁ ଦୁଃଖର କଥା ଆଜି ଦେଶର ପ୍ରଧାନମନ୍ତ୍ରୀ ଏଭଳି ଏକ ପ୍ରଚାରଜୀବୀ ନିଜ ପଦ ମର୍ଯ୍ୟାଦାକୁ ସମ୍ମାନ ନ ଜଣାଇ ସେନାର ସଫଳତା ଓ ପରାକ୍ରମକୁ ନିଜର ପରାକ୍ରମ କହି ପ୍ରଚାର କରି ବୁଲୁଛନ୍ତି। ଯୁଦ୍ଧ ଭାଜପା ପାଇଁ ରାଜନୈତିକ ପ୍ରଚାର ଓ ପ୍ରସାରର ଏକ ଅସ୍ତ୍ର ପାଲଟିଛି ବୋଲି କହି ସେ ସମାଲୋଚନା କରିଥିଲେ। ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଭାରତୀୟ ସେନା ଭାରତବର୍ଷର ଗୌରବ। ସେମାନଙ୍କର ପରାକ୍ରମ ଯୋଗୁ ଆଜି ଶତ୍ରୁମାନେ ଧୂଳିସାତ୍ ହେଉଛନ୍ତି। ମାତ୍ର ଭାରତୀୟ ସେନାର ସଫଳତାକୁ ଆଜି ଭାଜପା ନିଜର ସଫଳତା ବୋଲି କହିବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ,ବରିଷ୍ଠ ନେତା ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ବୋମା ଭିଡ଼ିବାବେଳେ ବିସ୍ଫୋରଣ, ଜଣେ ମୃତ



- **ଭାଙ୍ଗିଲା ଘରର କାନ୍ଥ, ଶଟର**
- **୧୨ ଅଫୁଟା ବୋମା ନିଷ୍କ୍ରିୟ**
- **ବିସ୍ଫୋରକ ଦ୍ରବ୍ୟ, ଗ୍ୟାସ ସିଲିଣ୍ଡର ଜବତ**

**ନିଶ୍ଚିନ୍ତକୋଇଲି, ୨୯।୫ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନେମାଳ ଥାନା ଝାଡ଼େଶ୍ୱରପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମ ମନାନଗଡ଼ା ନିକଟରେ ଏକ କୋଠା ଘରେ ବୁଧବାର ବିଳମ୍ବିତ ରାତିରେ ବୋମା ବିସ୍ଫୋରଣ ହୋଇଛି। ବୋମା ଭିଡ଼ା ଯାଉଥିବାବେଳେ ବିସ୍ଫୋରଣ ହୋଇଥିବା କୁହାଯାଇଛି। ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନେମାଳ ଥାନା ଅନ୍ତର୍ଗତ ଦାଉଦପୁର ପଞ୍ଚାୟତ ନାହାଳପୁର ଗାଁର ମିର୍ଜା ଆକବର ବେଗ (୪୭)। ସେଠାରେ ୪ ବଖରା ଘର ଥିବାବେଳେ ଗୋଟିଏ ଘରେ ଏହି ବିସ୍ଫୋରଣ ହୋଇଛି। ଅନ୍ୟ ଘରଗୁଡ଼ିକରେ ମଧ୍ୟ ଅଫୁଟା ବୋମା, ଗ୍ୟାସ୍ ସିଲିଣ୍ଡର ଥିବା ପୋଲିସ ଜାଣିବା ପରେ ବୋମା ନିଷ୍କ୍ରିୟକାରୀ ଦଳଙ୍କୁ ଡକାଇଥିଲା। ଏଥିସହ ଉକ୍ତ ଅଞ୍ଚଳକୁ ଫୋର୍ସ ଜରିଆରେ ଘେରାବନ୍ଦୀ କରି ଜନଶୂନ୍ୟ କରିଥିଲା। ଖବରପାଇ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ୧୨ ଅଫୁଟା ବୋମା ନିଷ୍କ୍ରିୟ କରିଛି। ପୋଲିସ ସେଗୁଡ଼ିକୁ ଜବତ କରିଛି। ସାଇଣ୍ଟିଫିକ୍ ମଧ୍ୟ ଘଟଣାସ୍ଥଳରୁ ବିସ୍ଫୋରକ ଦ୍ରବ୍ୟ, ଗ୍ୟାସ ସିଲିଣ୍ଡର ଜବତ କରିବା ସହ ଘଟଣା ଘଟିଥିବା ସ୍ଥାନ ମ୍ୟାପିଂ କରି ପୋଲିସକୁ ରିପୋର୍ଟ ପ୍ରଦାନ କରିଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ନେମାଳ ପୋଲିସ ଥାନାରେ ମାମଲା (ନଂ. ୧୩୧/୨୫) ରୁଜୁ କରି ତଦନ୍ତକୁ କ୍ରିୟାଶୀଳ କରିଛି। ବିଳମ୍ବିତ ରାତିରେ ମନାନଗଡ଼ା ନିକଟରେ ଥିବା ଏକ କୋଠାଘରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ସଂଖ୍ୟାଲଘୁ ବସ୍ତିର ଲୋକେ ଉଠି ଆସିଥିଲେ। ଘଟଣାସ୍ଥଳରେ ବିସ୍ଫୋରକ ଦ୍ରବ୍ୟ ପଡିଥିବାବେଳେ ପାଖରେ ଏକ ବାଇକ୍ ଓ ଘରର ଶଟର, କାନ୍ଥ ଭାଙ୍ଗି ଯାଇଥିଲା। ଘର ଭିତରେ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ଚିତ୍କାର କରୁଥିଲେ। ସ୍ଥାନୀୟ ଲୋକେ ନେମାଳ ଥାନାକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଘଟଣାସ୍ଥଳରୁ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଆଇଆଇସି ସୁଶୀଲ କୁମାର ନାୟକ ସୂଚନା ଦେଇଛନ୍ତି। ପରିବାର ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମିର୍ଜା ଆକବରଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ୪ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସ୍ଥାନୀୟ ଲୋକେ କହିବା ଅନୁଯାୟୀ, ଏଠାରେ ପୂର୍ବରୁ ବୋମା ଭିଡା ଯାଉଥିବାର ନଜୀର ରହିଛି। ୨ ବର୍ଷ ପୂର୍ବେ ବୋମା ବିସ୍ଫୋରଣରେ ମୃତ ମିର୍ଜା ଆକବରଙ୍କ ପୁତରାଙ୍କ ମୃତ୍ୟୁ ଘଟିଥିଲା। ନେମାଳ ଥାନା ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ପୋଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବନ ବିଭାଗର ସ୍ୱତନ୍ତ୍ର ଟାସ୍କଫୋର୍ସ ଚଢ଼ାଉ, ୭ ଶିକାରୀ ଗିରଫ

**ବାରିପଦା,୨୯।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରେଞ୍ଜ ଦକ୍ଷିଣ ଡିଭିଜନର ସ୍ୱତନ୍ତ୍ର ଟାସ୍କଫୋର୍ସ ଓ କର୍ମଚାରୀମାନେ କରଞ୍ଜିଆ ଥାନା ଦୁଧିଆଣୀ ପଞ୍ଚାୟତ ଅଧୀନରେ ଥିବା ଦୁଧିଆଣୀ ଏବଂ ଅଁଳାକଟା ଗ୍ରାମରେ ଚଢାଉ କରି ୨୦୨୩-୨୪ର ଗୋଟିଏ ଓଆର କେସ୍‌ରେ ସମ୍ପୃକ୍ତ ୭ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ଦୀର୍ଘଦିନ ଧରି ଫେରାର ଥିଲେ। ଅଭିଯୁକ୍ତମାନେ ହେଲେ ରଘୁନାଥ ସୟ, ବାବୁରାମ ସୟ, ସୁକୁଲାଲ ହେମ୍ବ୍ରମ, ମଙ୍ଗଲ ବାଦ୍ରା, ଜୟସିଂହ ସିଂକା, କୁନାରାମ ସାମାଡ ଓ ବାୟା ବାନାରା। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ନ୍ୟାୟିକ ହେପାଜତକୁ ପଠାଯାଇଛି। ସେମାନଙ୍କ ନିକଟରୁ ୬ଟି ଧନୁ, ୧୧ଟି ତୀର, ୨ଟି ଫାଶ, ୨ଟି କାଟାପଲ୍ଟ, କୁଟାରୀ ଶିଙ୍ଗ ଏବଂ ଗୋଟିଏ ସ୍ୱଟେଡ ହରିଣର ଶିଙ୍ଗକୁ ଜବତ କରାଯାଇଛି।

ଶିମିଳିପାଳ ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ଅତ୍ୟାଧୁନିକ ଏଆଇ କ୍ୟାମେରାର ସହାୟତା ନିଆଯାଉଛି। ଶିକାର ଓ ଶିକାରୀଙ୍କ ଅନୁପ୍ରବେଶକୁ ରୋକିବାରେ ଏଆଇ କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏଆଇ କ୍ୟାମେରା ଜରିଆରେ ଶିକାରୀଙ୍କ ଫଟୋ ଉତ୍ତୋଳନ କରି ବିଭାଗ ପାଖକୁ ସଙ୍ଗେ ସଙ୍ଗେ ପଠାଇପାରୁଛି। ଫଳରେ ଶିକାରୀଙ୍କୁ ଧରିବା ଓ ବନ୍ୟଜନ୍ତୁ ସୁରକ୍ଷା ଦେବାରେ ସଫଳତା ମିଳୁଛି। ଏକ ସମ୍ବର ଶିକାର ଘଟଣାରେ ଜଡିତ ଥିବା ଶିକାରୀମାନେ ଫେରାର ଥିବା ବେଳେ ବନବିଭାଗର ଗୋଇନ୍ଦା ବିଭାଗ ଏବଂ ଏଆଇ କ୍ୟାମେରା ସହାୟତାରେ ସେମାନଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଏହି ଘଟଣାରେ ପୂର୍ବରୁ ୧୩ ଜଣଙ୍କୁ ମିଶାଇ ମୋଟ ୨୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।



ଗିରଫ ହୋଇଥିବା ଶିକାରୀମାନେ।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

-ଉମା ଚତୁର୍ଥୀ



# ଜିଡିପି ଓ ସମୃଦ୍ଧି



କୌଶିକ ବସୁ

ମୁଖ୍ୟଧାରାର ଅର୍ଥନୀତିରେ ବିଶ୍ଳେଷଣଲବ୍ଧ ତଥ୍ୟର ବ୍ୟାଖ୍ୟାତ୍ମକ ଅର୍ଥାତ୍ ଅନୁଧ୍ୟାନ, ସଂକ୍ଷେପରେ ପ୍ରକାଶ କରିବା ଏବଂ ଉପସ୍ଥାପନକୁ ନିୟମିତ ଭାବେ ଗୌଣ କରିଦିଆଯାଉଛି। ଗୋଟିଏ କାମକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟାତ୍ମକ ଭାବେ ବିବେଚନା କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସୂଚିତ କରାଯାଉଛି। ତଥାପି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟସେନ ୧୯୮୦ ମସିହାର ଏକ ଗବେଷଣାତ୍ମକ ଲେଖାରେ ମତ ଦେଇଥିଲେ ଯେ, ବ୍ୟାଖ୍ୟାର ପ୍ରତ୍ୟେକ କାର୍ଯ୍ୟ ସହ ବିକଳ୍ପଗୁଡ଼ିକ ଜଡ଼ିତ ରହିଛି। ଏକ ଐତିହାସିକ ଘଟଣା ହେଉ ଅବା ବ୍ୟକ୍ତିଗତ ଘଟଣା କିମ୍ବା ଏକ ଦେଶ ସମ୍ପର୍କରେ ବ୍ୟାଖ୍ୟା କଲାବେଳେ ସେଥିରେ ଆମେ କ'ଣ ସାମିଲ କରିବାକୁ ବା ବାଦ୍‌ଦେବାକୁ ଚାହୁଁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ବ୍ୟାଖ୍ୟା ଏକ ଦୃଷ୍ଟିକୋଣ ବା ମତ ସୃଷ୍ଟି କରେ ଏବଂ ଅପରପଟେ ଦୃଷ୍ଟିକୋଣ ବି ବ୍ୟବହାରକୁ ଅତ୍ୟଧିକ ପ୍ରଭାବିତ କରିପାରେ।

ଗୋଟିଏ ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ବ୍ୟାଖ୍ୟା କରିବା ଏକ ଜଟିଳ କାମ। ଅତୀତରେ ଗୋଟିଏ ଦେଶ ଅନ୍ୟଠାରୁ ଭଲ କରୁଛି କି ନାହିଁ ତାହା ଉପରେ ବିତର୍କ କରି ଅତୀତରେ ବିଶେଷଜ୍ଞମାନେ ବହି ଲେଖିଛନ୍ତି। କିନ୍ତୁ ସମୟକ୍ରମେ, ଗୋଟିଏ ମୂଲ୍ୟାଙ୍କନ (ମାପଦଣ୍ଡ) ଆଲୋଚନାରେ ପ୍ରାଧାନ୍ୟ ବିସ୍ତାର କରିଛି, ତାହା ହେଉଛି ମୋଟ ଘରୋଇ ଉତ୍ପାଦ ବା ଜିଡିପି, ଯାହା ଗୋଟିଏ ବର୍ଷରେ ଏକ ଦେଶ ମଧ୍ୟରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଓ ସେବା ମୂଲ୍ୟକୁ ସୂଚିତ କରେ। କିଛି ସୁଧାର ସହିତ ଏହା ମଧ୍ୟ ଜନସଂଖ୍ୟାର ସମସ୍ତ ଆୟକୁ ଆକଳନ କରିଥାଏ। ଏହା ହେଉଛି ଏକ ସ୍ୱଷ୍ଟ ମାନଦଣ୍ଡ, ଯାହା ବହୁ ସମୟରେ ଏକ ସୁସ୍ଥ ଅର୍ଥନୀତି ପାଇଁ ଶର୍ଟହ୍ୟାଣ୍ଡ ଭାବେ ବ୍ୟବହାର କରାଯାଏ। ଡିଆନେ କୋୟେଲ ୨୦୧୪ରେ ତାଙ୍କ ପ୍ରକାଶିତ ପୁସ୍ତକରେ ଜିଡିପିର ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଆର୍ଥିକ ନୀତିନିର୍ଦ୍ଧାରଣରେ ଏହାର ଅତ୍ୟାବଶ୍ୟକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚିତ କରିଥିଲେ। ୧୯୩୦ ଦଶନ୍ଧି ପ୍ରାରମ୍ଭରେ ସିମନ କୁଜନେଟ୍‌ସ କହିଥିଲେ ଯେ, ନୀତି ବିତର୍କ ପାଇଁ ନୀତିଗତ ଭାବେ ଜିଡିପି ଉପରେ ବିଚାର ଓ ଆକଳନର ବହୁ ଆବଶ୍ୟକତା ରହିଛି। ରାଜନେତାମାନେ ଉଚ୍ଚା କୋଠାକୁ ଦେଶର ପ୍ରଗତି ଓ ସମୃଦ୍ଧି ଭାବେ ଦର୍ଶାଇ ପାରୁ ନ ଥିଲେ (ଏବେସୁଦ୍ଧା ଅନେକେ ଏମିତି କରୁଛନ୍ତି)। ଏବେ ଗୋଟିଏ ସମୟରେ ଗୋଟିଏ ଦେଶର ଆର୍ଥିକ ପ୍ରଦର୍ଶନ ଉପରେ ଆକଳନ କରିବା ମାନେ ଏହାର ଜିଡିପି ଅଭିବୃଦ୍ଧିକୁ ବୁଝିବା ଓ ପ୍ରଦର୍ଶନ କରିବା। ଏହା ନିଶ୍ଚିତ ଯେ, ଜାତୀୟ ସମୃଦ୍ଧି କିମ୍ବା ସଫଳତା ଆକଳନ କରିବା ପାଇଁ ଅନ୍ୟ ଉପାୟ ସବୁ ରହିଛି। ଯଥା ଜାତିସଂଘର ମାନବ




ବିକାଶ ସୂଚକାଙ୍କ ଏବଂ ବିଶ୍ୱବ୍ୟାଙ୍କର ସହଭାଗୀ ସମୃଦ୍ଧି ସୂଚକାଙ୍କ। କିନ୍ତୁ ଗୋଟିଏ ଅର୍ଥ ବ୍ୟବସ୍ଥା ଅନ୍ୟଠାରୁ ବହୁତ ଭଲ ପ୍ରଦର୍ଶନ କରୁଛି କି ନାହିଁ ତାହା ନିର୍ଣ୍ଣୟ କରିବାବେଳେ ଜିଡିପି (କିମ୍ବା ମୁଣ୍ଡପିଚ୍ଛା ଜିଡିପି) ତ୍ରୁଟିପୂର୍ଣ୍ଣ ମାପଦଣ୍ଡ ହୋଇଥାଏ।

ଏହା ନିଃସନ୍ଦେହ ଯେ, ଆଧୁନିକ ତଥା ବିକଶିତ ଅର୍ଥନୀତିରେ ଜିଡିପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ, ଏହାର ନିୟନ୍ତ୍ରଣ ଦିନକୁ ଦିନ କଠିନ ହୋଇଯାଉଛି। ସମୟକ୍ରମେ, ଏହା ଏକ ଲକ୍ଷ୍ୟ ପାଲଟିଯାଇଛି। ଲମ୍ବା ସମୟ ଧରି ରହିଥିବା ସାମାଜିକ ଓ ଆର୍ଥିକ ଦୁର୍ବଳ ସ୍ଥିତିରୁ ଦୃଷ୍ଟି ହଟାଇବା ପାଇଁ ଜିଡିପି ଅଭିବୃଦ୍ଧି ତଥ୍ୟକୁ ରାଜନେତାମାନେ ବ୍ୟବହାର କରିବାକୁ ସକ୍ଷମ ହୋଇଛନ୍ତି। ଜିଡିପି କୈନ୍ଦ୍ରିକ ନୀତିବିଚାରରେ ବଢୁଥିବା ସମସ୍ୟା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ୨୦୨୧ ରିପୋର୍ଟ 'ଆମ ସାଧାରଣ କାର୍ଯ୍ୟସୂଚୀ'ରେ ପ୍ରକାଶ କରାଯାଇଥିଲା ଏବଂ ବିଶ୍ୱସ୍ତରରେ ନୀତି ନିର୍ଦ୍ଧାରକମାନେ ଏକ ବ୍ୟାପକ ଶ୍ରେଣୀର ପ୍ରଗତି ମାନାଙ୍କ ଗ୍ରହଣ କରିବାକୁ ଏଥିରେ କୁହାଯାଇଥିଲା।

ଏକ ଆର୍ଥିକ ସୂଚକାଙ୍କ ଭାବେ ଜିଡିପିର ତିନୋଟି ଦୁର୍ବଳତା ରହିଛି। ପ୍ରଥମେ, ଦେଶର ମୋଟ ଆୟ ଉପରେ କେବଳ ଗୁରୁତ୍ୱ ଦେଇ ଏହା ବ୍ୟାପକ ସମୃଦ୍ଧିର ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ, ଏପରି କି ଅସମାନତା ବୃଦ୍ଧି ପାଉଥିବା ସମୟରେ ମଧ୍ୟ। ଏପରି କି ବହୁ ସଂଖ୍ୟକ ଲୋକ ଏକ ବିପରୀତ ତଥା ଅନଗ୍ରସର ସ୍ଥିତିରେ ରହିଥିଲେ ମଧ୍ୟ ମୁଣ୍ଡପଛା ଜିଡିପି ବୃଦ୍ଧିକୁ ଦର୍ଶାଯାଇପାରେ। ଜୋଶେଫ ଇ. ଷ୍ଟିଗଲିଜ ୨୦୧୦ରେ ପ୍ରକାଶିତ ତାଙ୍କ ପୁସ୍ତକ 'ଫ୍ରିଫଲ୍'ରେ ଉଲ୍ଲେଖ କରିଥିଲେ ଯେ, ଗୋଟିଏ ବଡ଼ ପିଜା ସମସ୍ତଙ୍କ ପାଇଁ କିମ୍ବା ଅଧିକାଂଶ ଲୋକଙ୍କ ଲାଗି ଆବଶ୍ୟକ ହୁଏ ନାହିଁ, ଏଥିରୁ ଏକ ବଡ଼ ଅଂଶ ନିଆଯାଇପାରେ। ସେହିଭଳି ଅଧିକାଂଶ ଲୋକ ଜିଡିପି ଅଭିବୃଦ୍ଧିରେ କାହାର ଲାଭ ହେଉଛି କି ନାହିଁ ତାହା ଉପରେ ପ୍ରଶ୍ନ ନ ଉଠାଇ ଅଭିବୃଦ୍ଧିକୁ ନେଇ ଉତ୍ସବ ପାଳନ କରନ୍ତି, ଯାହା ସେମାନଙ୍କ ଦେଶ ଅଲିମ୍ପିକ୍ସରେ ମେଡାଲ ଜିତିଲା ଭଳି ଖୁସି ସହ ସମାନ ହୋଇଥାଏ। ୨୦୦୮ରେ ସେତେବେଳର ଫ୍ରାନ୍ସ ରାଷ୍ଟ୍ରପତି ନିକୋଲାସ ସାର୍କୋଜିଙ୍କ ସମେତ ଷ୍ଟିଗଲିଜ ଓ ସେନ୍ ତଥା ଅନ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଗଠନ କରାଯାଇଥିବା କମିଶନ ଅନ୍ ମେଜର୍‌ମେଣ୍ଟ ଅଫ୍ ଇକୋନୋମିକ ପର୍‌ଫର୍ମାନ୍ସ ଆଣ୍ଡ୍ ସୋସିଆଲ ପ୍ରୋଗ୍ରେସ ଦ୍ୱାରା ଏହି ସମସ୍ୟାକୁ ସାମ୍ନାକୁ ଅଣାଯାଇଥିଲା। ଏହାର ଚୂଡ଼ାନ୍ତ ରିପୋର୍ଟରେ ଆୟ ବଣ୍ଟନ ଓ ଅସମାନତାକୁ ଜିଡିପିରେ ସାମିଲ କରିବାର ପଦକ୍ଷେପ ନେବାକୁ କୁହାଯାଇଥିଲା।

ଜିଡିପିର ଦ୍ୱିତୀୟ ଦୁର୍ବଳତା ହେଉଛି ଏହାର ଅତ୍ୟଧିକ ଅଭିବୃଦ୍ଧି ବହୁ ସମୟରେ ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଶଂସା କରେ, ଯାହା ଗଣତାନ୍ତ୍ରିକ ସରକାରକୁ ଦୁର୍ବଳ କରିଥାଏ। ଜଣେ ବିଶେଷ ଧନୀ ଅଧିକ କାର୍, ଘର, ପ୍ଲେନ୍‌ଗୁଡ଼ିକର ମାଲିକ ହୋଇ ଆହୁରି ଅଧିକ ଚାହିଁଥାଏ। ବିଶେଷକରି ସୋସିଆଲ ମିଡିଆ ଓ ଏଆଇ ଯୁଗରେ ଅତ୍ୟଧିକ ଧନର ମାନେ ହେଉଛି ଲୋକଙ୍କ ବିଚାର ଉପରେ ଅନ୍ୟର ଶକ୍ତିଶାଳୀ ସ୍ୱର ଓ ବ୍ୟାପକ ପ୍ରଭାବକୁ ସୂଚିତ କରିବା। ଏକ ପରମ୍ପରାଗତ ସମାଜରେ ଯେତେବେଳେ ଜଣେ ସାମନ୍ତବାଦୀ ମାଲିକ ଏକ ଗ୍ରାମସଭାକୁ ପ୍ରବେଶ କରେ, ସେତେବେଳେ ସଭାରେ ଯୁକ୍ତି କରୁଥିବା ଏବଂ ପରିବର୍ତ୍ତନ ପାଇଁ ପ୍ରାର୍ଥନା କରୁଥିବା ସାଧାରଣ ଲୋକମାନେ ତାଙ୍କ ଆସିବାର କିଛି ସମୟ ପୂର୍ବରୁ ଶାନ୍ତ ହୋଇଯାଆନ୍ତି। ଏହିଭଳି ଗତିଶୀଳତା ଏବେ ବୈଶ୍ୱିକ ସ୍ତରରେ ପ୍ରକାଶ ପାଉଛି। ଏବେ କେତୋଟି ହାତଗଣତି ଲୋକଙ୍କ ପାଖରେ ଧନ ରହିଛି ଏବଂ ଅଧିକ ଅନ୍‌ଲାଇନ ପ୍ଲାଟଫର୍ମ ଅଛି, ଯାହାକୁ ଅନେକ କୋଟି ଲୋକ ବ୍ୟବହାର କରୁଛନ୍ତି ଏବଂ ଦେଖୁଛନ୍ତି। ଫଳରେ ଏମାନଙ୍କ ଦ୍ୱାରା ଅନେକେ ସେମାନଙ୍କ ସ୍ୱର ଅବଦମିତ ହେଉଥିବା ଜାଣିପାରୁଛନ୍ତି। ମନେରଖିବାକୁ ହେବ ଯେ, ବ୍ୟକ୍ତିର ସ୍ୱାଧୀନ ସ୍ୱର ବା ମତ ଏକ ଗଣତାନ୍ତ୍ରିକ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାଧନ।

ଏହା ସ୍ୱଷ୍ଟ ଯେ, ଏବେ ଜାତୀୟ ବିକାଶ ପାଇଁ ନୂଆ ପଦକ୍ଷେପ ନିଆଯିବାର ସମୟ ଉପନୀତ, ଯାହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକୁ ଯେମିତି ଶକ୍ତିଶାଳୀ ନ କରିବ। ଆମେରିକାର ସୁପ୍ରିମକୋର୍ଟ ବିଚାରପତି ଲୁଇସ ବ୍ରାଣ୍ଡିସ ସତର୍କ କରିଦେଇଥିଲେ, ''ଆମର ଏହି ଦେଶରେ ଗଣତନ୍ତ୍ର ଥାଇପାରେ କିମ୍ବା କିଛି ଲୋକଙ୍କ ପାଖରେ ଅତ୍ୟଧିକ ଧନ ଠୁଳ ହୋଇଥାଇ ପାରେ, କିନ୍ତୁ ଆମ ପାଖରେ ଉଭୟ ନ ରହିପାରେ।'' ଶେଷରେ, ଜିଡିପିକୁ ବୃଦ୍ଧି କରାଯାଇପାରେ, ଯାହା ଆଗାମୀ ପିଢ଼ିର କ୍ଷତି କରିବ। ଆମେ କାର୍ଯ୍ୟକ୍ରମ ମଧ୍ୟମରେ ଜିଡିପି ଅଭିବୃଦ୍ଧି ବଢ଼ାଇପାରିବା, ଯାହା ପରିବେଶକୁ କ୍ଷତି କରିବା ସହ ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ତୀବ୍ର କରିବ। ଏହା ଆମ ଆଗାମୀ ପିଢି ପାଇଁ ଏକ କ୍ଷତିଗ୍ରସ୍ତ ପୃଥିବୀ ଛାଡ଼ିଯିବ। ଏହି ଦୃଷ୍ଟିରୁ କେବଳ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପର ଆବଶ୍ୟକତାକୁ ଗ୍ରହଣ କରିବା ଯଥେଷ୍ଟ ହେବ ନାହିଁ। ଏକ ସୁସ୍ଥ ତଥା ପରିବେଶ ଉପଯୋଗୀ ଭବିଷ୍ୟତ ପାଇଁ ଆମେ ଆମ ଅର୍ଥନୀତିର ମଙ୍ଗଳକାରୀ ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସୁଧାର ଆଣିବାକୁ ପଡ଼ିବ, ଯେଉଁଥିରେ ସ୍ଥାୟୀ ସମୃଦ୍ଧି ଆସିପାରିବ।

**-ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ବନ୍ଧୁ ସାଙ୍ଗ ସାଥୀ



ଅଲେଖ ଚନ୍ଦ୍ର ମିଶ୍ର

ବନ୍ଧୁ, ସାଙ୍ଗ ଓ ସାଥୀ ଏ ତିନୋଟି ଏକାର୍ଥ ବୋଧକ ଶବ୍ଦ ହେଲେ ବି ପ୍ରତ୍ୟେକର ମର୍ମ ସ୍ୱତନ୍ତ୍ର। ବନ୍ଧୁ ଏକ ଆକସ୍ମିକତା, ସାଙ୍ଗ ଏକ ସଂଘଟନ ଏବଂ ସାଥୀ ଏକ ଭାବାବେଗ। ବନ୍ଧୁ ଭୁଲି ଯାଏ, ସାଙ୍ଗ ମନେରହେ, ସାଥୀ ମନେପଡ଼େ। ବନ୍ଧୁତା ସୃଷ୍ଟି ହେବା ପାଇଁ ଅନେକ ମାର୍ଗ ରହିଛି ଯଥା ପାରିବାରିକ ସମ୍ପର୍କ ସ୍ଥାପନ, କର୍ମକ୍ଷେତ୍ରରେ ସଂସ୍ପର୍ଶରେ ଆସିବା, ବାଟ ଘାଟରେ ପରିଚିତ ହେବା, ଅସୁବିଧାରେ ସାହାଯ୍ୟ କରିବା, ଅନେକ ବର୍ଷରୁ ଭୁଲିଯାଇଥିବା ପୁରୁଣା ବନ୍ଧୁଙ୍କ ସ୍ମୃତି, ବାରମ୍ବାର ସମ୍ପର୍କରେ ଆସିବା, ବନ୍ଧୁ ମାଧ୍ୟମରେ ବନ୍ଧୁ, ଦେବା ନେବା, ସ୍ନେହ, ପ୍ରେମ, ପସନ୍ଦ ଇତ୍ୟାଦି। ଏଭଳି ଘଟଣା ଆକସ୍ମିକ ଘଟେ ଏବଂ ସେଥିରୁ ବନ୍ଧୁତାର ସୂତ୍ରପାତ ହୁଏ। ଶାସ୍ତ୍ର ଅନୁସାରେ ଅଜଣା ଲୋକଟି ସହିତ ସାତ ପାଦ ଚାଲିଲେ କିମ୍ବା ସାତ ପଦ କଥା ହେଲେ ବନ୍ଧୁତା ସୃଷ୍ଟି ହୋଇଯାଏ (ପ୍ରାହୁ ସାପ୍ତପଦିଂ ମୈତ୍ରିଂ)। ବନ୍ଧୁତାର ଷଡ଼ବିଧ ଲକ୍ଷଣ ହେଲା, ଦବା ନବା, ଗୁପ୍ତକଥା କହିବା ଶୁଣିବା, ଖାଇବା ଖୋଇବା। ବିପଦ ଆପଦ ଭଲ ମନ୍ଦରେ ସହାୟତାର ହାତ ବଢ଼େଇବା, ଖୋଜିବା ଲୋଡ଼ିବା ବନ୍ଧୁତାର ସଂକେତ। ବନ୍ଧୁ ପାଇଁ ଜୀବନ ଦେବାର ଦୃଷ୍ଟାନ୍ତ ଯେପରି ବହୁଳ ବନ୍ଧୁ ପ୍ରତି ବିଶ୍ୱାସଘାତକତା କରିବାର ନଜିର ବି ସେହିପରି ଅନେକ। ବନ୍ଧୁତାକୁ ଅତୁଟ ରଖିବା ପାଇଁ ମହାବୀର କର୍ଣ୍ଣ ନିଜର ସହୋଦର ଭାଇଙ୍କଠାରୁ ଦୂରେଇ ଯାଇ ଅକାଳ ମୃତ୍ୟୁକୁ ଆଦରି ନେଲେ ପଛକେ ଦୁର୍ଯ୍ୟୋଧନ ସହିତ ବନ୍ଧୁତାକୁ ଛିନ୍ନ କଲେନାହିଁ। ବନ୍ଧୁ ପାଇଁ ଜୀବନ ଉତ୍ସର୍ଗ ଉପରେ ଆଧାରିତ ଗ୍ରୀକ୍ ସାହିତ୍ୟର ଲୋକପ୍ରିୟ କାହାଣୀ ଡାମନ ଓ ପିଥିୟାସ ଏବଂ ବନ୍ଧୁକୁ ମୃତ୍ୟୁମୁଖକୁ ଠେଲିଦେବା ଭଳି ସଂସ୍କୃତ ଗଳ୍ପ ସସେମିରା କଥା ବନ୍ଧୁତାର ଉଭୟ ପାର୍ଶ୍ୱର କାଳଜୟୀ ଦୃଷ୍ଟାନ୍ତ ହୋଇ ରହିଯାଇଛି। ମାଙ୍କଡ଼ କୁମ୍ଭୀର କଥା ତ ଚିର ସ୍ମରଣୀୟ। ବନ୍ଧୁତା ଭଳି ଏକ ପବିତ୍ର ସମ୍ପର୍କ ଭିତରେ ବିଶ୍ୱାସଘାତକତା ଆଶା କରା ଯାଏନା, କିନ୍ତୁ ସେପରି ଘଟେ ଯେତେବେଳେ ତା' ଭିତରକୁ ସ୍ୱାର୍ଥ ପଶି ଆସେ।

ସାଙ୍ଗ ମିଳନ୍ତି ମୁଖ୍ୟତଃ କୈଶୋର ଅବସ୍ଥାରେ। ଯେତେବେଳେ ବିଦ୍ୟାଳୟରେ ପିଲାଟିର ନାମ ଲେଖାଯାଏ ସେବେଠାରୁ ସେ ତା' ଭଳି ଅନେକ ପିଲାଙ୍କ ସଂସ୍ପର୍ଶରେ ଆସେ ଯେଉଁମାନଙ୍କ ସହିତ ବିଶେଷ କରି ଏକା ଶ୍ରେଣୀରେ ପଢୁଥିବା ପିଲାଙ୍କ ସହିତ ନିତି ଚଳ ପ୍ରଚଳ ଓ ଭାବର ଆଦାନ ପ୍ରଦାନ ମଧ୍ୟରେ ଯେଉଁ ସାଙ୍ଗମାନେ ସୃଷ୍ଟି ହୁଅନ୍ତି ବିଦ୍ୟାଳୟ ଛାଡ଼ିଲା ପରେ ବି ଅନେକ ବର୍ଷ ପର୍ଯ୍ୟନ୍ତ ସେମାନେ ମନେରହନ୍ତି। ଘଟଣା ଚକ୍ରରେ ଏକା ସମୟରେ ଏକା ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ମିଳି ଥିବାରୁ ଏପରି ସାଙ୍ଗ ହେବା ସମ୍ଭବ ହୁଏ। ସ୍କୁଲକୁ ଯାଇ ନ ଥିବା ସମ ବୟସର ପିଲାମାନେ ବି ପରସ୍ପରର ସଂସ୍ପର୍ଶରେ ଆସି ସାଙ୍ଗ ହୁଅନ୍ତି। କାଳକ୍ରମେ ସେମାନଙ୍କର ସ୍ମୃତି ଝାପ୍ସା ହୋଇ ଆସେ ଏବଂ ଶେଷରେ ଆଉ ମନେପଡେନା। ଏହିଭଳି ସାଙ୍ଗ ଥିଲେ ପ୍ରଭୁ ଶ୍ରୀକୃଷ୍ଣ ଓ ସୁଦାମା। ପରସ୍ପରଠାରୁ ବିଚ୍ଛିନ୍ନ ହେଲା ପରେ ଯିଏ ଯାହା କର୍ମରେ ବ୍ୟସ୍ତ ରହି ସବୁ ଭୁଲି ଯାଇଥିଲେ ବି ପୁରୁଣା ସ୍ମୃତି ଉଭୟଙ୍କର ମନରେ ଥିଲା ଏବଂ ଆକସ୍ମିକ ସାକ୍ଷାତ୍‌ରେ ପୁନରୁଜ୍ଜୀବିତ ହୋଇ ପରସ୍ପରକୁ ଅତୁଟ ବନ୍ଧନରେ ବାନ୍ଧି ଦେଇଥିଲା। ଅଥଚ ସେହିଭଳି ଏକା ସ୍ଥିତିରେ ସାଙ୍ଗ ଥିଲେ ବି ମହାରାଜା ଦ୍ରୁପଦ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମଧ୍ୟରେ ଅନେକ ବର୍ଷର ବ୍ୟବଧାନ ପରେ ଯେତେବେଳେ ଭେଟ ହେଲା ସେ ପରିସ୍ଥିତି ଥିଲା ସମ୍ପୂର୍ଣ୍ଣ ବିପରୀତ। ଦ୍ରୁପଦ ନିଜ ସାଙ୍ଗ ଦ୍ରୋଣାଚାର୍ଯ୍ୟଙ୍କୁ ଚିହ୍ନି ବି ଚିହ୍ନିଲେନି, ବରଂ ଅପମାନିତ କରି ବିଦା କରିଦେଲେ। ଏହା ହେଉଛି ସାଙ୍ଗ ସମ୍ପର୍କର ଦୁଇଟି ପାର୍ଶ୍ୱ ' ଯାହା ଏବେ ବି କଦାଚିତ ଅନୁଭୂତ ହୁଏ। କିନ୍ତୁ ବନ୍ଧୁ କଣ ନ ଜାଣି, ସାଙ୍ଗ କଣ ନ ବୁଝି ଶିଶୁଟିଏ ସମ ବୟସ୍କ ସହିତ ଯେଉଁ ଅନାବିଳ ଭବାବେଗରେ ବାନ୍ଧି ହୋଇପଡେ ସେ ହୁଏ ସାଥୀ। ତାକୁ ଭୁଲି ହୁଏନା, କାରଣ ସେ ହୃଦୟରେ ଥାଏ। ତା' ଭିତରେ ରାଗ, ରୁଷା, ଅଭିମାନ, ଦୁଇ ହାତର ବିଶି ଆଙ୍ଗୁଠିକୁ ଛକି ପକେଇ କଟି, ଡବଲ କଟି ପୁଣି କୁଟାଖଣ୍ଡକୁ ବା ଦୁବଘାସଟିକୁ ଛିଣ୍ଡେଇ ଦେଲେ କଟିଯାଏ ଫିଟି, ସମସ୍ତେ ହୁଅନ୍ତି ଏକାଠି। କେତେ ଅନାବିଳ ସେ ସଂପର୍କ। ସାଥୀର ମୂଲ୍ୟ ନ ବୁଝିବି ସେମାନେ ସାଥୀ, ଶୈଶବର ସାଥୀ, ବାଲ୍ୟସାଥୀ। ସେ ସାଥୀ ଜୀବନ ସାଥୀ ହୋଇ ପାରେନା, କିନ୍ତୁ ତା'ର ସ୍ମୃତି ଏତେ ମଧୁର ଯେ କଞ୍ଚା ସିଲଟରେ ପଡ଼ିଥିବା ଗାରଟିଏ ପରି ଜୀବନ ସାରା ଅଲିଭା ରହିଯାଏ।

ମୋ:୯୪୩୮୬୭୩୮୯୮

## ଏଇ ଭାରତରେ

ମହାରାଷ୍ଟ୍ରର ପଚେଗାଁଓ ଗ୍ରାମ ନିକଟରେ ପ୍ରବାହିତ ବିମଲ ନଦୀ ବର୍ଷାଦିନ ପରେ ପ୍ରାୟତଃ ଶୁଖିଲା ରହୁଥିଲା। କାରଣ ଏହା ବର୍ଜ୍ୟ ଓ ପଙ୍କରେ ପୋତିହୋଇ ଯାଇଥିଲା। ଏହା ଯୋଗୁ ଲୋକମାନେ ଗାଁ ଛାଡ଼ି କୋହ୍ଲାପୁର, ପୁଣେ ଏବଂ ପଶ୍ଚିମ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳକୁ କାମ ଅନ୍ୱେଷଣରେ ୬୯ ପ୍ରତିଶତ ଲୋକ ଚାଲି ଯାଆନ୍ତି। ଏହି ଗାଁରେ ୪୫୦ ପରିବାର ରୁହନ୍ତି। କିନ୍ତୁ ଏବେ ନଭାଙ୍ଗ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ତତ୍ତ୍ୱାବଧାନରେ ଏବଂ ଗ୍ରମବାସୀଙ୍କ ସହଯୋଗରେ ଗାଁ ନିକଟରେ ଥିବା ନଦୀର ପୁନରୁଦ୍ଧାର ହୋଇପାରିଛି। ଏହି ଫାଉଣ୍ଡେଶନର ପ୍ରତିଷ୍ଠାତା ହେଉଛନ୍ତି ରାଜଶ୍ରୀ ଦେଶପାଣ୍ଡେ ଏବଂ ଉପଦେଷ୍ଟା ଭାବେ ଜଳ ବିଶେଷଜ୍ଞ ଡ. ସୁମନ୍ତ ପାଣ୍ଡେ ରହିଛନ୍ତି। ନଦୀଟି ପୂରା ପୋତି ହୋଇପଡ଼ିଥିଲା। ସେଥିରେ ବର୍ଜ୍ୟ ଓ ପଙ୍କ ବାହାର କରାଯିବା ପରେ ଜଳ ପ୍ରବାହିତ ହେଉଛି। ଗାଁର ଲୋକେ କାମ ପାଇଁ ଆଉ ବାହାରକୁ ନ ଯାଇ ଚାଷ କରୁଛନ୍ତି, ଯାହାଦ୍ୱାରା ବାହାରକୁ ଚାଲିଯାଉଥିବା ଲୋକଙ୍କ ସଂଖ୍ୟା ୫୧ ପ୍ରତିଶତ କମିଯାଇଛି। ଗାଁର ଲୋକେ ଏବେ ଯଅ ଓ ବାଜରା ଚାଷ କରୁଛନ୍ତି। ପାଖାପାଖି ୪୦୪ ଏକର ଜମିକୁ ଜଳସେଚନ ସୁବିଧା ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩୦ ମେ ୧୯୭୬

- ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ତଥା ଜନୈକ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ସିଂହ ତାଲିବ୍‌ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ମାର୍କିନ କଥାଚିତ୍ର 'ଟ୍ୟାକ୍‌ସି ଡ୍ରାଇଭର' କାନ୍ସ ଅନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ସର୍ବୋଚ୍ଚ ପୁରସ୍କାର ଲାଭ କରିଛି।
- ଗୋଲାନ ହାଇଟ୍ସରେ ଜାତିସଂଘ ବାହିନୀର ଅବସ୍ଥାପନ ସଂକ୍ରାନ୍ତ ନିଷ୍ପତ୍ତିର ମିଆଦକୁ ୬ ମାସ ବଢ଼ାଇ ଦିଆଯିବା ନିମିତ୍ତ ଏକ ପ୍ରସ୍ତାବ ଜାତିସଂଘ ନିରାପତ୍ତା ପରିଷଦ ଦ୍ୱାରା ଅନୁମୋଦିତ।

# ଜଳବାୟୁ ପରିବର୍ତ୍ତନ ଓ ବୟସ୍କ ବିଶ୍ୱ



ଭାରତୀ ଚକ୍ର

ପୃଥିବୀର ପ୍ରାୟ ସବୁ ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ଓ ଅନୁପାତ ବୃଦ୍ଧି ପାଉଛି। ଇତିହାସରେ ପ୍ରଥମ ଥର ପାଇଁ ୨୦୧୮ରେ ବିଶ୍ୱରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୫ ବର୍ଷରୁ କମ୍ ବୟସର ପିଲାଙ୍କ ସଂଖ୍ୟାଠାରୁ ଅଧିକ ଥିଲା। ୨୦୫୦ ବେଳକୁ ବିଶ୍ୱରେ ପ୍ରତି ୫ ଜଣଙ୍କ ମଧ୍ୟରୁ ଜଣେ ୬୦ ବର୍ଷରୁ ଅଧିକ ବୟସ୍କ ହେବେ ଏବଂ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ବୟସ୍କ ଲୋକ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ରହିବେ। ଭାରତରେ ୨୦୫୦ ମସିହାରେ ମୋଟ ଜନସଂଖ୍ୟାର ୨୦ ପ୍ରତିଶତଙ୍କ ବୟସ ୬୦-୯୯ ବର୍ଷ ହେବ। ସାରା ବିଶ୍ୱରେ ବୟସ୍କ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଏବଂ ସାମାଜିକ, ରାଜନୈତିକ ତଥା ଜଳବାୟୁ ପରିବର୍ତ୍ତନର ଏକ ବିରାଟ ପ୍ରଭାବ ଏହି ବର୍ଗ ଉପରେ ପଡ଼ିବାକୁ ଯାଉଛି। ଆଉ ଟିକେ ସରଳ ଭାବରେ ବୁଝିବାକୁ ହେଲେ ଏପରି କହିପାରିବା। ଧରାଯାଉ ୨୦୧୧ ଜନଗଣନା ଅନୁସାରେ ଭାରତରେ ବୟସ୍କ ଲୋକଙ୍କ ସଂଖ୍ୟା ଥିଲା ପ୍ରାୟ ୧୦ଭାଗ ଓ ୨୦୫୦ରେ ତାହା ଦ୍ୱିଗୁଣିତ ହେବାକୁ ଯାଉଛି ଅର୍ଥାତ୍ ୨୦ ଭାଗ। ଆମ ଘରେ ଯଦି ୨୦୧୧ରେ ବା ଏବେ ୨ ଜଣ ବୟସ୍କ ଲୋକ ଅଛନ୍ତି ତେବେ ୨୦୫୦ରେ ୪ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଥିବେ। ସେ ଦୃଷ୍ଟିରୁ ଦେଖିଲେ ଘରର ଅର୍ଥନୀତି, ଦୈନନ୍ଦିନ ଆବଶ୍ୟକତା, ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ସବୁ କିଛି ଉପରେ ତାହାର ପ୍ରଭାବ ପଡ଼ିବ ଓ ସମାନ ପ୍ରଭାବ ଭାରତ ତଥା ସାରା ବିଶ୍ୱ ଉପରେ ମଧ୍ୟ ଆକଳନ କରାଯାଇପାରେ। ବୈଷୟିକ ଜ୍ଞାନକୌଶଳର ବିକାଶ ଓ ବ୍ୟବହାର, ଉନ୍ନତ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଆଦି ମନୁଷ୍ୟର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ସମ୍ଭାବ୍ୟ ଜୀବନକାଳ ବା ଲାଇଫ୍ ଏକ୍ସପେକ୍ଟାନ୍ସିରେ ଉନ୍ନତି ଆଣିଛି। ସ୍ୱାଧୀନତା ସମୟରେ ହାରାହାରି ଆୟୁଷ ୩୨ ବର୍ଷ ଥିବା ବେଳେ ଭାରତରେ ବର୍ତ୍ତମାନ ହାରାହାରି ଆୟୁଷ ୬୨ ବର୍ଷ। ତା' ସହ ପ୍ରଜନନ ହାର କମିଚାଲିଛି। ଏ ସବୁର ମିଳାମିଶା ପ୍ରଭାବ ହେଉଛି ବୟସ୍କମାନଙ୍କର ସଂଖ୍ୟାରେ ବୃଦ୍ଧି। ବୟସ୍କ ଲୋକଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଅଧିକ ସୂକ୍ଷ୍ମ ଭାବରେ ବୁଝିବାର ଆବଶ୍ୟକତା ରହିଛି। କାରଣ ୬୦, ୭୦, ୮୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କ ଆଚରଣ ଏବଂ ଆବଶ୍ୟକତାର ଅନନ୍ୟ ଏବଂ ଭିନ୍ନ ଢାଞ୍ଚା ଥାଇପାରେ। ହେଲ୍‌ଦି ଏଜିଙ୍ଗ ବା ସୁସ୍ଥ ବାର୍ଦ୍ଧକ୍ୟ କହିଲେ ଆମେ ସାଧାରଣ ଭାବେ ବୁଝିବା ଜଣେ ବ୍ୟକ୍ତି ମାନସିକ ଓ ଶାରୀରିକ ଭାବେ ନିଜର ସାଧାରଣ ଦୈନନ୍ଦିନ ଆବଶ୍ୟକତା ପୂରଣ କରିପାରୁଥିବେ। ଅର୍ଥାତ୍ ନିଜର ନିତ୍ୟକର୍ମ ବିନା ସହାୟତାରେ ସମାପନ କରିପାରୁଥିବେ, ନିଜର ନିତିଦିନିଆ ମୌଳିକ ଆବଶ୍ୟକତା ପାଇଁ ଅନ୍ୟ ଉପରେ ନିର୍ଭର କରୁ ନ ଥିବେ, ବୁଝିବିଚାରି ନିଜ ନିଷ୍ପତ୍ତି ନିଜେ ନେଇପାରୁଥିବେ, ନିଜେ ବିନା ସହାୟତାରେ ଚଳପ୍ରଚଳ କରିପାରୁଥିବେ, ଜନସମ୍ପର୍କ ରକ୍ଷା କରିପାରୁଥିବେ ତଥା ସମାଜ ପ୍ରତି ତାଙ୍କର କିଛି ଅବଦାନ ଥିବ। ଏସବୁ ସ୍ଥିତିରୁ କେଉଁଟି ଯଦି କୌଣସି କାରଣରୁ ପୂରଣ ନ ହୋଇପାରିଲା ତେବେ ଆମେ ତାହାକୁ ଅସୁସ୍ଥ ବୋଲି ଗଣନା କରିପାରିବା। ଏ ଦିଗରୁ ବିଚାରକଲେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ବନାଗ୍ନି, ମରୁଡ଼ି, ବନ୍ୟା, ବାତ୍ୟା, ବାୟୁର ଗୁଣବତ୍ତା ତଥା ପରିବେଶ ସମ୍ବେଦନଶୀଳ ସଂକ୍ରମଣ ଆଦି ଅନେକ କ୍ଷେତ୍ରରେ ବୟସ୍କ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବିକାକୁ ମଧ୍ୟ ବାଧାପ୍ରାପ୍ତ କରେ।



ତା' ସହ ଏହା ସେହି ବୟସ୍କ ବ୍ୟକ୍ତିଙ୍କ ପରିବାର, ସମାଜ ତଥା ରାଜ୍ୟ ବା ଦେଶ ଉପରେ ମଧ୍ୟ ଅନେକ ଚାପ ସୃଷ୍ଟି କରିଥାଏ। କିନ୍ତୁ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ନେଇ ହେଉଥିବା ବିତର୍କରେ ବୃଦ୍ଧାବସ୍ଥା ଉପରେ ଏହାର ପ୍ରଭାବ ତଥା ସମଗ୍ର ବିଶ୍ୱ ଉପରେ ତଜ୍ଜନିତ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପ୍ରଭାବ ବିଷୟରେ ଆଲୋଚନାକୁ ସେଭଳି ଗୁରୁତ୍ୱ ବା ପ୍ରାଧାନ୍ୟ ଦେବା ଦେଖିବାକୁ ମିଳୁନାହିଁ। ଏହା ସର୍ବବିଦିତ ଯେ ଋଣ ବୋଝ ବୃଦ୍ଧି, ଖରାପ ପ୍ରାକୃତିକ ପରିବେଶ ଏବଂ ବିକାଶ ସୂଚକାଙ୍କରେ ମନ୍ଥର ଅଗ୍ରଗତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକ, ଜଳବାୟୁଜନିତ ଅଧିକ ବିପଦ ଏବଂ ଉଚ୍ଚ ସାମାଜିକ, ଅର୍ଥନୈତିକ ଦୁର୍ବଳତାର ସମ୍ମୁଖୀନ ହେବେ। ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ିବ ନାହିଁ। ତେଣୁ ସଜାଗ ହେବାର ସମୟ ଆସିଯାଇଛି। ନିରନ୍ତର ବିକାଶ ପାଇଁ ୨୦୩୦ କାର୍ଯ୍ୟସୂଚୀରେ ୧୭ଟି ପରସ୍ପର ସହ ଜଡ଼ିତ ବିଶ୍ୱ ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ର ରୂପରେଖ ଦିଆଯାଇଛି ଯାହା କି ସମସ୍ତଙ୍କ ପାଇଁ ଏକ ଉନ୍ନତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ହାସଲକରିବା ପାଇଁ ବ୍ଲୁପ୍ରିଣ୍ଟ ଭାବରେ ପ୍ରସ୍ତୁତ କରାଯାଇଛି। ତେବେ କ୍ଷମତା, ଦକ୍ଷତା ଓ ସମ୍ବଳର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇଥିବାରୁ ଅନେକ ନିମ୍ନ ଓ ମଧ୍ୟମ ଆୟକରୀ ଦେଶ ୨୦୩୦ ସୁଦ୍ଧା ଏସ୍‌ଡିଜି ହାସଲ କରିବାର ସମ୍ଭାବନା ନାହିଁ। ନିମ୍ନ ଏବଂ ମଧ୍ୟମ ଆୟକରୀ ଦେଶଗୁଡ଼ିକ ବୟସ୍କ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୁର୍ବଳ ଏବଂ ଅଳ୍ପ ସମ୍ବଳଯୁକ୍ତ ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନ ବ୍ୟବସ୍ଥା ସହ ସଂଘର୍ଷ କରୁଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିରୋଧରେ ଲଢ଼ିବାକୁ ଅସମର୍ଥ। ବାସ୍ତବରେ ୭୫ ପ୍ରତିଶତ ନିମ୍ନ ଓ ମଧ୍ୟମ ଆୟକରୀ ଦେଶରେ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ଯତ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ପାଇଁ କୌଣସି ତଥ୍ୟ ନାହିଁ। ଭିତ୍ତିଭୂମି ଏବଂ ସେବା ଯୋଗାଣ ଏବଂ ଚାହିଦା ମଧ୍ୟରେ ଅସମାନତା ଏଡ଼ାଇବା ପାଇଁ ବାର୍ଦ୍ଧକ୍ୟ ସହ ଜଡ଼ିତ ଦ୍ରବ୍ୟ ଏବଂ ସେବାର ଚାହିଦାର ଧାରାକୁ ବୁଝିବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପାରିବାରିକ ଢାଞ୍ଚାକୁ ପ୍ରଭାବିତ କରିବ। ଆୟ, ସମ୍ପତ୍ତି, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ଝଟକା ଲାଗିବ, ବୟସ୍କ ଲୋକମାନଙ୍କର ଯତ୍ନ ନେବାର କ୍ଷମତା ହ୍ରାସ କରିବ। ଏକଥା ମଧ୍ୟ ମନେରଖିବାକୁ ହେବ ଯେ, ବୟସ୍କ ଲୋକଙ୍କ ବିନା ଜଳବାୟୁ କାର୍ଯ୍ୟ ସଫଳ ହୋଇପାରିବ ନାହିଁ। ପୁରୁଣା ପିଢ଼ି ତୁଳନାରେ ଯୁବପିଢ଼ି ଏବେ ଅଧିକ ଶିକ୍ଷିତ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଅଧିକ ସଚେତନ। କିନ୍ତୁ ବୟସ୍କ ଲୋକମାନେ ବାସ୍ତବରେ ଜଳବାୟୁ କିପରି ସେମାନଙ୍କ ସମ୍ପ୍ରଦାୟକୁ ପ୍ରଭାବିତ କରିପାରେ, ସାମାଜିକ ଭାବରେ ସଂଯୁକ୍ତ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ନୈତିକ ଅଧିକାର ଧାରଣ କରିପାରେ, ସେ ବିଷୟରେ ବିବିଧ ଅନୁଭୂତି ଏବଂ ଜ୍ଞାନ ଧାରଣ କରନ୍ତି। ଦ୍ରୁତ ବୃଦ୍ଧାବସ୍ଥା ଦେଇ ଗତି କରୁଥିବା ଦେଶଗୁଡ଼ିକରେ ସାମଗ୍ରୀ ଏବଂ ସେବାର ଚାହିଦା ଉପରେ ବାର୍ଦ୍ଧକ୍ୟର ପ୍ରଭାବ ବିଷୟରେ ଆଇପିସିସି ଏ ପର୍ଯ୍ୟନ୍ତ ବିଚାର କରୁନାହିଁ। ଜୀବନର ବିଭିନ୍ନ ପର୍ଯ୍ୟାୟରେ ବିଳାସପୂର୍ଣ୍ଣ କାର୍ବନ ନିର୍ଗମନଠାରୁ ଅତ୍ୟାବଶ୍ୟକ କାର୍ବନ ନିର୍ଗମନକୁ ପୃଥକ୍ କରିବା ପାଇଁ ବୟସ ସହ ଉଚ୍ଚ କାର୍ବନ ଦ୍ରବ୍ୟ ଏବଂ ସେବାର ଆବଶ୍ୟକତା କିପରି ବିକଶିତ ହୁଏ ତାହା ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ବର୍ତ୍ତମାନ ଭାରତ ତଥା ସାରା ବିଶ୍ୱରେ ନୂତନ ବୟସ୍କ ନୀତି ବିକଶିତ କରିବା ଆହୁରି ଜରୁରୀ ହୋଇପଡିଛି, ଯାହା ବୟସ୍କ ଲୋକଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଜଳବାୟୁ ଓ ଅନ୍ୟାନ୍ୟ ପରିବେଶଜନିତ ବିପଦର ଆକଳନ କରି ଏକ ସୁନ୍ଦର ଭବିଷ୍ୟତ ବିଶ୍ୱର ପରିକଳ୍ପନାକୁ ସାକାର ରୂପ ପ୍ରଦାନ କରିପାରିବ।

ମୋ: ୭୯୭୮୫୦୧୧୫୧

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | 5 | | | | | 8 | | 3 |
| | 3 | | | | | | | 1 |
| | 7 | | 5 | | 9 | | 2 | 4 |
| 3 | 9 | | 4 | | | | | |
| 1 | 8 | | | | | | | 9 |
| 7 | | | 6 | | | | | |
| | | | | | 8 | | 1 | |
| | | | | 5 | 4 | | 9 | 7 |
| | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 8 | 5 | 2 | 4 | 7 |
| 4 | 1 | 5 | 3 | 7 | 2 | 6 | 9 | 8 |
| 8 | 2 | 7 | 4 | 9 | 6 | 5 | 1 | 3 |
| 3 | 8 | 6 | 9 | 2 | 7 | 1 | 5 | 4 |
| 7 | 5 | 4 | 6 | 1 | 8 | 9 | 3 | 2 |
| 2 | 9 | 1 | 5 | 3 | 4 | 7 | 8 | 6 |
| 9 | 4 | 2 | 7 | 5 | 3 | 8 | 6 | 1 |
| 5 | 6 | 8 | 2 | 4 | 1 | 3 | 7 | 9 |
| 1 | 7 | 3 | 8 | 6 | 9 | 4 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ଖେଳପଡ଼ିଆ

ମହାଶୟ,

ଭଦ୍ରକ ଜିଲାର ସାବରଙ୍ଗ ଗ୍ରାମପଞ୍ଚାୟତ ଅଧୀନରେ କୁଶପଦା ନାମକ ଏକ ପଡ଼ିଆ ଅଛି । ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଦରକାରୀ ହୋଇପଡିଛି । ଏହା ଛୋଟ ଛୋଟ ଖାଲଖମା ଓ ଅନାବନା ଗଛରେ ପରିପୂର୍ଣ୍ଣ । ଏଣୁ ଏହା କୌଣସି ସମୟରେ ଖେଳ ଉପଯୋଗୀ ହୋଇପାରୁନି । ସୁତରାଂ ଏହି ପଡିଆଟିର ଉନ୍ନତୀକରଣ ହୋଇପାରିଲେ ସ୍ଥାନୀୟ ପିଲାମାନେ ଖେଳିବାର ସୁଯୋଗ ପାଇପାରନ୍ତେ । ଏଥିପ୍ରତି ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଯଥାଶୀଘ୍ର ଏହି ଖେଳପଡ଼ିଆର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

## ଚିରନ୍ତନୀ

ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ ସେ କେଉଁ ଉର୍ବଶୀ
ପାରେ ଜିଣି ଗରବିଣୀ !
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ

ଝୁମ୍ପୁରୀ,୨୯।୫(ସରୋଜ ନାୟକ): ଦଶରଥପୁର ବ୍ଲକ ଅଧୀନ କଟିକଟା ପଞ୍ଚାୟତସ୍ଥିତ ନିରାକ୍ଷୀ ମନ୍ଦିର ସମ୍ମୁଖରେ ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ମହାଯଜ୍ଞରେ ଶହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରତିଦିନ ପ୍ରବଚନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଯଜ୍ଞରେ ମହେଶ୍ୱର ପଣ୍ଡା ଓ କାମିନୀ ପଣ୍ଡା କର୍ତ୍ତାଭାବେ ସଙ୍କଳ୍ପ କରିଥିଲେ। ଯଜ୍ଞର ଉଦ୍‌ଯାପନୀ ଦିବସରେ ଭାଜପା ନେତା ସଂଗ୍ରାମ କେଶରୀ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ମନୋଜ ପରିଡ଼ା ଓ ଅକ୍ଷୟ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

### ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

ଝୁମ୍ପୁରୀ,୨୯।୫(ସରୋଜ ନାୟକ): ଦଶରଥପୁର ବ୍ଲକ କଟିକଟା କେସି ବେହେରା ନୋଡାଲ୍ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ଦଶରଥପୁର ବ୍ଲକର ପୂର୍ବତନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରମୁଖ ଅକ୍ଷୟ ମହାନ୍ତି(ଧିରୁଭାଇ)ଙ୍କ ୬୦ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଶିକ୍ଷକତା ସହ ବ୍ଲକରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକୁ ସେ ସୁଚାରୁରୂପେ ଆଗେଇ ନେଇଥିଲେ। ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତାଭାବେ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିବାରେ ସେ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ତଳିହା ରାମବାଗ ପାଳଦା ସ୍ଥିତ ତାଙ୍କ ବାସଭବନରେ ସଂଘର କାର୍ଯ୍ୟକର୍ତ୍ତା, ଭାଜପା କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ବାସଭବନ ସନ୍ନିକଟରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କାଏମା,୨୯।୫(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ କାଏମା ପଞ୍ଚାୟତ ଅନନ୍ତପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ନାଥ ବେହେରାଙ୍କ ୬୦ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ ୧୯୮୭ରୁ ଶିକ୍ଷକତା ଆରମ୍ଭ କରି ୨୦୨୫ ଫେବୃଆରୀ ୨୫ରେ ଅବସର ଗ୍ରହଣ କରିଥିଲେ। ଗତ ମଙ୍ଗଳବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିଲେ। ଅପରାହ୍ନରେ ମରଶରୀର ଆସି କାଏମାରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇଥିଲା।



ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ମାନଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସତ୍ୟବ୍ରତ ବେହେରା ମୁଖାଗ୍ନି ଦେଇଥିଲେ।

# ପାଣିକୋଇଲି, କଡମାରେ ପ୍ରତିଷ୍ଠା ହେବ ସର୍ବବୃହତ୍ ଶସ୍ୟ ଭଣ୍ଡାର

- ୨.୫୭ କୋଟି ଟଙ୍କାର ପ୍ରକଳ୍ପକୁ ଏନ୍‌ବିସିସି ନିର୍ମାଣ କରିବ
- ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପାକ୍ସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

ଯାଜପୁର,୨୯।୫(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲାରେ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ଏବଂ ଧାନ ସଂଗ୍ରହ କେନ୍ଦ୍ର(ପିପିସି) ସଂଖ୍ୟା ତୁଳନାରେ ଆବଶ୍ୟକ ଶସ୍ୟ ଭଣ୍ଡାର ବା ଗୋଦାମ ଗୃହ ନ ଥିବାରୁ ମଣ୍ଡିରେ ଧାନ ପଡି ରହୁଥିବା ପୂର୍ବରୁ ବହୁ ନଜିର ରହିଛି। ଫଳରେ ମିଲର୍ସମାନଙ୍କ ମନମାନି ସହ ନିର୍ଦ୍ଦିଷ୍ଟ ସମୟରେ ଧାନ ଉଠାଣରେ ବିଫଳ ହେଉଥିବାରୁ ତାହା ଚାଷୀଙ୍କ ପାଇଁ କାଳ ହୋଇଛି। ଏହିକ୍ରମରେ ଯାଜପୁର ଜିଲାର ପାଣିକୋଇଲି ଏବଂ କଡମାଠାରେ ସମବାୟ କ୍ଷେତ୍ରରେ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା ଅଧୀନରେ ଗୋଦାମ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ଏହି ଗୋଦାମ ଗୃହର କ୍ଷମତା ୫ଶହ ମେଟ୍ରିକ ଟନ୍(ଏମଟି) ଲେଖାଏଁ ହେବ । ପ୍ରଥମ ପର୍ଯ୍ୟାୟରେ ପାଣିକୋଇଲି ପାଇଁ ୧ କୋଟି ୧୪ ଲକ୍ଷ ୧୩ ହଜାର ୧୦୦ ଟଙ୍କା ଏବଂ କଡମା ଗୋଦାମ ଗୃହ ପାଇଁ ୧ କୋଟି ୪୩ ଲକ୍ଷ ୧୫ ହଜାର ୪୩୦ ଟଙ୍କା ଖର୍ଚ୍ଚ କରାଯିବ। ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ବିସିସି)କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ଚାଷୀଙ୍କ ନିକଟରୁ ଧାନ କିଣାକୁ ସହଜ କରିବାକୁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଓ ତଦୂର୍ଦ୍ଧ୍ୱ ନୂତନ ପାକ୍ସ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ୨ ଦିନ ମଧ୍ୟରେ ଆବଶ୍ୟକ ତଦନ୍ତ କରି ସମ୍ଭାବ୍ୟ ରିପୋର୍ଟ ଦାଖଲ କରିବାକୁ ଡିଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

ଧାନ ଉତ୍ପାଦନକୁ ଦୃଷ୍ଟିରେ ରଖି ୨୦୧୯-୨୦ ବର୍ଷରେ ୱେର ହାଉସ ଇନ୍‌ଫ୍ରାଷ୍ଟ୍ରକ୍ଚର ଫଣ୍ଡ (ଡବ୍ଲ୍ୟୁଆଇଏଫ୍)ରେ ୨ଶହଟି ଖାଦ୍ୟଶସ୍ୟ ଗୋଦାମ ଗୃହ ନିର୍ମାଣ କରିବାକୁ ଯୋଜନା ରହିଥିଲା। ଏହାବାଦ୍ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ (ଆରଇଡିଏଫ୍)ରେ ରାଜ୍ୟରେ ୪୭ଟି ଏବଂ ନ୍ୟାଶନାଲ କୋଅପରେଟିଭ ଡେଭଲପମେଣ୍ଟ କର୍ପୋରେଶନ(ଏନ୍‌ସିଡିସି) ଯୋଜନାରେ ୮୪ଟି ଗୋଦାମଗୃହ ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହିସବୁ ଯୋଜନାରେ ସୀମିତ ରହି ଯାଇଥିବାରୁ ଚାଷୀଙ୍କ ଦୁର୍ଦ୍ଦଶା ଆହୁରି ବଢି ଯାଇଥିଲା।



ଯାଜପୁର ଜିଲାରେ ୧୨୨ଟି ପାକ୍ସରେ ମାତ୍ର ୩୮୫୦ କ୍ଷମତା ବିଶିଷ୍ଟ ୭୭ଟି ଗୋଦାମ ଗୃହ ଥିବା କୁହାଯାଉଛି। କିନ୍ତୁ ଏହାର ଉପଯୁକ୍ତ ବିନିଯୋଗ ହେଉ ନ ଥିବାରୁ କେତେକ ପାକ୍ସରେ ଚାଷୀଙ୍କ ଧାନକୁ ସିଧାସଳଖ ମିଲକୁ ପଠାଇ ଦିଆଯାଉଛି। ଏଥିଯୋଗୁ ଚାଷୀ ସରକାରୀ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛନ୍ତି। ତେବେ ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଭଣ୍ଡାର ନିର୍ମାଣ କରିବା ସହ ଉପଯୁକ୍ତ ଭାବେ ପରିଚାଳନା କରାଗଲେ ଏହିସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି।

ପାଣିକୋଇଲି ପାକ୍ସ ୧୯୬୪ରେ ପ୍ରତିଷ୍ଠା ହୋଇଥିଲା। ଏହି ପାକ୍ସରେ ବର୍ତ୍ତମାନ ୩୮୩୨ ଜଣ କୃଷକ ସଭ୍ୟ ରହିଛନ୍ତି। ତେବେ ବୃହତ୍ ଶସ୍ୟ ସଂରକ୍ଷଣ ଭଣ୍ଡାର ନିର୍ମାଣ କରିବାକୁ ରାସ୍ତା, ପାଚେରି, ଡ୍ରେନେଜ ଏବଂ ଜମି ଉନ୍ନତୀକରଣର ଆବଶ୍ୟକତା ରହିଥିବା ସୂଚନା ମିଳିଛି। ସେହିପରି ଯାଜପୁର ଜିଲାର କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ କଡମା ପାକ୍ସ ୧୯୬୫ରେ ପ୍ରତିଷ୍ଠା ହୋଇଥିବାବେଳେ ଏଥିରେ ୧୬୬୬ କୃଷକ ସଦସ୍ୟ ରହିଛନ୍ତି।

ଜିଲାରେ ପାକ୍ସ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଛି । ଧାନ ସଂଗ୍ରହ ନୀତି ଅନୁଯାୟୀ ଜିଲାସ୍ତରରେ ଗଠିତ ଡିଷ୍ଟ୍ରିକ୍ଟ ଲେଭେଲ ପ୍ରୋକ୍ୟୁରମେଣ୍ଟ କମିଟି ଆବଶ୍ୟକ ହେଉଥିବା ଧାନ ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇପାରିବେ। ଚାଷୀମାନଙ୍କୁ ଧାନମଣ୍ଡି ସମ୍ପର୍କରେ ଆଗୁଆ ସୂଚନା ଦେବା, ପ୍ରଚାରପ୍ରସାର ପାଇଁ ଡାକବାଜି ଯନ୍ତ୍ର, ପ୍ରଚାର ପତ୍ର ଇତ୍ୟାଦି ବ୍ୟବହାର କରିବା ଓ ନିୟନ୍ତ୍ରିତ ବଜାର କମିଟି ଧାନ ମାପ ପାଇଁ ଉପଯୁକ୍ତ ଯନ୍ତ୍ରପାତିର ବ୍ୟବସ୍ଥା ଓ ଧାନ ସଂରକ୍ଷଣ ବ୍ୟବସ୍ଥା ସୁଚାରୁରୂପେ କରାଯିବ ବୋଲି ଜିଲାକ୍ରୟ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ହେଲେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ଚାଷୀମାନେ ବିଭିନ୍ନ ସମୟରେ ନୟାନ୍ତ ହେଉଥିବା ଅଭିଯୋଗ ହେଉଛି। ଏହାବାଦ୍ ଚାଉଳ ରିସାଇକ୍ଲିଂ କିମ୍ବା କଳାବଜାର ନିୟନ୍ତ୍ରଣ ପାଇଁ ସରକାରୀ ଗୋଦାମ ଗୃହ ଓ ମିଲଗୁଡିକରେ ଧାନ ଓ ଚାଉଳ ପରିମାଣ ଜାଣିବାକୁ ନିୟମିତ ବ୍ୟବଧାନରେ ଫିଜିକାଲ ଭେରିଫିକେଶନ(ବସ୍ତୁଗତ ସତ୍ୟାପନ)କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଯାଜପୁର ଜିଲାରେ ପାଣିର ଗାର ହୋଇଛି। ଏହି କ୍ରମରେ ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଭଣ୍ଡାର ନିର୍ମାଣ ଏବଂ ପ୍ରତି ପଞ୍ଚାୟତରେ ନୂତନ ପାକ୍ସ ପ୍ରତିଷ୍ଠା କେତେ ଦୂର ଏବଂ କେବେ ସଫଳ ହେଉଛି ସେ ନେଇ ଚାଷୀମାନେ ଅପେକ୍ଷାରେ ରହିଛନ୍ତି।

## ଚାଷୀଙ୍କୁ ହତ୍ୟା ଅଭିଯୋଗ

ରସୁଲପୁର,୨୯।୫(ରଞ୍ଜିତ ରାଉତ): କୁଆଖିଆ ଥାନା ଶ୍ରୀବନ୍ତପୁର ପଞ୍ଚାୟତ ଭଗୀରଥପୁର ଗ୍ରାମର ଚାଷୀ କୁଶ ତରାଇ(୫୫)ଙ୍କ ମୃତଦେହ ଗୁରୁବାର ଝୁଲନ୍ତା ଅବସ୍ଥାରେ ମିଳିଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇ ଟାଙ୍ଗି ଦିଆଯାଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। କୁଆଖିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

କୁଶ ବୁଧବାର ମଧ୍ୟାହ୍ନରେ ଘରୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ସକାଳୁ କୁଶଙ୍କ ମୃତଦେହ ଘରଠାରୁ ପ୍ରାୟଃ ୧ କି.ମି. ଦୂରରେ ଥିବା ସାରଙ୍ଗପୁର ଗ୍ରାମର ଚଣ୍ଡି ମନ୍ଦିର ନିକଟ ବଗିଚାର ଏକ ଗଛ ଡାଳରେ ଝୁଲୁଥିବା ଖବର ମିଳିଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରସୁଲପୁର ଦମକଳବାହିନୀ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ ଗଛରୁ ଓହ୍ଲାଇଥିଲା। ତେବେ କୁଶ ଝୁଲୁଥିବା ଗଛର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିବା ପରେ ପରିବାର ଲୋକଙ୍କ ମନରେ ସନ୍ଦେହଜାତ ହୋଇଥିଲା। ତେଣୁ ତାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଛନ୍ତି ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ପାନୀୟଜଳ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲା କେନ୍ଦ୍ରୀୟ ଦଳ



ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବା କେନ୍ଦ୍ରୀୟ ଦଳ ସହ ଜିଲାପାଳ ଓ ଅନ୍ୟମାନେ।

ପାଣିକୋଇଲି,୨୯।୫(ବିକାଶ ମଲ୍ଲିକ): ମେଗା ଇଂଜିନିୟରିଂ ଓ ଇନ୍‌ଫ୍ରାଷ୍ଟ୍ରକଚର ଲିମଟେଡ ଦ୍ୱାରା ପାଣିକୋଇଲି ମହୋତ୍ସବ ପଡ଼ିଆରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପର ଗୁରୁବାର ଅଗ୍ରଗତି ସମୀକ୍ଷା କରିଛି କେନ୍ଦ୍ରୀୟ ଦଳ। ଏହାପରେ ଏହିଦଳ ପାଣିକୋଇଲି ପଞ୍ଚାୟତ କର୍ଯ୍ୟାଳୟକୁ ଯାଇ ଉପସ୍ଥିତ ଲୋକଙ୍କୁ ପାଣି ନେଇ କ'ଣ ସମସ୍ୟା ରହିଛି ଓ ଆଉ କ'ଣ ଅଧିକ କରି ହେବ ସେ ନେଇ ଆଲୋଚନା କରିଛି। କେନ୍ଦ୍ରୀୟ ଦଳ ସହ ଯାଜପୁର ଜିଲାପଳ ପି. ଅନ୍ୱେଷା ରେଡ୍ଡୀ, କୋରେଇ ବିଡିଓ ଅବନୀକାନ୍ତ ସାହୁ, ଆରଡବ୍ଲ୍ୟୁଏସଏସ୍‌ର ଅଧିକାରୀ ରଶ୍ମିରଞ୍ଜନ ମାରଥା, ସହକାରୀ ଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା, ଯନ୍ତ୍ରୀ ସୁଧାକର ପଣ୍ଡା, ମେଗା ପ୍ରକଳ୍ପର ଅଧିକାର ସରୋଜ ରାଉତ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପାଣିର ମାନ ପରୀକ୍ଷା କରାଯାଇଥିଲା। ପ୍ରକଳ୍ପ ଅବଧି ସରିଥିଲେ ମଧ୍ୟ କାହିଁକି ଆଗେଇ ପାରୁନି ସେ ନେଇ ସମୀକ୍ଷା କରାଯାଇଥିଲା।

## ଜମି ବିବାଦକୁ ନେଇ ସଂଘର୍ଷ

ଯାଜପୁରଟାଉନ,୨୯।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଜମି ବିବାଦକୁ ନେଇ ଯାଜପୁର ସଦର ଥାନା ଅଧୀନ କଚେରୀ ଗାଁରେ ଗୁରୁବାର ସଂଘର୍ଷ ହୋଇଛି। ଗାଁର ଅଭିରାମ ନାୟକ ନିଜ ବାଡ଼ିରେ କଦଳୀ ଗଛ ପୋତୁଥିବାବେଳେ ପଡ଼ୋଶୀ ବଳରାମ ନାୟକ ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏଥିସହିତ ମୋ ଜାଗାରେ କାହିଁକି କଦଳୀ ଗଛ ଲଗାଉଛୁ ବୋଲି ପଚାରି ପଛପଟୁ ଗୋଇଠା ମାରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଅଭିମନ୍ୟୁ ଗୁରୁତର ହୋଇଥିଲେ। ତାଙ୍କୁ ପଡ଼ୋଶୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସିତ ହୋଇ ଫେରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା ନଂ.୮୮/୨୫ ରୁଜୁ କରି ତଦନ୍ତ ଚଳାଇଛି।

## ଦଶରଥପୁରରେ ଚୋରା ମଦର ବ୍ୟାପକ କାରବାର

ଝୁମ୍ପୁରୀ,୨୯।୫(ସରୋଜ ନାୟକ): ଦଶରଥପୁର ବ୍ଲକର ବିଭିନ୍ନ ଗାଁ ଗହଳିରେ ଚୋରା ମଦର ବ୍ୟାପକ କାରବାର କରାଯାଉଛି। ଗାଁଗାଁରେ ମଦର ଆସର ଜମୁଛି। ମାତ୍ର ଯାଜପୁର ଅବକାରୀ ବିଭାଗ ଏପରି ଚୋରା ମଦ କାରବାର ସମ୍ପର୍କରେ ଅବଗତ ଥିଲେ ମଧ୍ୟ ଏହାକୁ ବନ୍ଦ କରିବା ନିମନ୍ତେ କୌଣସି ପ୍ରଚେଷ୍ଟା କରୁନାହିଁ ବୋଲି ଅଭିଯୋଗ ହୋଇଛି। ବ୍ଲକ୍ ଅଧୀନ ବୈଷପାନ ଅଞ୍ଚଳର ଚନ୍ଦ୍ରଶେଖରପୁରଠାରେ ଜଣେ ଯୁବକ ଖୁଲମ୍ ଖୁଲା ଚୋରା ମଦ ବ୍ୟବସାୟ କରୁଥିବାବେଳେ କରଞ୍ଜମାଳ ପୋଲ ନିକଟରେ ଥିବା ଏକ କ୍ୟାବିନ୍‌ରେ ଚୋରା ମଦ ବିକ୍ରି ହେଉଛି। ଚୋରା ମଦ କାରବାର ପାଇଁ ଅଞ୍ଚଳର ଯୁବକ ପଥଭ୍ରଷ୍ଟ ହେଉଛନ୍ତି। ରାସ୍ତାରେ ମହିଳାମାନେ ଯାତାୟାତ ନିମନ୍ତେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହିସବୁ ଚୋରା ମଦ ଦୋକାନ ନିକଟରେ ଦଶରଥପୁର ଆଦର୍ଶ ବିଦ୍ୟାଳୟ ସହ ବୈଷପାନ ଉନ୍ନିତ ଉପ୍ରାବିଦ୍ୟାଳୟ, ବୈଷପାନ ଉଚ୍ଚ ବିଦ୍ୟାଳୟ ଆଦି ରହିଛି। ଫଳରେ ମଦ୍ୟପଙ୍କ ଦୌରାତ୍ମ୍ୟ ପାଇଁ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଥିସହ ବ୍ଲକ୍‌ର ବଉଳାଙ୍କ ଛକ, କଲେଜ ଛକ, କନିକାପଡ଼ା ପଞ୍ଚାୟତ ଅଫିସ୍ ନିକଟ ଏକ କ୍ୟାବିନ୍‌ରେ ମଧ୍ୟ ଚୋରା ମଦ ବିକ୍ରି ଚାଲିଛି। ସେହିପରି ଦକ୍ଷିଣବନ୍ଧ ହାଟ, କୟାଁଗୋଲା, ଦୁବକଣ, କଲେଜ ଛକ, ଲାଲ୍‌ବାଗ ଛକ, ଛତ୍ରପଡ଼ା ଛକ, ମନ୍ଦାର ଖଣ୍ଡ ଆଦି ଛକରେ ବେଧଡକ ଭାବେ ଚୋରା ମଦ ବିକ୍ରି ଚାଲିଛି ବୋଲି ଅଭିଯୋଗ ହୋଇଛି। ଏହି ସବୁ ସ୍ଥାନଗୁଡ଼ିକ ଉପରେ ଯାଜପୁର ଅବକାରୀ ଅଧୀକ୍ଷକ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବ୍ୟାସ ସରୋବର ମହିମା ଆଶ୍ରମ ପରିଦର୍ଶନରେ ଭବପ୍ରସାଦ



ଭବପ୍ରସାଦ ଦାସଙ୍କୁ ସ୍ୱାଗତ କରାଯାଉଛି।

ଯାଜପୁରରୋଡ୍,୨୯।୫ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସସରୋବର ମହିମା ଆଶ୍ରମରେ ଅଶୋକ ଦାସ ଫାଉଣ୍ଡେଶନର ଅଧ୍ୟକ୍ଷ ଭବପ୍ରସାଦ ଦାସ ପହଞ୍ଚି ବାବାଙ୍କ ଆର୍ଶୀବାଦ ଭିକ୍ଷା କରିଛନ୍ତି। ଆଶ୍ରମ ସଭାପତି ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମହିମା ଆଶ୍ରମର ବାବା ସ୍ୱାଧୀନ ଦାସ ଭବପ୍ରସାଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଶ୍ରମର ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ଭବପ୍ରସାଦ ଆଶ୍ରମ ସମସ୍ୟା ବିଷୟରେ ଜାଣିବା ପରେ ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୌରାଧକ୍ଷ ସୁବାସ ଚନ୍ଦ୍ର ବଳ ଉପସ୍ଥିତ ରହି ଆଶ୍ରମର ଉନ୍ନତିରେ ତାଙ୍କର ସହଯୋଗ ରହିବ ବୋଲି କହିଥିଲେ। ଭବପ୍ରସାଦଙ୍କ ଏହି ପରିଦର୍ଶନ ସମୟରେ କାଉନସିଲର ପାର୍ଥସାରଥି ନାୟକ, ବିଜୟ କୁମାର ଜେନା, ଯୁବନେତା ପ୍ରତାପ ମହାନ୍ତି, ମନୋଜ ରାଉତ, ମନୋଜ ପରିଡ଼ା, ବିକାଶ ଆଇଚ, ପ୍ରଶାନ୍ତ ଖୁଣ୍ଟିଆ, ଆଶ୍ରମର ସଦସ୍ୟ ମୋହନ ସାମଲ, ଗୋବିନ୍ଦ ରାଉତ, ବିନୋଦ ବିହାରୀ ସାମଲ, ପ୍ରଭାତ ବଳ, ଅମୂଲ୍ୟ ମଲ୍ଲିକ, କ୍ଷୀରୋଦ ରାଉତ, ରାଜେନ୍ଦ୍ର କୁମାର ନାୟକ, ନିରଞ୍ଜନ ରାଉତ, ଚକ୍ରଧର ନାୟକ, ଟୁଲିଆ ଦେହୁରୀ, ଆଶିଷ କୁମାର ମଳିକ, ଜଗବନ୍ଧୁ ଜେନା, ମନୋଜ ରାଉତ, ଚିପକ ଲାହା ଓ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରା ବିଦ୍ୟୁତ୍ ତାର ନେଇ ଯାଉଥିବା ୨ ଯୁବକ ଗିରଫ





୨ ଗିରଫ ଅଭିଯୁକ୍ତଙ୍କ ସହ ଜବତ ମୋବାଇଲ, ତାରବୋଝେଇ ଅଟୋ

### ଅଟୋ ସହ ୫୦ କୁଇଣ୍ଟାଲ ବିଦ୍ୟୁତ୍ ତାର ଓ ମୋବାଇଲ ଜବତ

ଚଣ୍ଡିଖୋଲ,୨୯।୫(ପ୍ରଦୀପ୍ତ କୁମାର ପୃଷ୍ଟି): ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଦେଢ଼ କୁଇଣ୍ଟାଲ ଚୋରା ବିଦ୍ୟୁତ୍ ତାର, ଚୋରିରେ ବ୍ୟବହୃତ ଏକ ଅଟୋ ଓ ଦୁଇଟି ମୋବାଇଲକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ପଲେଇ ଗ୍ରାମର ପ୍ରଦୀପ ଜେନା (୩୯) ଓ ଜିତେନ୍ଦ୍ର ଜେନା(୩୩)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ସବଜେଲକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୧ ଟାରେ ୨ ଯୁବକ କଟିକଟା ଛକ ନିକଟରେ ଏକ ଯାତ୍ରୀବାହୀ ଅଟୋରେ ଚୋରା ବିଦ୍ୟୁତ୍ ତାର ବୋଝେଇ କରି ଯାଉଥିବାବେଳେ ପୋଲିସ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡ଼ିଥିଲେ। ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏହି ସମୟରେ ସେମାନେ ପଲେଇସ୍ଥିତ ଗ୍ରୀଡ ଷ୍ଟେସନରୁ ବିଦ୍ୟୁତ୍ ତାର ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ ଥାନାରେ ନଂ.୧୪୬/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

# ୱାର୍ଡସ୍ତରରୁ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

### ବଡ଼ଚଣା ବିଜେଡିର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ

ଚଣ୍ଡିଖୋଲ/ଛତିଆ, ୨୯/୫(ପ୍ରଦୀପ୍ତ କୁମାର ପୃଷ୍ଟି /ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁରସ୍ଥିତ ଜଗନ୍ନାଥ ମଣ୍ଡପ ପରିସରରେ ଚମ୍ପାପୁର, ଛତିଆ, ନେଳିଆ ଓ ସୋଲର ୪ ପଞ୍ଚାୟତର ଛାମୁଆ କର୍ମୀଙ୍କୁ ନେଇ ବଡ଼ଚଣା ବିଜେଡିର ଏକ ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଅଧକ୍ଷ ତଥା ବଡ଼ଚଣା ବିଜେଡି ପରାମର୍ଶଦାତା କମିଟି ଅଧକ୍ଷ ପ୍ରହଲ୍ଲାଦ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନେଳିଆ ପଞ୍ଚାୟତର ଛାମୁଆ ନେତା ଧନେଶ୍ୱର ବେହେରା ଯୋଗଦେଇ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଦଳର କାର୍ଯ୍ୟପନ୍ଥା ଓ ସଂଗଠନର ଅଭିବୃଦ୍ଧି ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ସାଙ୍ଗଠନିକ



ବିଜେଡି ବୈଠକରେ ମଞ୍ଚାସୀନ ଅତିଥି।

ସଞ୍ଚାଳନର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହିତ ୱାର୍ଡସ୍ତରରୁ ସଙ୍ଗଠନକୁ ମଜଭୁତ ଓ ଗତିଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ବୁଥ୍‌ସ୍ତରରୁ କର୍ମୀ ଏକାଠି ହୋଇ ସରକାରୀ ଦଳର ଦୁର୍ନୀତି ଓ ଅନୀତିକୁ ଦୃଢ଼ ବିରୋଧ କରିବାକୁ ହେବ। ଏଥିସହିତ କିପରି ଅଧିକରୁ ଅଧିକ ହିତାଧିକାର ମୌଳିକ ଅଧିକାର ପାଇପାରିବେ ସେ ନେଇ ଯତ୍ନବାନ ହେବା ପାଇଁ ମହାପାତ୍ର ପରାମର୍ଶ ଦେଇଥିଲେ। ଏହାଉପସ୍ଥିତ କର୍ମକର୍ତ୍ତାଙ୍କ ମନରେ ଉତ୍ସାହ ଭରିଥିଲା। ବୈଠକରେ ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ଅମର ମହାନ୍ତି, ବରିଷ୍ଠ ନେତା ମାଧବାନନ୍ଦ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ସରପଞ୍ଚ ଜୟନ୍ତୀ ସ୍ୱାଇଁ, ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସରପଞ୍ଚ ବିଜୟ କୁମାର ସ୍ୱାଇଁ, ସମିତିସଭ୍ୟ ସଞ୍ଜୟ ବେହେରା, ଦେବେନ୍ଦ୍ର ଜେନା, ତୁଷାର ପଣ୍ଡା, ଧୀରେନ୍ଦ୍ର ନାଥ, ଦିଲୀପ ରାଉତ, ଅନ୍ନପୂର୍ଣ୍ଣା ବେହେରା, କ୍ଷୀରୋଦ ସାମଲ, ନିରଞ୍ଜନ ରାଉତ, ମନୋଜ ସାମଲ, ବାଦଲ ସାହୁ, ସନ୍ତୋଷ ପ୍ରଧାନ, ରମାକାନ୍ତ ପ୍ରଧାନ, ଅରୁଣ ସ୍ୱାଇଁ, ଅଶୋକ ସ୍ୱାଇଁ, ଚିନ୍ମୟ ଦଳେଇ, ଚିନ୍ମୟ ସ୍ୱାଇଁ, ପ୍ରକାଶ ସ୍ୱାଇଁ, ହୃଷୀକେଶ ମହାନ୍ତି, ରମାକାନ୍ତ ମଳିକ, ସୁଶାନ୍ତ ସାହୁ, ନିରଞ୍ଜନ ରାଉତ, ମିଟୁ ସାହୁ, ଅଜୟ ସ୍ୱାଇଁ, କ୍ଷୀରୋଦ ମହାରଣା ଓ ଅନିଲ ରାଉତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସରକାରୀ କାର୍ଯ୍ୟରେ ଅବ୍ୟବସ୍ଥା: ଅଭିଯୋଗକୁ ଅଣଦେଖା

ପଟ୍ଟାମୁଣ୍ଡାଇ,୨୯।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟଗୁଡିକରେ ଅବ୍ୟବସ୍ଥା ଦେଖାଦେଇଛି। ସରକାର ବିଭିନ୍ନ ବିଭାଗରେ ଅଧିକାରୀ ଓ କର୍ମଚାରୀ ରଖି ତଦାରଖ ଦାୟିତ୍ୱ ଦେଇଛନ୍ତି। ହେଲେ ସେମାନେ ନିଜ କାର୍ଯ୍ୟରେ ଅବହେଳା, ଅନିୟମିତତା, ସରକାରୀ ଅର୍ଥର ଦୁରୁପଯୋଗ ଏବଂ ପରିଚାଳନାଗତ ତ୍ରୁଟି କରୁଥିବା ଦେଖିବାକୁ ମିଳିଛି। ଲୋକେ ଅଭିଯୋଗ କଲେ ମଧ୍ୟ ଅଣଦେଖା କରାଯାଉଛି। ବିଭାଗୀୟ ସରକାରୀ କାର୍ଯ୍ୟ ନିରୁତ୍ସାହଜନକ ରହୁଛି। ଖର୍ଚ୍ଚ ହେଉଥିବା ଅର୍ଥ ଲୋକଙ୍କ କାମରେ ଆସୁ ନ ଥିବା ବେଳେ ବିଭାଗୀୟ ଅଧିକାରୀ ଠିକାଦାର ମାଲେମାଲ ହେଉଛନ୍ତି। ସାଧାରଣ ଲୋକ ରାଜ୍ୟ, ଦେଶର ଉନ୍ନତି ପାଇଁ ସବୁପ୍ରକାର କର ସରକାରଙ୍କୁ ଦେଉଛନ୍ତି। ମାତ୍ର ସେହି ଟଙ୍କାରେ ଦରମା ନେଇ ଅଧିକାରୀ କର୍ମଚାରୀ ସେମାନଙ୍କ କାର୍ଯ୍ୟରେ ଅବହେଳା କରୁଛନ୍ତି। ଫଳରେ ସାଧାରଣ ଲୋକ ସୁବିଧା ପାଇବା ଜାଗାରେ ଅସୁବିଧା ଭୋଗଛନ୍ତି। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଏମାନେ ଯାହା କୁହନ୍ତି...

### ଆର୍ଥିକ ଯନ୍ତାରେ ଛଟପଟ ଲୋକେ



ଗାଁ ଗହଳି ସାଧାରଣ ଲୋକଙ୍କ ଭାଗ୍ୟ ବଦଳୁ ନ ଥିବା ବେଳେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ପାରିବାରିକ ଖର୍ଚ୍ଚରେ ଓଡ଼ିଶା ଦେଶରେ ତଳ ଆଡୁ ତୃତୀୟ। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟର ପାରିବାରିକ ବ୍ୟୟ ସର୍ବେକ୍ଷଣର ରିପୋର୍ଟ ଅନୁଯାୟୀ ଓଡ଼ିଶାର ଗୋଟିଏ ଗ୍ରାମୀଣ ପରିବାରର ମାସିକ ହାରାହାରି ଖର୍ଚ୍ଚ ମାତ୍ର ୩ ହଜାର ୩୫୭ ଟଙ୍କା। ଗାଁର କୌଣସି ୪ରୁ ୫ ଜଣିଆ ପରିବାର ଦିନକୁ ମାତ୍ର ୧୧୨ ଟଙ୍କା ଖର୍ଚ୍ଚ କରିବାକୁ ସକ୍ଷମ ହେଉଛନ୍ତି। ଗୋଟିଏ ପରିବାର ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଦୈନିକ ୧୧୨ଟଙ୍କା ଉପରେ ସରକାରଙ୍କୁ ଜିଏସ୍‌ଟି କର ଦେଉଛନ୍ତି। ହେଲେ ଉନ୍ନୟନ କର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ଦରମା ନେଇ କାର୍ଯ୍ୟରେ ଅବହେଳା କରୁଛନ୍ତି।

**– ବୁଦ୍ଧିଜୀବୀ ଆଲୋକ ନାୟକ**

### ସରକାରୀ ଅର୍ଥର ଦୁରୁପଯୋଗ ହେଉଛି



ପଟ୍ଟାମୁଣ୍ଡାଇ ଅଞ୍ଚଳ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଇଞ୍ଜିନିୟରିଂ ବିଭାଗ ସ୍ଥାଣୁ ପାଲଟିଛି। ପଞ୍ଚାୟତିରାଜ, ଗ୍ରାମ୍ୟ ନିର୍ମାଣ, ପାନୀୟଜଳ ପରିମଳ, ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଜଳସେଚନ ଅଧୀନରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରଙ୍କ ଦୂରଦୃଷ୍ଟି ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା ପରିଲକ୍ଷିତ ହେଉଛି। ବହୁ ଅର୍ଥ ବ୍ୟୟରେ କରାଯାଉଥିବା ରାସ୍ତାଘାଟ, ଆଲୋକୀକରଣ, କ୍ଷେତକୁ ଜଳସେଚନ ଓ ନିଷ୍କାସନ, ପାଇପ ଯୋଗେ ପାନୀୟ ଜଳ, ନଳକୂପ ଏପରି ଅନେକ କାର୍ଯ୍ୟରେ ସରକାରୀ ଅର୍ଥର ଦୁରୁପଯୋଗ ହେଉଛି। ଯାହା ବର୍ଷେ ଭିତରେ ଖରାପ ହୋଇଯାଉଛି।

**– ଯୁବନେତା ସତ୍ୟପ୍ରିୟ ସାମଲ**

### ସରକାରୀ କାର୍ଯ୍ୟ ନିରୁତ୍ସାହଜନକ



ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସରକାରୀ ଯୋଜନାରେ ବହୁ ଟଙ୍କା ବ୍ୟୟ ସତ୍ତ୍ୱେ ଉନ୍ନତିମୂଳକ କାର୍ଯ୍ୟ ଅବ୍ୟବସ୍ଥାରେ ପଡିରହିଛି। ସହରର ଗଳିକନ୍ଦିରେ ୧ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଇ–ଟଏଲେଟ୍, ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୨୦ଟି ୱାର୍ଡରେ ୧୬ଟି ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ, କଚେରୀ ପୋଖରୀ ସମେତ ଅନେକ ଜଳାଶୟ ଲୋକଙ୍କ କାର୍ଯ୍ୟରେ ନ ଲାଗି ଅକାମୀ ହୋଇପଡିଛି। ରାସ୍ତା ଘାଟରେ ଗୋରୁ ବୁଲୁଛନ୍ତି। କୁଢ଼କୁଢ଼ ଆବର୍ଜନା ପଡ଼ିଛି। ଜବରଦଖଲ ଯୋଗୁ ଟିକେ ବର୍ଷାରେ ସହର ସାରା ଜଳାର୍ଣ୍ଣବ ପରିସ୍ଥିତି ଉପୁଜୁଛି। ଯାହା ସରକାରୀ କାର୍ଯ୍ୟରେ ନିରୁତ୍ସାହଜନକ ପରିଲକ୍ଷିତ ହେଉଛି। ସେହିପରି ରାସ୍ତାଘାଟରେ ବହୁ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କର୍ଦ୍ଦମାକ୍ତ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି।

**–ଆଇନଜୀବୀ ପ୍ରମୋଦ ସାହୁ**

### ରାସ୍ତା କଡ଼ ବୃକ୍ଷଶୂନ୍ୟ ହେଲାଣି



ପଟ୍ଟାମୁଣ୍ଡାଇ ରାଜସ୍ୱ ବିଭାଗ, ରାଜନଗର ବନଖଣ୍ଡ ବିଭାଗ ଅପାରଗତା ଓ କାର୍ଯ୍ୟରେ ଅବହେଳା ପାଇଁ ଶତାଧିକ ମୂଲ୍ୟବାନ ଗଛ ବଳିପଡୁଛି। ମାତ୍ର ନିରୀକ୍ଷକ ଓ ଅଧିକାରୀମାନେ କାର୍ଯ୍ୟାଳୟରୁ ବାହାରୁ ନାହାନ୍ତି। ପଟ୍ଟାମୁଣ୍ଡାଇ ବାଇପାସଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନାଲ ରାସ୍ତା ନବୀକରଣ ବହୁ ଗଛ ବଳିପଡିଲା। ମାତ୍ର ବନ ବିଭାଗ ଚୁପ ବସିଲା। ଆଉ ଯେଉଁ ଗଛ ବଞ୍ଚିଛି ତାହା ପାର୍ଶ୍ୱରୁ ମାଟି ତଡ଼ା ହୋଇଗଲା। ସ୍ଥାନୀୟ ଆରଆଇ ଜାଣିପାରିଲେ ନାହିଁ। ଏବେ ବର୍ଷାଦିନ ଆସୁଛି ଶତାଧିକ ଗଛ ଢଳି ପଡିବା ଆଶଙ୍କା ପ୍ରକାଶ ପାଉଛି। ବଡ଼ପଡ଼ା, ଦୋଷିଆ ରାସ୍ତାର ପାର୍ଶ୍ୱରେ ହୋଇଥିବା ଗଛକୁ ଛେଲି ମାରି ଲୋକେ ନେଇ ଯାଉଛନ୍ତି। ଏ ନେଇ ମହାକାଳପଡ଼ା ବନଖଣ୍ଡ ରେଞ୍ଜରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଫରକ ପଡୁନାହିଁ। ରାଜସ୍ୱ ଓ ବନଖଣ୍ଡ ବିଭାଗର କାର୍ଯ୍ୟରେ ଅବହେଳା ଯୋଗୁ ରାସ୍ତା କଡ଼ ବୃକ୍ଷ ଶୂନ୍ୟ ହୋଇଗଲାଣି।

**–ଯୁବ ସଙ୍ଗଠକ ଗୌତମ ବେହେରା**

# ଖବରଦାତାଙ୍କ ସାମାଜିକ ସୁରକ୍ଷା ପାଇଁ ସ୍ମାରକପତ୍ର



ଓଡ଼ିଶା ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

କେନ୍ଦ୍ରାପଡ଼ା,୨୯।୫ (ଜଗନ୍ନାଥ ଧଳ)

ଖବରଦାତାଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ଓଡ଼ିଶା ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଜିଲା ସଂଘ ସଭାପତି ପରେଶ ଦାସ ଏ ସମ୍ପର୍କରେ କହିଛନ୍ତି, ଖବରଦାତାଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଏବେ ବିପନ୍ନ ହୋଇଛି। ବିଭିନ୍ନ ସମୟରେ ସାମାଜିକ ନିରାପତ୍ତା ବିପନ୍ନ ହେଉଛି। କେତେଜଣ ବ୍ୟକ୍ତି ଦୁର୍ନୀତିକୁ ଘୋଡାଇବାକୁ ପ୍ରୟାସ କରି ଖବରଦାତାଙ୍କ ଉପରେ ଆକ୍ରୋଶମୂଳକ ଆକ୍ରମଣ କରୁଛନ୍ତି। ବିଭିନ୍ନ ସଙ୍ଗଠନକୁ ରାଜ୍ୟ ସରକାର ସ୍ୱତନ୍ତ୍ର ନିରାପତ୍ତା ବ୍ୟବସ୍ଥା କରିଥିବା ବେଳେ ଖବରଦାତା ଏଥିରୁ ବଞ୍ଚିତ ହୋଇଛନ୍ତି। ସେହିପରି ଦେଶର ମହାରାଷ୍ଟ୍ର, ଛତିଶଗଡ଼ ଆଦି ରାଜ୍ୟରେ ଖବରଦାତାଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା ରଖିଛନ୍ତି। ମାତ୍ର ଓଡ଼ିଶାରେ ସେପରି ବ୍ୟବସ୍ଥା ନାହିଁ। ଫଳରେ ଖବରଦାତାମାନେ ଆର୍ଥିକ ଦୁର୍ଗତିରେ ଅଛନ୍ତି। ସାମାଜିକ ସୁରକ୍ଷା ପାଇଁ ଆଇନ, ପେନସନ, ଅନୁକମ୍ପା ରାଶି ୮ ଲକ୍ଷକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷକୁ ବୃଦ୍ଧି କରିବା ଦାବିରେ ଓଡ଼ିଶା ସାମ୍ବାଦିକ ସଂଘ ଏହି ସ୍ମାରକପତ୍ର ଦେଇଥିବା ସେ ପ୍ରକାଶ କରିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ଜଗନ୍ନାଥ ଦାସ, ସାବିର ଖାନ୍, ସୋମନାଥ ସାହୁ, ଜ୍ୟୋତିର୍ମୟ ଜେନା, ନୀଳାଦ୍ରି ତ୍ରିପାଠୀ, ସେକ୍ ସୈଫୁଲ୍ଲା, ଦୁର୍ଗା ପ୍ରସାଦ ପତି, ପ୍ରଭାତ ଲେଙ୍କା, ଲକ୍ଷ୍ମୀକାନ୍ତ ନାୟକ, ମୃତ୍ୟୁଞ୍ଜୟ ପରିଡା, ବଳରାମ ବେହେରା, ସନ୍ତୋଷ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆଲୋଚନାରେ ଭାଗ ନେଲେ ୨ ଶହ ଅଗ୍ରଣୀ କୃଷକ

## ରାଜ୍ୟ ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ

ପାଟକୁରା,୨୯।୫(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ୍ ନଡ଼ିଆବରେଇ ଗଜଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ବ୍ଲକ କୃଷି ବିଭାଗ ପକ୍ଷରୁ ଗୁରୁବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କୃଷି ଗବେଷଣା କେନ୍ଦ୍ରର କୃଷି ବୈଜ୍ଞାନିକଙ୍କ ସମେତ ସରକାରୀ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ନଡ଼ିଆବରେଇ ପଞ୍ଚାୟତର ୨ ଶହ ଅଗ୍ରଣୀ କୃଷକ ସେଠାରେ ରହି ପ୍ରଶିକ୍ଷଣରେ ଭାଗ ନେଇଥିଲେ। କୃଷିରେ ନୂତନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ଅଧିକ ଫସଲ ଅମଳ କରିବାକୁ କୃଷି ବୈଜ୍ଞାନିକମାନେ କୃଷକମାନଙ୍କୁ ବୁଝାଇଥିଲେ। ଏହି ଯୋଜନା ମାଧ୍ୟମରେ କୃଷକଙ୍କୁ ଅଭିଜ୍ଞ କୃଷି ବୈଜ୍ଞାନିକ ଓ ସରକାରୀ କୃଷି ଅଧିକାରୀମାନଙ୍କ ସହ ମିଶାଇ ଦିଆଯିବାକୁ ଏକ ପ୍ରୟାସ ବୋଲି ଜଣାଯାଇଛି। ଫଳରେ କୃଷକମାନେ ସେମାନଙ୍କ ଚାଷ ସମ୍ପର୍କିତ ଯେକୌଣସି କୃଷି ସମସ୍ୟା ଉପରେ ପ୍ରଶ୍ନ ପଚାରି ତା'ର ସମାଧାନ କରିପାରିବେ। ରାଜ୍ୟରେ ପ୍ରାୟ ୬୦ ଭାଗ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଏହି ଯୋଜନା ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଏକ ଅଂଶବିଶେଷ ବୋଲି କୃଷି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର କୃଷକମାନଙ୍କ ବିକାଶ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ କୃଷି ଅଧିକାରୀମାନେ ଅବଗତ କରାଇଥିଲେ। ବିଭିନ୍ନ କୃଷି ଯନ୍ତ୍ରପାତିରେ ସରକାରୀ ସହାୟତା ଉପଲବ୍ଧ ହେଉଛି। ଏଣୁ କୃଷକମାନେ ଏହାର ସୁଯୋଗ ନେଇ କୃଷି ଯନ୍ତ୍ରପାତି କିଣି ଚାଷ କାର୍ଯ୍ୟରେ ଲଗାଇଲେ ଭଲ ଚାଷ ହୋଇପାରିବ ଓ କୃଷକ ଅଧିକ ଫସଲ ଅମଳ କରିପାରିବ ବୋଲି ଅଧିକାରୀମାନେ ବୁଝାଇଥିଲେ। ଏଥିସହ ଗୋପାଳନ, ମାଛଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ, ଫଳ ଚାଷ ଉପରେ ମଧ୍ୟ ଅଧିକାରୀମାନେ ଆଲୋଚନା କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନଡ଼ିଆବରେଇ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି କିଶୋର ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ କୃଷକମାନଙ୍କୁ ଚାଷ ସଂକ୍ରାନ୍ତୀୟ ଠିକ ଦିଗ୍‌ଦର୍ଶନ ଦେବାକୁ କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଗାୟତ୍ରୀ ସାହୁ, ଡ. ଦେବେନ୍ଦ୍ର ନାଥ ଷଡଙ୍ଗୀ, ବ୍ଲକ କୃଷି ଅଧିକାରୀ ଡ. ଗୌତମ ଦାଶ, କୃଷି ଅଧିକାରୀ ପ୍ରଭାତ କୁମାର ସାହୁ, ଉଦ୍ୟାନ କୃଷି ଅଧିକାରୀ ଶ୍ରୀରାମ ରତନ ପ୍ରଧାନ, କୃଷି ଅଧିକାରୀ ଅନିରୁଦ୍ଧ ତରାଇ ପ୍ରମୁଖ ଉପସ୍ଥିତ ରହି କୃଷକମାନଙ୍କୁ ବିଭିନ୍ନ ଚାଷ ସଂକ୍ରାନ୍ତରେ ବୁଝାଇଥିଲେ।



କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ, ଅଧିକାରୀ ଓ ଅଗ୍ରଣୀ କୃଷକ ସାମିଲ ହୋଇଛନ୍ତି।

# ବିପର୍ଯ୍ୟୟ ବେଳେ ପ୍ରସ୍ତୁତ ରହିବା, ପରିଚାଳନାକୁ ଗୁରୁତ୍ୱ




ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

କେନ୍ଦ୍ରାପଡ଼ା, ୨୯।୫ (ଜଗନ୍ନାଥ ଧଳ)

ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ପ୍ରସ୍ତୁତ ରହି ତାହାର ପରିଚାଳନା କରିବା ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଦୁର୍ବଳ ନଦୀ ବନ୍ଧର ସ୍ଥିତି ଓ ଏହାର ମରାମତି, ରାସ୍ତାରେ ପାଣି ଜମିବା, ତୁରନ୍ତ ପାଣି ନିଷ୍କାସନ, ଶୁଖିଲା ଖାଦ୍ୟ ପ୍ରସ୍ତୁତ ରଖିବା, ଔଷଧ ମହଜୁଦ ରଖିବା, ଗର୍ଭବତୀ, ବୟସ୍କଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେଇ ପ୍ରସ୍ତୁତି ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଗୃହପାଳିତ ପ୍ରାଣୀ, କୃଷିକ୍ଷେତ୍ର, ପାଣି ଟ୍ୟାଙ୍କର ସୁବିଧା, ବାଲିବସ୍ତା ପ୍ରସ୍ତୁତ ରଖିବା, ଡଙ୍ଗାଗୁଡିକୁ ପ୍ରସ୍ତୁତି ରଖିବା, ଅଗ୍ନିଶମ ଦଳ ସଜାଗ ରହିବା, ବିଦ୍ୟୁତ୍ ସେବା, ଜନସଚେତନତା କରିବା, ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା, ସୁଇଜ ଗେଟର ସ୍ଥିତି ଯାଞ୍ଚ କରି ଠିକ ରଖିବା, ପାନୀୟ ଜଳ, ଡ୍ରେନେଜ ବ୍ୟବସ୍ଥା ଉତ୍ତମ କରିବା, କଣ୍ଟ୍ରୋଲ ରୁମ୍‌ର ଉତ୍ତମ ପରିଚାଳନା ସମେତ ପ୍ରାକୃତିକ ବିପର୍ଯ୍ୟୟ ପରେ କ୍ଷୟକ୍ଷତି ତୁରନ୍ତ ଆକଳନ ସମେତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଜିଲା ପରିଷଦ ସଭାପତି ଲିଳିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁକାନ୍ତ କୁମାର ଦ୍ୱିବେଦୀ, ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ପଞ୍ଚାୟତ ସମିତି ଓ ପୌରପାଳିକା ଅଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ,ବିଡିଓ, ତହସିଲଦାର, ଡେପୁଟି କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକ ଚକ୍ରଧର ଶତପଥୀଙ୍କ ଶ୍ରାଦ୍ଧ ଦିବସ

ପାଟକୁରା, ୨୯।୫(ରବୀନ୍ଦ୍ର ନାଥ ବାରିକ)

ପାଟକୁରାର ପୂର୍ବତନ ବିଧାୟକ ଚକ୍ରଧର ଶତପଥୀଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଗରଦପୁର ବ୍ଲକ୍‌ର କଳାବୁଦା ଘରେ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବତନ ଗରଦପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଦେବେନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରାଦ୍ଧ ଦିବସରେ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ତଥା ତାଙ୍କ ଶୁଭେଚ୍ଛୁମାନେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ ଚକ୍ରଧରଙ୍କ ରାଜନୈତିକ ଜୀବନର ସ୍ମୃତିଚାରଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ପାଟକୁରା ବିଧାନସଭା କ୍ଷେତ୍ରରୁ ନିର୍ବାଚନରେ ହରାଇ ଶତପଥୀ ଓଡ଼ିଶା ବିଧାନସଭାକୁ ପ୍ରବେଶ କରି ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିଲେ। ତାଙ୍କର ଏକାନ୍ତ ଅନୁଗତ ରାଜନେତା ନାରାୟଣ ପ୍ରସାଦ ସ୍ୱାଇଁ, ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ, ପୂର୍ବତନ ସରପଞ୍ଚ ବିଜୟ ବାରିକ, ଭାଜପା ନେତା ଚିତ୍ତରଞ୍ଜନ ଚୌଧୁରୀ, ଅଞ୍ଜନ ଦେବତା, ସାମାଜିକ କର୍ମୀ ବଳରାମ ଦାସ, ଜଗନ୍ନାଥ ପ୍ରସାଦ ନାୟକ, ଧୀରେନ୍ଦ୍ର ମିଶ୍ର, କଂଗ୍ରେସ ଯୁବନେତା ସୁବାସ ସାମଲ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଶତପଥୀଙ୍କ ଶିକ୍ଷକତା ଓ ରାଜନୈତିକ ଜୀବନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକଙ୍କ ପୁତ୍ରବଧୂ ତଥା ବର୍ତ୍ତମାନର ଜିଲା ପରିଷଦ ସଭ୍ୟା ଡଲି ଶତପଥୀ ଓ ପୁତ୍ର ଆଲୋକ ଶତପଥୀଙ୍କ ସଂଯୋଜନାରେ ନିଜ ଗ୍ରାମ ନିକଟରେ ଥିବା ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀ କୂଳରେ ଓ ଗ୍ରାମ ମଧ୍ୟରେ ଥିବା ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେବା ସହ ତାଙ୍କୁ ମନେରଖିବା ପାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।



ପୂର୍ବତନ ବିଧାୟକ ଚକ୍ରଧର ଶତପଥୀଙ୍କ ଶ୍ରାଦ୍ଧ ଦିବସରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକରି ମଜୁରି ପାଉନାହାନ୍ତି ଶ୍ରମିକ



ବିଡ଼ିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ।

ରାଜନଗର , ୨୯।୫(ଭାସ୍କର ରାଉତରାୟ)

## ରାଜନଗର ବିଡିଓଙ୍କୁ ଅଭିଯୋଗ

- ୭ ଦିନ ଭିତରେ ମଜୁରି ଦିଅ
- ନ ହେଲେ ଆମରଣ ଅନଶନରେ ବସିବୁ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କେନାଲ ଖୋଳା ଓ ସଫେଇ କରି ମାସ ମାସ ଧରି ମଜୁରି ପାଉନାହାନ୍ତି ଶ୍ରମିକ। ଗୁରୁବାର ଡାଙ୍ଗମାଳ ପଞ୍ଚାୟତ ଡାଙ୍ଗମାଳ ଗାଁର ଶ୍ରମିକମାନେ ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ୭ ଦିନ ଭିତରେ ସେମାନଙ୍କୁ ମଜୁରି ପ୍ରଦାନ କରା ନ ଗଲେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ଦର୍ଶାଇଛନ୍ତି। ରାଜନଗର ବ୍ଲକ୍ ଡାଙ୍ଗମାଳ ପଞ୍ଚାୟତର କେଚିଲ ପୋଖରୀଠାରୁ ଶଶାଙ୍କ ମାନ୍ନା ଘର ଯାଏ ଓ ମଦନ ଦାସ ଘରଠାରୁ ବେଙ୍ଗ ମଣ୍ଡଳ ଘର ଯାଏ ୨ଟି କେନାଲ ପୁନରୁଦ୍ଧାର କାମ ଶ୍ରମିକମାନେ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାର୍ଚ୍ଚ ୨୭ଠାରୁ ମେ ୨୮ ଯାଏ ଶ୍ରମିକମାନେ କେନାଲରେ ମାଟି ଖୋଳା କାମ କରିଥିଲେ ମଧ୍ୟ ସେମାନଙ୍କ ମଜୁରି ପାଇନାହାନ୍ତି। ଡାଙ୍ଗମାଳ ଗାଁର ରାଜକିଶୋର ବେହେରା, ରଘୁନାଥ ବେହେରା, ବିଚିତ୍ର ବେହେରା, ହରେକୃଷ୍ଣ ଦାସ ପ୍ରମୁଖ ୧୭ ଜଣ ଶ୍ରମିକ ରାଜନଗର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ମଜୁରି ଲାଗିଲେ ପରିବାର ଚଳେ। ଦୀର୍ଘ ୨ ମାସ ଧରି କେନାଲରେ ମାଟି କାମ କରିଥିଲେ ମଧ୍ୟ ସେମାନଙ୍କୁ ମଜୁରି ଟଙ୍କା ମିଳିନାହିଁ। ୭ ଦିନ ଭିତରେ ସେମାନଙ୍କ ମଜୁରି ଟଙ୍କା ଦିଆଯାଉ, ନଚେତ୍ ଡାଙ୍ଗମାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି।

# ଚୁକ୍ତିନାମାକୁ ବର୍ଷେ ପୂରିଲା, ରାସ୍ତା ନିର୍ମାଣ ନୋହିଲା

ଡେରାବିଶ, ୨୯।୫ (ବେବର୍ତ୍ତା ଅଜୟ ଦାସ)

## ହୀନସ୍ତା ଭୋଗୁଛନ୍ତି ଅଞ୍ଚଳବାସୀ

ଡେରାବିଶ ବ୍ଲକ୍ ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନାରେ ବହୁ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର କେତେଜଣ ବିଭାଗୀୟ ଅଧିକାରୀଙ୍କ ମନମାନି ଯୋଗୁ ତାହା ବାସ୍ତବ ରୂପରେଖ ନେଇ ପାରୁନାହିଁ। ଡେରାବିଶ ବ୍ଲକ୍ ଅନ୍ତର୍ଗତ କଟକ–ଚାନ୍ଦବାଲି ରାଜ୍ୟ ରାଜ୍ୟପଥର ସଲାରୋ ମଠ ଛକ ନିକଟରୁ ସଲାରୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଏହି ୧ କିଲୋମିଟର ରାସ୍ତାରେ ଏକାଧିକ ଗାର୍ତ୍ତ ସୃଷ୍ଟି ହେବା ଯୋଗୁ ଅଞ୍ଚଳବାସୀ ହୀନସ୍ତା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ବିଭିନ୍ନ ସ୍ଥାନରେ ପାଣି ଜମୁଛି। ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ୨ବର୍ଷ ତଳେ ଅଞ୍ଚଳବାସୀ ଦାବି କରୁଥିଲେ। ଏହାକୁ ଗୁରୁତ୍ୱ ଦେଇ ପଞ୍ଚାୟତ ସମିତି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ହସ୍ତାନ୍ତର କରାଯାଇଥିଲା। ପ୍ରାୟ ୧ ବର୍ଷ ହେବ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଜଣେ ଠିକାଦାରଙ୍କ ସହ ଚୁକ୍ତିନାମା ମଧ୍ୟ କରାଯାଇଥିଲା। ମାତ୍ର ଦୀର୍ଘଦିନ ବ୍ୟବଧାନ ପରେ ଠିକାଦାର ଗୋଟିଏ ଜେସିବି ଦ୍ୱାରା ରାସ୍ତା କଡ଼କୁ ସଫା କରି ବସି ରହିଛନ୍ତି। ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ଠିକାଦାରଙ୍କ ଦେଖା ମିଳି ନ ଥିବାବେଳେ ରାସ୍ତା କାମ ଆରମ୍ଭ ହେଇପାରିନାହିଁ। ଚଳିତ ଲଗାଣ ବର୍ଷାରେ ୪ଦିନ ଭିତରେ ୩ଟି ବାଇକ୍ ଆରୋହୀ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ରାସ୍ତା ଉପରେ ଖମୋଳ ପଞ୍ଚାୟତର ବଡସଲାରୋ ଗ୍ରାମ ସମେତ ଡାଳିଜୀ, କୋଶିଦା, କରିମୂଳ, ଅନନ୍ତପୁର ସମେତ ଆଖପାଖ ବହୁ ଗ୍ରାମର ଅଧିବାସୀ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ରାସ୍ତାର ଅବସ୍ଥା ସୁଧୁରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟେଣ୍ଡର ଓ ଚୁକ୍ତିନାମାର ବର୍ଷେ ପୂରିଥିଲେ ମଧ୍ୟ ରାସ୍ତାକାମ ଆରମ୍ଭ ନ ହେବା ଓ ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ କ'ଣ ପଦକ୍ଷେପ ନେଉଛନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ସାହୁଙ୍କୁ ପଚାରିବାରୁ ରାସ୍ତା କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।



ସଲାରୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି।

### ଶୁଳିଆ ଠାକୁରାଣୀଙ୍କ ପୀଠରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା

**ଖଣ୍ଡପଡ଼ା, (ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ବେଣାଗଡିଆ ପଞ୍ଚାୟତସୀମାରେ ଅବସ୍ଥିତ ମା'ଶୁଳିଆ ଠାକୁରାଣୀଙ୍କ ପୀଠ ସେହି ଅଞ୍ଚଳର ଏକ ପ୍ରମୁଖ ଶକ୍ତି ପୀଠ ରୁପେ ପରିଚିତ । ଏହି ପୀଠଟି ଖଣ୍ଡପଡା- ବାଣପୁର ଓ କଣ୍ଟିଲୋ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛି । ନିଛାଟିଆ ସ୍ଥାନରେ ଥିବା ଏହି ପୀଠ ପରିସରରେ ଏକ ହାଇମାକ୍ସ ଲାଇଟ ଗୁରୁବାର ପୂର୍ବାହ୍ନରେ ସ୍ଥାପନ କରାଯାଇଛି । ଜିଲା ପରିଷଦ ସଦସ୍ୟା ଉଜ୍ଜ୍ୱଳ ମହାରଣାଙ୍କ ଉଦ୍ୟମରେ ଜିଲା ପରିଷଦ ପାଣ୍ଠିରୁ ୧.୨୦ଲକ୍ଷ ଟଙ୍କା ବ୍ୟୟରେ ଏହି ହାଇମାକ୍ସ ଲାଇଟ୍ ଲାଗିଛି । ଦୀର୍ଘ ବର୍ଷ ପରେ ମା'ଙ୍କ ପୀଠରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ନୟାଗଡ଼ ସ୍ୱୟଂଶାସିତ କଲେଜ ପରୀକ୍ଷାଫଳ ପ୍ରକାଶିତ

- ପାସ୍ ହାର ୮୦ ପ୍ରତିଶତ
- ବିଶ୍ୱଜିତ୍ ମିଶ୍ର ଶ୍ରେଷ୍ଠ ସ୍ନାତକ
- ଛାତ୍ରୀଙ୍କୁ ପଛରେ ପକାଇ ଛାତ୍ର ଆଗରେ

**ନୟାଗଡ଼,୨୯।୫ (ଲୋକନାଥ ମିଶ୍ର)**


ବିଶ୍ୱଜିତ୍ ମିଶ୍ର


ସର୍ବେଶ୍ୱର ନାୟକ


ସୁମନ ମହାନ୍ତି

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଚଳିତ ବର୍ଷ ୮୦ ପ୍ରତିଶତ ରେଜଲ୍ଟ ହୋଇଛି। ଟପ୍ପର ତାଲିକାରେ ଛାତ୍ରୀଙ୍କୁ ପଛରେ ପକାଇ ଛାତ୍ରମାନେ ବାଜି ମାରିଛନ୍ତି। ତେବେ ବିଭାଗୀୟ ଟପ୍ପର ୧୯ ଜଣଙ୍କ ମଧ୍ୟରୁ ୧୦ଜଣ ଛାତ୍ରୀ ଅଛନ୍ତି। ବିଜ୍ଞାନ ବିଭାଗର କମ୍ପ୍ୟୁଟର ସାଇନ୍ସ ଛାତ୍ର ବିଶ୍ୱଜିତ ମିଶ୍ର ମୋଟ ୨୭୫୦ରୁ ୨୫୦୯ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଅନ୍ୟପକ୍ଷେ ମହାବିଦ୍ୟାଳୟରେ ୧୯ଜଣ ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ବିଭାଗୀୟ ଶ୍ରେଷ୍ଠ ଟପ୍ପର ଅଛନ୍ତି। ବିଜ୍ଞାନ ବିଭାଗର କମ୍ପ୍ୟୁଟର ସାଇନ୍ସ ଛାତ୍ର ବିଶ୍ୱଜିତ ମିଶ୍ର ୨୫୦୯ନମ୍ବର, କଳା ବିଭାଗର ଶିକ୍ଷା ଅନର୍ସ ଛାତ୍ର ସର୍ବେଶ୍ୱର ନାୟକ ୨୩୩୯ ନମ୍ବର ଓ କମର୍ସ ଅନର୍ସ ଛାତ୍ର ସୁମନ ମହାନ୍ତି ୨୨୫୨ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ଉପରୋକ୍ତ ୩ ଟପ୍ପରଙ୍କର ଘର ଓଡ଼ଗାଁ ବ୍ଲକରେ। ସେହିପରି ବିଜ୍ଞାନ ବିଭାଗର ବଟାନୀରେ ସ୍ୱପ୍ନାରାଣୀ ମଣ୍ଡଳ, ଇଲୋକଟ୍ରୋନିକ୍ସରେ ସ୍ମୃତିରଞ୍ଜନ ସାହୁ, ମ୍ୟାଥମେଟିକ୍ସରେ ଟୁକୁନା ସେନାପତି, ଫିଜିକ୍ସରେ ଆଲୋକ ନାୟକ, ଜୁଲୋଜିରେ ପ୍ରଣତି ସାହୁ,କେମେଷ୍ଟ୍ରିରେ ଶୁଭସ୍ମିତା ପରିଡା, କମ୍ପ୍ୟୁଟର ସାଇନ୍ସରେ ବିଶ୍ୱଜିତ୍ ମିଶ୍ର ଓ ଆଇଟିଏମ୍‌ରେ ଶ୍ରୀକାନ୍ତ କୁମାର ସାହୁ ଟପ୍ପର ହୋଇଛନ୍ତି। କଳା ବିଭାଗର ଏଜୁକେଶନରେ ସର୍ବେଶ୍ୱର ନାୟକ, ସାଇକୋଲୋଜିରେ ଅଙ୍କିତା ଭଗତ, ପଲ୍ଟିକାଲ ସାଇନ୍ସରେ ଇତିଶ୍ରୀ ସାହୁ, ଇକୋନୋମିକ୍ସରେ ସରିତା ମହାନ୍ତି, ଓଡ଼ିଆରେ ମଧୁସ୍ମିତା ବିଶ୍ୱାଳ, ସୋସିଓଲୋଜିରେ ନିରଲିପ୍ତା ନିଶ୍ଚିତ ନାୟକ, ଇତିହାସରେ ପୂଜାରାଣୀ ମିଶ୍ର, ଫିଲୋସଫିରେ ସଞ୍ଜୟ ସ୍ୱାଇଁ, ଇଂଲିଶରେ ଆଲୋକ କୁମାର ସାହୁ, ସଂସ୍କୃତରେ ଅସୀମା ପଣ୍ଡା ଟପ୍ପର ହୋଇଛନ୍ତି। କମର୍ସରେ ସୁମନ ମହାନ୍ତି, ଅନୁରୂପ ଭାବେ ଟପ୍ପର ଅଛନ୍ତି।

ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ନୟାଗଡ଼ ଅତିରିକ୍ତ ଜିଲାପାଳ ତଥା ମହାବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷା ରୋଜିନା ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ପଟ୍ଟନାୟକ, ପରୀକ୍ଷା ପରିଚାଳକ ଜାନକୀନାଥ ଦାଶ ଓ ଉପ ପରୀକ୍ଷା ନିୟନ୍ତ୍ରକ ବ୍ରଜବନ୍ଧୁ ବେହେରା, ପ୍ରଦୀପ କୁମାର ଆଚାର୍ଯ୍ୟ, ଅଶୋକ କୁମାର ସାହୁ ପ୍ରମୁଖ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ୭୨୩ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ଏଥିରୁ ୫୮୨ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୧୪୧ ଜଣ ଫେଲ୍ ହୋଇଛନ୍ତି। ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩୨୭ ଜଣ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ଫାଷ୍ଟ କ୍ଲାସରେ ୧୭୪, ଡିଷ୍ଟିଂଶନ ସହ ସେକେଣ୍ଡ କ୍ଲାସରେ ୬ ଜଣ ଓ ସେକେଣ୍ଡ କ୍ଲାସରେ ୭୫ ଜଣ ଅଛନ୍ତି। କଳାର ରେଜଲ୍ଟ ୮୭ ପ୍ରତିଶତ ହୋଇଛି। କଳାରେ ୨୩୮ ଜଣ ଫର୍ମ ଫିଲପ କରିଥିବାବେଳେ ୨୦୭ ପାସ କରିଛନ୍ତି। ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୩ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୫୨ ପ୍ରଥମ ଶ୍ରେଣୀରେ, ୨ଜଣ ଡିଷ୍ଟିଂଶନ ସହ ସେକେଣ୍ଡ କ୍ଲାସରେ ଓ ୨୦ ଜଣ ୨ୟ ଶ୍ରେଣୀରେ ପାସ କରିଛନ୍ତି। କମର୍ସରେ ୬୦ ପ୍ରତିଶତ ରେଜଲ୍ଟ ହୋଇଛି। ୧୬୯ ଜଣ ପରୀକ୍ଷା ଦେଇ ଥିବାବେଳେ ୧୦୨ ପାସ ହୋଇଛନ୍ତି। ଏଥିରୁ ୩୯ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୧୯ ଜଣ ଫାଷ୍ଟ କ୍ଲାସ, ୪ ଜଣ ଡିଷ୍ଟିଂଶନ ସହ ସେକେଣ୍ଡ କ୍ଲାସ ଓ ୪୦ ଜଣ ସେକେଣ୍ଡ କ୍ଲାସ ଅଛନ୍ତି। ବିଜ୍ଞାନ ରେଜଲ୍ଟ ୮୬ ପ୍ରତିଶତ ହୋଇଛି। ବିଜ୍ଞାନରେ ୩୧୬ ଜଣ ପରୀକ୍ଷା ଦେଇଥିବାବେଳେ ୨୭୩ ପାସ୍ କରିଛନ୍ତି। ଏଥିରୁ ୧୫୫ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୧୦୩ ଜଣ ଫାଷ୍ଟ କ୍ଲାସ, ୧୫ ସେକେଣ୍ଡ କ୍ଲାସ ପାଇଛନ୍ତି।

### ପିଜି ରେଜଲ୍ଟ ୯୮ ପ୍ରତିଶତ

ମହାବିଦ୍ୟାଳୟରେ ପିଜି ରେଜଲ୍ଟ ୯୮ ପ୍ରତିଶତ ହୋଇଛି। ଏଥିରେ ୪୦ ଜଣ ଫର୍ମ ଫିଲପ୍ କରିଥିବାବେଳେ ୩୪ ଜଣ ପ୍ରଥମ କ୍ଲାସରେ, ୫ଜଣ ସେକେଣ୍ଡ କ୍ଲାସରେ ପାସ୍ କରିଛନ୍ତି। ମାଷ୍ଟର ଇନ୍ ସୋସିଆଲ ୱାର୍କରେ ସମୁଦାୟ ୧୨ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ, ମାଷ୍ଟର ଇନ୍ କମର୍ସରେ ୯ଜଣ ପ୍ରଥମ କ୍ଲାସ ଓ ୫ ଜଣ ୨ୟ କ୍ଲାସ ଏବଂ ମାଷ୍ଟର ଇନ୍ ଓଡ଼ିଆରେ ୧୩ଜଣ ପ୍ରଥମ କ୍ଲାସ ପାଇଛନ୍ତି। ମାଷ୍ଟର ଇନ୍ ସୋସିଆଲ ୱାର୍କରେ ଶତ ପ୍ରତିଶତ, ମାଷ୍ଟର ଇନ୍ କମର୍ସରେ ଶତ ପ୍ରତିଶତ ଓ ମାଷ୍ଟର ଇନ୍ ଓଡ଼ିଆରେ୯୩ ପ୍ରତିଶତ ରେଜଲ୍ଟ ହୋଇଛି।

### ୩ ଟପ୍ପରଙ୍କ ମୁହଁରୁ

ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ କମ୍ପ୍ୟୁଟର ସାଇନ୍ସ ଛାତ୍ର ବିଶ୍ୱଜିତ ମିଶ୍ରଙ୍କ ଘର ଓଡ଼ଗାଁ ବ୍ଲକ ଗୋଡିପଡା ନିକଟସ୍ଥ ପଞ୍ଚୁମୁ ଗ୍ରାମରେ। ନିଜର ସଫଳତା ସମ୍ପର୍କରେ ସେ କୁହନ୍ତି, ମୁଁ ଦିନକୁ ୮ ଘଣ୍ଟା ପରିଶ୍ରମ କରୁଥିଲି । ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛି। ମୁଁ ଟପ୍ପର ହେବାକୁ ଅଶା ରଖିଥିଲି । ହେଲେ ମୋ ପରିଶ୍ରମ ମୋତେ ଆଶାଠାରୁ ଅଧିକ ସଫଳତା ଦେଇଛି। ମୁଁ ଏଥିରେ ଖୁସି । କଳାର ଟପ୍ପର ସର୍ବେଶ୍ୱର ନାୟକ କୁହନ୍ତି, ମୋ ଘର ଓଡ଼ଗାଁ ବ୍ଲକ ସୋଲପଟାରେ । ଓଏଏସ୍ ହୋଇ ଲୋକଙ୍କର ସେବା କରିବାକୁ ମନସ୍ଥ କରିଛି । ବାଣିଜ୍ୟ ଟପ୍ପର ସୁମନ ମହାନ୍ତିଙ୍କ ଘର ଓଡ଼ଗାଁ ବ୍ଲକ ବରସାହି ପଞ୍ଚାୟତ ସିଙ୍ଗାରପୁର। କଷ୍ଟ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ କରିବା ପାଇଁ ସେ ପ୍ରସ୍ତୁତ ହେଉଥିବା କହିଛନ୍ତି ।

# ସ୍ୱର୍ଣ୍ଣଋଣ ଠକେଇ, ୩ ଜେଲ ଗଲେ

### ସୁନା ବନ୍ଧକ ନ ଦେଇ ୫ଲକ୍ଷ ଟଙ୍କା ଉଠାଣ

**ନୟାଗଡ଼,୨୯।୫ (ଲୋକନାଥ ମିଶ୍ର)**

ସ୍ୱର୍ଣ୍ଣଋଣ ଠକେଇ ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଯଦୁମଣିନଗର ଦୀପକ କୁମାର ବସନ୍ତରା, ଦଶପଲ୍ଲା ଥାନା ଦଶପଲ୍ଲାର ଦଣ୍ଡୁଆ ବେହେରା ଓ ସ୍ତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ଗୁରୁବାର ନୟାଗଡ଼ ଜିଲା କୋର୍ଟକୁ ପଠାଯାଇଛି ।ଯଦୁମଣିନଗରର ଦୀପକ କୁମାର ବସନ୍ତରା, ଦଶପଲ୍ଲା ଥାନା ଦଶପଲ୍ଲାର ଦଣ୍ଡୁଆ ବେହେରା ଓ ସ୍ତ୍ରୀ ସନ୍ଧ୍ୟାରାଣୀ ବେହେର ନୟାଗଡ଼ ସହରର ଇସାଫ ଫାଇନାନ୍ସକୁଯାଇ ସ୍ୱର୍ଣ୍ଣଋଣ କରିବା ଆଳରେ ୫ ଲକ୍ଷ ଋଣ ଉଠାଇଥିଲେ । ତେବେ ବ୍ୟାଙ୍କରେ ସ୍ୱର୍ଣ୍ଣ ନ ଦେଇ ଚଞ୍ଚକତା କରି ଠକି ନେଇଥିଲେ । ମାଉସି ପୁଅ ଭାଇ ନୟାଗଡ ଦେବୋତ୍ତର କଲୋନୀର ରଘୁନାଥ ପ୍ରଧାନ ନାଁର ସ୍ୱର୍ଣ୍ଣବନ୍ଧକ ରସିଦ୍ ନୟାଗଡ଼ର ଇଣ୍ଡିଆନ ବ୍ୟାଙ୍କର ଦେଖାଇ ବିଶ୍ୱାସ ଜନ୍ମାଇଥିଲେ । ପୁଣି ରଘୁନାଥଙ୍କୁ ମାଉସୀ ପୁଅ ଭାଇ ମିଛଟାରେ ଦର୍ଶାଇଥିଲେ । ରଘୁନାଥ ମଧ୍ୟ ପୋଲିସ ସନ୍ଦେହ ଘେରରେ ଅଛନ୍ତି । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୪୫/୫୦) ରୁଜୁ କରି ଘଟଣାର ତଦନ୍ତ କରୁଥିଲା ବୋଲି ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର କହିଛନ୍ତି।

# ଲକ୍ଷପତି ଦିଦି ଯୋଜନାରେ ନୟାଗଡ଼ ଜିଲା ରାଜ୍ୟରେ ପ୍ରଥମ


ମୁଖ୍ୟମନ୍ତ୍ରୀ ନୟାଗଡ଼ ସିଡିଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲା ପରିଷଦ ସିଡିଓ ସମ୍ବର୍ଦ୍ଧିତ

**ନୟାଗଡ,୨୯।୫(ଲୋକନାଥ ମିଶ୍ର)**

ଲକ୍ଷପତି ଦିଦି ଯୋଜନାରେ ନୟାଗଡ ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅକ୍ତିଆର କରିଛି। ଏ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ଲଗ୍ନଜିତ ରାଉତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସହଯୋଗରେ ନୟାଗଡ଼ ଜିଲା ରାଜ୍ୟରେ ପ୍ରଥମ ହୋଇଥିବା କୁହାଯାଇଛି।

# ଦୁର୍ଦ୍ଧୁରା ହତ୍ୟା ଘଟଣାରେ ୩ ଜେଲ ଗଲେ

**ନୟାଗଡ଼,୨୯।୫ (ଲୋକନାଥ ମିଶ୍ର)**

ଦୁର୍ଦ୍ଧୁରା ଗାଁରେ ଜମିବାଡି ବିବାଦକୁ ନେଇ ଗତ ମଙ୍ଗଳବାର ଅପରାହ୍ନରେ ଘଟିଥିବା ହତ୍ୟା ଘଟଣାରେ ଦୁଃଖିଶ୍ୟାମ ବଡତିଆ, ତାଙ୍କ ଦୁଇ ପୁଅ ରମେଶ ଓ ମାନସ ବଡତିଆଙ୍କୁ ନୟାଗଡ଼ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବୁଧବାର ୩ ଅଭିଯୁକ୍ତଙ୍କୁ ନୟାଗଡ଼ ଜେଲକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଦୁର୍ଦ୍ଧୁରାରେ ଦଦା ଓ ବଡବାପା ପୁଅ ଭାଇଙ୍କ ମଧ୍ୟରେ ଜମି ବାଡି ବିବାଦ କିଛି ଦିନ ହେଲା ଲାଗି ରହିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ୨ ଭାଇ ଅନ୍ତରା ବାଡତିଆ ଓ ଅମର ବାଡତିଆ (୩୦) ଏବଂ ଭ୍ରମର ବାଡତିଆ ଓ ଦୁଃଖୀ ବାଡତିଆଙ୍କ ପରିବାର ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଗାଁଲୋକଙ୍କ ହସ୍ତକ୍ଷେପ ପରେ ବିବାଦ ଥମିଥିଲା। ତେବେ ଭ୍ରମର ଓ ଦୁଃଖୀଙ୍କ ପୁଅମାନେ ଆସିବା ପରେ ପୁଣି ଅଧ ଘଣ୍ଟାଏ ପରେ ବିବାଦ ବଢ଼ିଥିଲା। ଦୁଇ ପରିବାର ମଧ୍ୟରେ ଲାଗି ରହିଥିବା ବିବାଦ ହିଂସାତ୍ମକ ରୂପ ନେଇଥିଲା। ଏଥିରେ ଅନ୍ତରାଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଃଖୀ ଓ ଅମରଙ୍କ ଅବସ୍ଥା ଗୁରୁତର ରହିଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୪୯/୨୫) ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ସେବା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ସାମିଲ ହୋଇଥିବା ଅନୁଷ୍ଠାନର କର୍ମକର୍ତ୍ତା।

**ଦଶପଲ୍ଲା,୨୯।୫ (ପ୍ରକାଶ କୁମାର ପାଣି)**

ଗୁରୁବାର ଦଶପଲ୍ଲା ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଟାକରାସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଷ୍ଠାନର ସମ୍ପାଦକ ନିହାର ରଞ୍ଜନ ମହାନ୍ତି, ମାନସ କୁମାର ପରିଡ଼ା, ସନ୍ତୋଷ କୁମାର ସାହୁ,ନାରାୟଣ ସାହୁ, କୁନା ବେହେରା, ରବି ନାରାୟଣ ସାହୁ, ମନ୍ମଥ କୁମାର ସାହୁ, ଚିତ୍ତ ରଞ୍ଜନ ମିଶ୍ର, କୁନା ବେହେରା, ଆଲୋକ ବେହେରା, କୃଷ୍ଣଚନ୍ଦ୍ର ରଣା, ସମ୍ବିତ କୁମାର ଭଞ୍ଜ, ଚନ୍ଦ୍ର ଶେଖର ନାଏକ, ଚନ୍ଦନେଶ୍ୱର ଦାସ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଖୁବଶୀଘ୍ର ଟ୍ରଷ୍ଟ ପକ୍ଷରୁ ଟାକରାଠାରେ ଏକ ସେବା ଉତ୍ସବର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେଦିନ ଚାରା ରୋପଣ, ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଖଳିସାହିରେ ରାଜସ୍ୱ ଅଦାଲତ ସଚେତନତା ଶିବିର



ସଚେତନତା ଶିବିରରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ।

**ଖଣ୍ଡପଡ଼ା,୨୯।୫ (ଅଜୟ କୁମାର ମହାରଣା)**

ବିଭିନ୍ନ ସମୟରେ ବହୁ ଗରିବ, ନିରୀହ ତଥା ବରିଷ୍ଠ ନାଗରିକ ମାନେ ବିଭିନ୍ନ କାର୍ଯ୍ୟ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସି ଅନେକ ସମୟରେ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏପରିକି ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସି ସେମାନଙ୍କ ଆବଶ୍ୟକୀୟ କାର୍ଯ୍ୟ ତୁଲାଇବାରେ ସମସ୍ୟା ଉପୁଜିଥାଏ। ଏସବୁକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ସେମାନଙ୍କର କାର୍ଯ୍ୟ କିପରି ଭାବେ ସମାଧାନ ହୋଇପାରିବ ସେ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ରାଜସ୍ୱ ଅଦାଲତ ସଚେତନତା ଶିବିର ଅନୁଷ୍ଠିତ ହେଉଅଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକ ଖଳିସାହି ପଞ୍ଚାୟତରେ ରାଜସ୍ୱ ଅଦାଲତ ସଚେତନତା ଶିବିର ଗୁରୁବାର ଖଣ୍ଡପଡା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଜମିର ପଟ୍ଟା, ସରକାରୀ ଜାଗାରେ ଜଣେ ଭୂମିହୀନ ବ୍ୟକ୍ତି ସ୍ଥାୟୀ ଗୃହ ନିର୍ମାଣ କରିଥିଲେ, ସେ ବ୍ୟକ୍ତିଙ୍କ ନାମରେ କିପରି ପଟ୍ଟା ହୋଇପାରିବ, ବାପା ଜେଜେ ବାପାଙ୍କ ନାମରେ ରହିଥିବା ଜମି ଅବା ଗୃହର ନାମକୁ ନିଜ ନାମରେ ପଟ୍ଟା କରିବା ପାଇଁ ତଥା ବିଭିନ୍ନ ତହସିଲ କାର୍ଯ୍ୟକୁ ସରଳୀକରଣ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ସମ୍ପାଦିତ କରିବା ପାଇଁ ନିଷ୍ପତ୍ତି ନେଇଛି ।

ଅଞ୍ଚଳବାସୀ ବହୁ ବର୍ଷ ଧରି ବିଭିନ୍ନ ରାଜସ୍ୱ ଅଦାଲତକୁ ଦୌଡିବା ସହିତ ମାମଲା ମଧ୍ୟ ପଡି ରହିଥିବା ବିଭିନ୍ନ ସମୟରେ ଅଭିଯୋଗ ହୁଏ। ତେବେ ଜମିଜମା ତଥା ଅନ୍ୟାନ୍ୟ ସମସ୍ୟା ସମାଧାନ ନିମନ୍ତେ ଏଣିକି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରି ସମାଧାନ କରାଯାଉଥିବା ବେଳେ ଜନସାଧାରଣଙ୍କୁ ମୂଲ୍ୟବୋଧଭିତ୍ତିକ ସେବା ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଥିବା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡା ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି ରଖି କିପରି ନିଜ ନାମରେ ରେକର୍ଡ କରିବା ସହ ଦ୍ୱିତୀୟ ଖାତା ପରିବର୍ତ୍ତନ କରାଯାଇପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସୋମେଶ ରଣବିଜୁଳି, ସ୍ଥାନୀୟ ସରପଂଚ ଫକୀର ମୋହନ ଦାସ ପ୍ରମୁଖ ଶିବିରରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ପରାମର୍ଶ ଦେଇଥିବା ସୂଚନା ମିଳିଛି।

# ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ଦାବି

**ଖଣ୍ଡପଡ଼ା,୨୯।୫ (ଅଜୟ କୁମାର ମହାରଣା)**

ଖଣ୍ଡପଡା ଏନ୍‌ଏସିରେ କାର୍ଯ୍ୟରତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଠିକାଦାରଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିବା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଏବେ ଖଣ୍ଡପଡା ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟୀତ୍ୱ ତୁଲାଉଛନ୍ତି । ଏକ ସଙ୍ଗରେ ବ୍ଲକ କାର୍ଯ୍ୟାଳୟ ସହ ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ପରିଚାଳନା ଦାୟିତ୍ୱ ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଥିବାରୁ ଏ ନେଇ ପ୍ରଶାସନିକ ଅବ୍ୟବସ୍ଥା ଦେଖାଦେବା ସହ ୨ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ଖଣ୍ଡପଡା ଏନଏସି କାର୍ଯ୍ୟାଳୟରେ ଜଣେ ଦକ୍ଷ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି ।

# ମା' ସୁଭଦ୍ରାଙ୍କ ଦାରୁ ସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ



**ଖଣ୍ଡପଡ଼ା,୨୯।୫(ଅଜୟ କୁମାର ମହାରଣା)**

ଜ୍ୟେଷ୍ଠ ଶୁକ୍ଳପକ୍ଷ ତୃତୀୟା ତିଥିରେ ନୀଳମାଧବଜୀଉଙ୍କ ପାର୍ଶ୍ୱ ଠାକୁର ମା'ସୁଭଦ୍ରାଙ୍କଦାରୁ ସ୍ଥଳ ବେଣାଗାଡିଆଠାରେ ୧୦ମ ବାର୍ଷିକ ଉତ୍ସବ ବୁଧବାରଠାରୁ ୨ଦିନ ବ୍ୟାପୀ ପାଳିତ ହୋଇଯାଇଛି । ବେଣାଗାଡିଆ ମୌଜାବାସୀଙ୍କ ଆନୁକୂଲ୍ୟ ତଥା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବେଣାଗାଡିଆ ନିକଟସ୍ଥ କୁଆଁରିଆ ନଦୀରୁ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ଏହାପରେ ସୂର୍ଯ୍ୟ ପୂଜା ସହ ମଣ୍ଡଳ ପୂଜା ଅନୁଷ୍ଠିତ ହୋଇ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୁରୋଧା ଭାବେ ଭୁବନେଶ୍ୱର, ପୁରୀ ଓ ଶାରଳା ଅଞ୍ଚଳରୁ ଆସିଥିବା ସଂସ୍କୃତ ଅଧ୍ୟାପକ ପ୍ରଶାନ୍ତ କୁମାର ନନ୍ଦ, ପ୍ରଶାନ୍ତ କୁମାର ତ୍ରିପାଠୀ, ତପନ ପ୍ରହରାଜ,ଆଶିଷ ଆଚାର୍ଯ୍ୟ,ସୂର୍ଯ୍ୟକାନ୍ତ ଦେବତା, ଦେବେନ୍ଦ୍ର ଦାଶ, ସଚିତ୍ର ରାୟଗୁରୁ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିରେ ଆଦି ପୀଠରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା' ସୁଭଦ୍ରା ଓ କାଳିଆ ଠାକୁରଙ୍କ ବିଗ୍ରହ ପରିବର୍ତ୍ତନ ପାଇଁ ବନଯାଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ ୨୦ ରୁ ଆରମ୍ଭ ହୋଇଥିଲା । ଜଗତ ଜନନୀ ମା' ସୁଭଦ୍ରା ନୂଆ ବିଗ୍ରହ ଧାରଣ କରିବେ, ଏଥି ପାଇଁ ବନଯାଗୀ ଦଳ ମହାପ୍ରଭୂଙ୍କ ଆଜ୍ଞା ମାଳ ଧରି ଗତ ମେ ୨୦ ତାରିଖରେ ବେଣାଗାଡିଆ ଗ୍ରାମରେ ପହଁଞ୍ଚି ଚିହ୍ନଟ ହୋଇଥିବା ଦାରୁ ସ୍ଥଳରେ ପୂଜାର୍ଚ୍ଚନା ସହିତ ଭୂମି ଶୋଧନ, ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା ।

# ଯକ୍ଷ୍ମା ରୋଗୀଙ୍କୁ ମିଳିଲା ନୂଆ ରେଜିମେଣ୍ଟ ଔଷଧ

**ନୟାଗଡ଼,୨୯।୫(ଲୋକନାଥ ମିଶ୍ର)**



ଜଣେ ରୋଗୀଙ୍କୁ ରେଜିମେଣ୍ଟ ଔଷଧ ପ୍ରଦାନ କରାଯାଉଛି।

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା କେନ୍ଦ୍ରଠାରେ ଯକ୍ଷ୍ମା ରୋଗୀଙ୍କୁ ବିପିଏଏଲ୍ଏମ୍ ନୂତନ ରେଜିମେଣ୍ଟ ଔଷଧ ପ୍ରଦାନ କରାଯାଇଛି । ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ଥିବା ରୋଗୀଙ୍କ ସହ ନୂତନ ଭାବେ ଚିହ୍ନଟ ହେଉଥିବା ଯକ୍ଷ୍ମା ରୋଗୀଙ୍କୁ ଏହି ଔଷଧ ପ୍ରଦାନ କରାଯିବ ବୋଲି ଜିଲା ଯକ୍ଷ୍ମା ରୋଗ ଅଧିକାରୀ ଡାକ୍ତର ଶରତ କୁମାର ଦାସ କହିଛନ୍ତି। ନୟାଗଡ଼ ଜିଲାରେ ୨ ଜଣ ରୋଗୀଙ୍କୁ ଔଷଧ ଦିଆଯାଇଛି । ଏହି ରେଜିମେଣ୍ଟ ଅତ୍ୟନ୍ତ ଉନ୍ନତ ଓ ଏହାର କ୍ଷମତା ଶକ୍ତିଶାଳୀ ହୋଇଥିବାରୁ ରୋଗୀଙ୍କ ସ୍ୱାସ୍ଥ୍ୟପ୍ରତି ପ୍ରଭାବଶାଳୀ ହେବ । ବହୁ ଦିନ ଧରି ଔଷଧ ସେବନ କରୁଥିବା ରୋଗୀମାନେ ଅଳ୍ପ ଦିନର ସମ୍ପୂର୍ଣ୍ଣ ସୁସ୍ଥ ହେବା ଯଥେଷ୍ଟ ଆଶା ରହିଛି । ଏହି କାର୍ଯ୍ୟକ୍ରମରେ ଜିଲା ଯକ୍ଷ୍ମା ସଂଯୋଜକ ରୁଦ୍ର ପ୍ରସାଦ ଜେନା, ଶରତ ଓଝା , ଦୀପକ ଦଳବେହେରା, ଆଶୁତୋଷ ସାମନ୍ତସିଂହାର, ଦିଲୀପ ପ୍ରଧାନ, ଶୋଭନ ମିଶ୍ରଙ୍କ ସହ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଆସୁଛି ରଜ, ଜମୁଛି ପଣସ ବେପାର

**ଦଶପଲ୍ଲା,୨୯।୫(ପ୍ରକାଶ କୁମାର ପାଣି)**


ବିକ୍ରି ପାଇଁ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା ପଣସ ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥରେ ଦଶପଲ୍ଲାଠାରୁ ୧୬କିମି ବୌଦ୍ଧ-ବଲାଙ୍ଗୀର ରାସ୍ତାରେ ଗଲାପରେ ପଡେ ବୁରୁଡ଼ା ବସ୍‌ଷ୍ଟାଣ୍ଡ । ବସ୍‌ଷ୍ଟାଣ୍ଡର ଅଳ୍ପକିଛି ଦୂରରେ ସାରାବର୍ଷ ଦେଖିବାକୁ ମିଳେ ଋତୁ ଅନୁସାରେ ଉତ୍ପାଦିତ ହେଉଥିବା ବିଭିନ୍ନ ପ୍ରକାର ତଟକା ଫଳ ଓ ପନିପରିବା । ଏହି ଆଦିବାସୀ ହରିଜନ ଅଧ୍ୟୁଷିତ ଅଞ୍ଚଳର ଚାଷୀମାନେ ନିଜ ବାଡ଼ି ବଗିଚାରେ ଉତ୍ପାଦିତ ହେଉଥିବା ବିଭିନ୍ନ ପନିପରିବା ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଅତ୍ୟନ୍ତ ଶସ୍ତା ଦରରେ ବିକ୍ରୟ କରିଥାନ୍ତି । ବ୍ୟବସାୟୀମାନେ ଚାଷୀମାନଙ୍କଠାରୁ କମ୍ ମୂଲ୍ୟରେ ସେହି ସବୁ ସମାଗ୍ରୀ କ୍ରୟକରି କଟକ,ଭୁବନେଶ୍ୱର ବଜାରରେ ଚଢା ଦରରେ ବିକ୍ରୀ କରିଥାଆନ୍ତି । ଗରିବ ଚାଷୀଟି ପରିଶ୍ରମର ମୂଲ୍ୟ ପାଇପାରନ୍ତି ନାହିଁ । ଏହି ସମସ୍ୟାକୁ ଆଖିଆଗରେ ରଖି ସ୍ଥାନୀୟ ଚାଷୀମାନେ ନିଜ ଉତ୍ପାଦିତ ବାଇଗଣ, ଭେଣ୍ଡି, କନ୍ଦମୂଳ, ଦେଶୀଆଳୁ, ଝୁଲଣ, ପୋଟଳ, ଜହ୍ନି, ଆମ୍ବ, ପଣସ, କଦଳୀ ଆଦି ସହିତ ବିଭିନ୍ନ ପ୍ରକାରର ଶାଗ ଓ ମହୁ,ଝୁଣା, ଜଙ୍ଗଲି ଆମ୍ବ ଶତାବରୀ ଭଳି ଅନେକ ପ୍ରକାରର ସାମଗ୍ରୀ ରାଜପଥ ପାର୍ଶ୍ୱରେ ବିକ୍ରୟ ପାଇଁ ସଜାଇ ରଖିଥାନ୍ତି । ଏବେ ରଜ ସମୟ ହୋଇଥିବାରୁ ପାଚିଲା ପଣସର ଚାହିଦା ଯଥେଷ୍ଟ ରହିଛି । ଏହାକୁ ଆଖି ଆଗରେ ରଖି ଅଭାବୀ ବିକ୍ରୀର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଚାଷୀମାନେ ନିଜ ବାଡିବଗିଚାରେ ଉତ୍ପାଦିତ ହେଉଥିବା ଦେଶୀ ପଣସ, ଖଜରା ପଣସ, ଦୋରୁଅ ପଣସ ଆଦି ଜାତୀୟ ରାଜପଥ ପାର୍ଶ୍ୱରେ ରଖି ଅତ୍ୟନ୍ତ ସୁଲଭ ମୂଲ୍ୟରେ ପଥଚାରୀମାନଙ୍କୁ ବିକ୍ରୀ କରୁଛନ୍ତି । ପଥଚାରୀମାନେ ମଧ୍ୟ ଅତ୍ୟନ୍ତ ସୁଲଭମୂଲ୍ୟରେ ରାସାୟନିକ ସାର ବିହିନ ତଟକା ଆମ୍ବ, ପଣସ କିଣି ଘରକୁ ନେଉଥିବା ଦେଖିବାକୁ ମିଳୁଛି ।

# ଚାଷଜମିକୁ ନଷ୍ଟ କରୁଛି ବେଆଇନ କ୍ରଶର

## ଧୂଳି, ଧୂଆଁ ପ୍ରଦୂଷଣ ଅଣାୟତ୍ତ

**ଯାଜପୁର/ଜେନାପୁର(ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ),୨୯।୫ :**

ପ୍ରଦୂଷଣ ନିରାକରଣ ଆଇନର ଖୋଲାଖୋଲି ଉଲ୍ଲଂଘନ କରି ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଛତୁଫୁଟିଲା ଭଳି କ୍ରଶର ନିର୍ମାଣ ହେବାରେ ଲାଗିଛି । ଏଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ପ୍ରଶାସନ ସେଭଳି କିଛି ଫଳପ୍ରଦ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି । ଫଳରେ ଚାଷ ଜମିକୁ ପଥର ଗୁଣ୍ଡ ଉଡି ଫସଲ ସବୁ ନଷ୍ଟ ହେଉଛି। ଏହିସବୁ ସମସ୍ୟାର ସମାଧାନ କରିବାକୁ ୫ ବର୍ଷ ପୂର୍ବେ ହୋଇଥିବା କ୍ଲଷ୍ଟର କ୍ରଶର ୟୁନିଟ ସ୍ଥାପନ ନିଷ୍ପତ୍ତିକୁ ଅଣଦେଖା କରାଯାଉଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି।

ଗ୍ରାମ ଓ ରାଜପଥଠାରୁ ୨ କିମିରୁ ଉର୍ଦ୍ଧ୍ୱ ଦୂରତାରେ କ୍ରଶର ମେଶିନ ବସାଇବା ନିୟମ ରହିଥିବାବେଳେ ଧର୍ମଶାଳା ତହସିଲ ଅଞ୍ଚଳରେ ସର୍ବସାଧାରଣ ରାସ୍ତା ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ଅତି ନିକଟରେ ଏବଂ ସରକାରଙ୍କ ସାମାଜିକ ବନୀକରଣ ଜଙ୍ଗଲ ଭିତରେ ଚୋରାରେ କ୍ରଶର ସ୍ଥାପନ କରାଯାଇଥିବା ଦେଖିବାକୁ



ଚାଷଜମିକୁ ଲାଗି ରହିଥିବା କ୍ରସର ।

ମିଳୁଛି । ଫଳରେ ଅନେକ କୋଟି ଟଙ୍କା ବ୍ୟୟରେ ରୋପଣ କରାଯାଇଥିବା ମୂଲ୍ୟବାନ ଗଛଗୁଡିକୁ ଅବାଧରେ କାଟି ମେଟାଲ ଓ ଗେଟି ପରିବହନ ପାଇଁ ରାସ୍ତା ନିର୍ମାଣ କରାଯାଇଛି । ଏହା ପଛରେ ପ୍ରଶାସନିକ ତଥା ରାଜନୈତିକ ପୃଷ୍ଠପୋଷକତା ରହୁଥିବା ଅଭିଯୋଗ ହେଉଛି । ଏହି କ୍ରଶର ମାଲିକମାନେ କିଛି ପରିମାଣର ଜମିରେ ପଥରକ୍ୱାରୀ ପାଇଁ ଲିଜ୍ ନେଇ ତା'ର ପାରିପାର୍ଶ୍ୱିକ ଅଞ୍ଚଳରେ ଅଣଅଧିକୃତ ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିରେ ମଧ୍ୟ ଖାଦାନ କରୁଛନ୍ତି । ପ୍ରଶାସନିକ ଅଧିକାରୀଙ୍କ ସହ ହାତ ମିଳାଇ ସେଠାରେ ଅବାଧରେ ଉଚ୍ଚ ଶକ୍ତି ସମ୍ପନ୍ନ ଡିନାମାଇଟ୍ ବିସ୍ଫୋରଣ କରି ପଥର ଫଟାଉଛନ୍ତି । ଏନେଇ ଅଞ୍ଚଳବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ, ଧର୍ମକୁ ଆଖିଠାର ସଦୃଶ କିଛିଦିନ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉଛି। ଧରପଗଡ କରାଯାଉ କ୍ରଶର ବନ୍ଦ କରାଯାଉଛି। ଏହାର କିଛିଦିନ ପରେ ସେହି କ୍ରଶର ପୂର୍ବ ପରି ଚାଲୁଛି। ସେହିପରି ପଥର ଭଙ୍ଗା ମେଶିନରୁ ଯେଉଁ ଗୁଣ୍ଡ ଉଡୁଛି ତାହା ପରିବେଶ ପ୍ରଦୂଷଣ କରୁଛି । ସେହି ବାଟଦେଇ ଯାଉଥିବା ଲୋକେ ଏବଂ ଗ୍ରାମବାସୀ ଯକ୍ଷ୍ମା ଓ ଅନ୍ୟାନ୍ୟ ବାୟୁ ସଂକ୍ରମିତ ରୋଗରେ ପୀଡିତ ହେଉଛନ୍ତି। କ୍ରଶରଗୁଡିକରେ କାମ କରୁଥିବା ଶ୍ରମିକମାନେ ରୋଗରେ ପଡୁଥିଲେ ମଧ୍ୟ ଏମାନଙ୍କ ଚିକିତ୍ସା ପାଇଁ କ୍ରଶର ମାଲିକମାନେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରୁ ନାହାନ୍ତି । ଏହାଛଡା ଏମାନଙ୍କୁ ସରକାରୀ ଧାର୍ଯ୍ୟ ଦରଠାରୁ କମ ପ୍ରାପ୍ୟ ଦେଇ ଅଧିକ ସମୟ ଖଟାଉଛନ୍ତି । ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ଜୀବନ ବୀମା କରାଯାଉ ନ ଥିବାରୁ ସେମାନେ କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣାର ଶିକାର ହେଲେ ମଧ୍ୟ କୌଣସି ସାହାଯ୍ୟ ନ ପାଇ ଅର୍କମଣ୍ୟ ହୋଇପଡୁଛନ୍ତି । ଏହି ପଥରଗୁଣ୍ଡଗୁଡିକ କ୍ରଶରରୁ ଉଡି ଅନେକ ଚାଷଜମିକୁ ପଡିଆ ପକାଇଛି । ଜେନାପୁର ଥାନା ଅଧିନ ବିଛାଖଣ୍ଡି ପାଣି ଟାଙ୍କି ନିକଟସ୍ଥ ଏକ କ୍ରଶରକୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ଏହି କ୍ରଶରରୁ ବାହାରୁ ଥିବା ଧୂଳି ଧୂଆଁ ଯୋଗୁ ଅଞ୍ଚଳର ଶତାଧିକ ଚାଷୀଙ୍କ ନିଦ ହଜାଇ ଦେଇଛି। ଏନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୋଣସି ସୁଫଳ ମିଳିପାରିନାହିଁ। ଫଳରେ ଶ୍ୟାମସୁନ୍ଦରପୁର, ମୁକୁନ୍ଦପୁର, ମହୁଲଖଣି ଓ ବିଛାଖଣ୍ଡି ଅଞ୍ଚଳର ଏକାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି।

ଶ୍ୟାମସୁନ୍ଦରପୁର ଗ୍ରାମର ଚାଷୀ ବିନାୟକ ପ୍ରଧାନ କୁହନ୍ତି ମୌଜା ଚକ୍ରଧର ପୁର, ଖାତା ନମ୍ବର ୪୩୫, ପ୍ଲଟ ନଂ. ୧୩୪୭ ଏବଂ ଖାତା ନମ୍ବର ୩୮୫, ପ୍ଲଟ ନଂ. ୧୩୫୨ ତାଙ୍କ ନାମରେ ରେକର୍ଡ ଭୁକ୍ତ ଅଟେ। ଏହି ଜମିକୁ ପ୍ଲଟ ନଂ. ୧୩୪୫, ୧୩୪୭, ୧୩୫୦, ୧୩୫୧ ଲାଗି ରହିଛି। ଏହା ଉପରେ ବେଆଇନ କ୍ରଶର ନିର୍ମାଣ କରାଯାଇଛି। ଯାହା ଫଳରେ ଚାଷ ଅନୁପଯୋଗୀ ହୋଇ ଏବେ ସେଠାରେ କୌଣସି ଫସଲ ହୋଇ ପାରୁନାହିଁ। ସେ ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ, ତହସିଲଦାର, ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରମୁଖ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ ବି କେହି ଶୁଣୁ ନାହାନ୍ତି ବୋଲି କହିଛନ୍ତି। ଏହାସହ ଚାଷୀ ଅଭିନାଶ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ଦଶରଥ ରାଉତ, ମୁରଲୀଧର ରାଉତ, ଅଜୟ ରାଉତ, ସର୍ବେଶ୍ୱର ପ୍ରଧାନ, ଯୋଗେନ୍ଦ୍ର ସାହୁ ପ୍ରମୁଖ ବେଆଇନ କ୍ରଶର ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କ ଆତ୍ମହତ୍ୟା

**ଯାଜପୁରରୋଡ୍, ୨୯।୫ (ପବିତ୍ର ରଞ୍ଜନ ମହାନ୍ତି):**



ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଚୋରଦା କାଳୀ ମେଳଣ ପଡ଼ିଆ ନିକଟ ଏକ ଭଡ଼ାଘରେ ଜଣେ ଫାଇନାନ୍ସ କମ୍ପାନୀର ମ୍ୟାନେଜର ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଢେଙ୍କାନାଳ ଜିଲା କୋଇଲିପଙ୍ଗି ଗ୍ରାମର ଶ୍ରୀଧର ସାହୁଙ୍କ ପୁଅ ଶିଶିର ସାହୁ(୩୨)। ପୋଲିସ ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

ଶିଶିର ସାଟିନ କ୍ରେଡିଟ କେୟାର ନେଟୱାର୍କ ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ ମ୍ୟାନେଜର ଭାବେ କାର୍ଯ୍ୟରତଥିଲେ। ଟଙ୍କା କଲେକ୍ସନକୁ ନେଇ ସେ ମାନସିକ ଚିନ୍ତାରେ ଥିବା ବୁଧବାର ରାତି ୧୧ ଟାରେ ତାଙ୍କ ଭଡ଼ା ଘରେ ଷ୍ଟାଫମାନଙ୍କ ସହ ଆଲୋଚନା କରିଥିଲେ। ପରେ ସମସ୍ତଙ୍କୁ ରୁମରୁ ପଠାଇ ନିଜେ ଶୋଇବାକୁ ଯାଇଥିଲେ। ଗୁରୁବାର ଷ୍ଟାଫମାନେ ଆସି ଅଫିସ ଖୋଲିଥିଲେ। ଶିଶିର ଅଫିସ ଆସିବାରେ ବିଳମ୍ବ କରିବାରୁ ଅଫିସକୁ ଲାଗିଥିବା ତାଙ୍କ ରୁମକୁ ଜଣେ ଷ୍ଟାଫ ଡାକିବାକୁ ଯାଇଥିଲେ। ରୁମ କବାଟ ଖୋଲାଥିଲା। ସେ ଭିତରକୁ ଯିବାରୁ ଶିଶିରଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ପରେ ଅନ୍ୟମାନଙ୍କୁ ଡାକ ପକାଇଥିଲେ। ଷ୍ଟାଫମାନେ ପହଞ୍ଚି ଘଟଣା ସମ୍ପର୍କରେ ଘର ମାଲିକଙ୍କୁ ଜଣେଇଥିଲେ। ଘର ମାଲିକ ୯ନଂ. ୱାର୍ଡ କାଉନସିଲର ମଣିନ୍ଦ୍ର ସାହୁ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କିଛି ମାସ ତଳେ ଶିଶିର ବିବାହ କରିଥିଲେ। ମାତ୍ର ତାଙ୍କର ପୂର୍ବରୁ ଜଣେ ଝିଅଙ୍କ ସହ ସମ୍ପର୍କ ଥିଲା। ଫଳରେ ଏହାକୁ ନେଇ ପରିବାର ମଧ୍ୟରେ ଅଶାନ୍ତି ଲାଗିରହିଥିଲା ବୋଲି ତାଙ୍କ ପରିବାର ଲୋକ କହିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ଶିଶିର ଚାକିରିରୁ ଇସ୍ତଫା ଦେବେ ବୋଲି କହିଥିବା ସଂସ୍ଥାର ଜଣେ କର୍ମଚାରୀ ସୁକନ୍ୟା ନାୟକ କହିଛନ୍ତି। ଏନେଇ ଥାନାରେ ନଂ.୧୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଓଳାଶୁଣୀ ପୀଠରେ ଶିବ ବିବାହ ପ୍ରସ୍ତୁତି

**ବାଲିଚନ୍ଦ୍ରପୁର,୨୯।୫(ଗିରିଜା ପ୍ରସାଦ ସାହୁ):**

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ପୀଠରେ ଶିବ ପାର୍ବତୀଙ୍କ ବିବାହ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ଗୁରୁବାର ହୋଇଯାଇଛି। ପାହାଡ଼ ଶୀର୍ଷଦେଶରେ ଥିବା ସନ୍ଥ ଅରକ୍ଷିତ ଦାସଙ୍କ ସମାଧିପୀଠ ପରିସରରେ ମଠାଧିସ ନାମାନନ୍ଦ ଦାସଙ୍କ ପୌରହିତ୍ୟରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ୩୧ ତାରିଖ ଶନିବାର ଶିବ ପାର୍ବତୀଙ୍କର ବିବାହ ଉତ୍ସବ ପାଳନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଶୁକ୍ରବାର ଶୁଭମଙ୍ଗଳ କଳସ ସ୍ଥାପନା ପରେ ଶନିବାର ଅପରାହ୍ଣ ୪ଟାରେ ମହାପୁରୁଷଙ୍କ କେଶ ରହୁଥିବା ସ୍ଥାନ ଲଳିତଗିରିରୁ ରୋଷଣି କରି ବର ବାହାରି ଓଳାଶୁଣୀ ପାହାଡ଼ ଶୀର୍ଷଦେଶରେ ପହଞ୍ଚିବା ପରେ ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମଠ ପକ୍ଷରୁ ବରଯାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳ ଭକ୍ତଙ୍କୁ ଆତିଥେୟ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ବାବାଜୀ ରମାକାନ୍ତ ଦାସ, ବାବା ଅନନ୍ତ କିଶୋର ଦାସ, ଖଣ୍ଡଗିରି ମହନ୍ତ ଡ଼ମ୍ବରୁଧର ଦାସ, ବାବା ସୁଧାକର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନୂତନ ଆଇନ, ନିଶା ନିବାରଣ ଉପରେ ସଚେତନତା

**ଧର୍ମଶାଳା,୨୯।୫(ବଟକୃଷ୍ଣ ପରିଡା):**

ଜେନାପୁର ଥାନା ଆମ ପୋଲିସ ପକ୍ଷରୁ ନୂତନ ଆଇନ ଓ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ମଧୁସୁଦନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ନିରୁପମା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଆଇନ ନେଇ ଜନସାଧାରଣ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିସହିତ ନିଶାରେ ଯୁବସମାଜ ବହୁଳ ଭାବରେ ପ୍ରବାହିତ ହେଉଥିବାରୁ ବିଭିନ୍ନ ରୋଗର ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହରାଉଛନ୍ତି ବୋଲି ପ୍ରକାଶ କରିଥିଲେ। ତେଣୁ ଯୁବ ସମାଜକୁ ନିଶାରୁ ଦୂରେଇ ରହିବା ପାଇଁ ପରିବାର ଓ ଜନସମାଜ ଉଦ୍ୟମ କରିବା ଆବଶ୍ୟକତା ଅଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମଧୁସୂଦନପୁର ସରପଞ୍ଚ ରଯୁଂକ୍ତା ସ୍ୱାଇଁ ଓ ଥାନା ଏସ୍ଆଇ ଶଶୀଭୂଷଣ ପରିଡା ଅତିଥି ଭାବେ ଯୋଗଦେଇ ନୂତନ ଆଇନ ଓ ନିଶା ନିବାରଣ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

# ୪ ମନ୍ଦିରରୁ ଚୋରି



**ପାଣିକୋଇଲି,୨୯।୫(ବିକାଶ ମଲ୍ଲିକ):**

ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତର ୪ ଶିବ ଓ ହନୁମାନ ମନ୍ଦିରରୁ ଚୋରି ହୋଇଛି। ପଞ୍ଚାୟତର ଭଗତପୁର ଲକ୍ଷ୍ମୀ ଛକ ଓ ନୂଆପଡ଼ା ଗ୍ରାମରେ ଥିବା ଶିବ ଏବଂ ହନୁମାନ ମନ୍ଦିରରୁ ଚୋରି ହୋଇଥିବା ସୂଚନା ମିଳିଛି। ମନ୍ଦିରରେ ଥିବା ରୂପା ମୁକଟ ସମେତ ପିତଳ ନାଗ ଓ ପୂଜା ପାଇଁ ଥିବା ସମସ୍ତ ଆସବାସପତ୍ରକୁ ଦୁର୍ବୃତ୍ତ ନେଇ ଯାଇଛନ୍ତି। ସକାଳୁ ପୂଜକ ମନ୍ଦିରକୁ ଆସିବାରୁ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ହାଇସ୍କୁଲ ପରୀକ୍ଷାରେ ଖରାପ ପ୍ରଦର୍ଶନ

## ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକଙ୍କ ସହ ସମୀକ୍ଷା କଲେ ବିଧାୟକ

**ଚଣ୍ଡିଖୋଲ,୨୯।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ହାଇସ୍କୁଲ ପରୀକ୍ଷାରେ ଖରାପ ପ୍ରଦର୍ଶନ ନେଇ ବଡ଼ଚଣା ବ୍ଲକ ସଭାଗୃହରେ ଗୁରୁବାର ଯାଜପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୬୧ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ବୈଠକରେ ସାମିଲ ହୋଇଥିଲେ। ବିଧାୟକ ଅମର ନାୟକ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ ବ୍ଲକରୁ ମୋଟ୍ ୨ ଜଣ ଛାତ୍ରୀଛାତ୍ର ମାଟ୍ରିକରେ ଏ-୧ ଗ୍ରେଡ ପାଇଥିଲେ। ତାହା ପୁଣି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର। ତେଣୁ ସରକାରୀ ବିଦ୍ୟାଳୟଗୁଡ଼ିକ କାହିଁକି ପଛରେ ରହିଛି ସେ ନେଇ ବିଧାୟକ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକର ବିଧାୟକଙ୍କ ସହ ଯାଜପୁର ଜିଲା ଶିକ୍ଷା ଅଧିକାରୀ, ବଡ଼ଚଣା ମଣ୍ଡଳ ଉନ୍ନୟନ ଅଧିକାରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବ୍ଲକ୍ ଉପାଧକ୍ଷ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ସରକାରୀ ହାଇସ୍କୁଲର ମୌଳିକ ସମସ୍ୟା, ଭିତ୍ତିଭୂମିର ବିକାଶ, ଶ୍ରେଣୀ ଗୃହର ଉନ୍ନତିକରଣ ଏବଂ ଚଳିତ ବର୍ଷରେ ଛାତ୍ରୀଛାତ୍ରଙ୍କ ସଫଳତା ଓ ବିଫଳତା ଉପରେ ତର୍ଜମା କରାଯାଇଥିଲା। ଏଥିସହିତ ହାଇସ୍କୁଲ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ ସେଥିନେଇ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# ମାଧବାନନ୍ଦ, ନିରଞ୍ଜନ ବିଜେଡି ପରାମର୍ଶଦାତା କମିଟି ସଭ୍ୟ

**ଛତିଆ,୨୯।୫(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବିଜୁ ଜନତା ଦଳର ଏକ ବୈଠକ ବଡ଼ଚଣା ବିଜେଡି ସଭାପତି ତାପସ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ପରାମର୍ଶକ୍ରମେ ବଡ଼ଚଣାର ୨ ବରିଷ୍ଠ ନେତା ମାଧବାନନ୍ଦ ମହାପାତ୍ର ଓ ନିରଞ୍ଜନ ସିଂହଙ୍କୁ ପରାମର୍ଶଦାତା କମିଟିର ସଦସ୍ୟ ଭାବରେ ମନୋନୀତ କରାଯାଇଛି। ପୂର୍ବରୁ ଏହି ପରାମର୍ଶଦାତା କମିଟି ସଦସ୍ୟ ଭାବେ ୨୯ ଜଣଙ୍କ ନାମ ଘୋଷଣା ହୋଇଥିଲା। ଏବେ ଏହା ୩୧କୁ ବୃଦ୍ଧି ପାଇଛି।

# ହନୁମାନଙ୍କ ସୁନା ଅଳଙ୍କାର ଲୁଟ୍

**ଯାଜପୁରରୋଡ୍,୨୯।୫ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ କୋପଣ୍ଡ ଛକ ହନୁମାନ ମନ୍ଦିରରୁ ଠାକୁରଙ୍କ ସୁନା ଅଳଙ୍କାର ସହ ଆସବାବପାତ୍ର ଚୋରି ହୋଇଯାଇଛି। ଏନେଇ ଯାଜପୁରରୋଡ୍ ଥାନାରେ ଗୁରୁବାର ଲିଖିତ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସକାଳୁ ପୂଜକ ପ୍ରଶାନ୍ତ ପଣ୍ଡା ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ଏହି ସମୟରେ ମନ୍ଦିରର ଗେଟ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଏଥିସହିତ ମନ୍ଦିର ଭିତରକୁ ଯାଇ ହନୁମାନଙ୍କ ମୁଣ୍ଡରେ ରୁପା ମୋକଟ, ହାର, ପଇତା, ଖଡୁ ଓ ରୁପା ବଳା ଆଉ ଦେଖିବାକୁ ପାଇ ନ ଥିଲେ। ଠାକୁରଙ୍କ ଅନେକ ଆସବାବପାତ୍ର ମଧ ମନ୍ଦିରରେ ନଥିବା ସେ ଦେଖିଥିଲେ। ଏହି ସବୁକୁ ବୁଧବାର ରାତିରେ ଦୁର୍ବୃତ୍ତ ଚୋରି କରିନେଇଥିବା ସେ ଜାଣିପାରି ମନ୍ଦିର କମିଟି ସଭାପତି ମାରୁତି କୁମାର ସାହୁଙ୍କୁ ଜଣାଇଥିଲେ। ପରେ ସଭାପତି ସାହୁ ଓ ପୂଜକ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକରି ମଜୁରି ପାଉନାହାନ୍ତି ଶ୍ରମିକ



ବିଡ଼ିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକରି ମଜୁରି ପାଉନାହାନ୍ତି ଶ୍ରମିକ।

**ରାଜନଗର , ୨୯।୫(ଭାସ୍କର ରାଉତରାୟ)**

## ରାଜନଗର ବିଡିଓଙ୍କୁ ଅଭିଯୋଗ

- ୭ ଦିନ ଭିତରେ ମଜୁରି ଦିଅ
- ନ ହେଲେ ଆମରଣ ଅନଶନରେ ବସିବୁ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜି ଏନ୍‌ଆର୍‌ଇଜିଏସ୍) କେନାଲ ଖୋଳା ଓ ସଫେଇ କରି ମାସ ମାସ ଧରି ମଜୁରି ପାଉନାହାନ୍ତି ଶ୍ରମିକ। ଗୁରୁବାର ଡାଙ୍ଗମାଳ ପଞ୍ଚାୟତ ଡାଙ୍ଗମାଳ ଗାଁର ଶ୍ରମିକମାନେ ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ୭ ଦିନ ଭିତରେ ସେମାନଙ୍କୁ ମଜୁରି ପ୍ରଦାନ କରା ନ ଗଲେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ଦର୍ଶାଇଛନ୍ତି। ରାଜନଗର ବ୍ଲକ୍ ଡାଙ୍ଗମାଳ ପଞ୍ଚାୟତର କେଟିଲ ପୋଖରୀଠାରୁ ଶଶାଙ୍କ ମାନ୍ନା ଘର ଯାଏ ଓ ମଦନ ଦାସ ଘରଠାରୁ ବେଙ୍ଗ ମଣ୍ଡଳ ଘର ଯାଏ ୨ଟି କେନାଲ ପୁନରୁଦ୍ଧାର କାମ ଶ୍ରମିକମାନେ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାର୍ଚ୍ଚ ୨୭ଠାରୁ ମେ ୨୮ ଯାଏ ଶ୍ରମିକମାନେ କେନାଲରେ ମାଟି ଖୋଳା କାମ କରିଥିଲେ ମଧ ସେମାନଙ୍କ ମଜୁରି ପାଇନାହାନ୍ତି। ଡାଙ୍ଗମାଳ ଗାଁର ରାଜକିଶୋର ବେହେରା, ରଘୁନାଥ ବେହେରା, ବିଚିତ୍ର ବେହେରା, ହରେକୃଷ୍ଣ ଦାସ ପ୍ରମୁଖ ୧୭ ଜଣ ଶ୍ରମିକ ରାଜନଗର ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ମଜୁରି ଲାଗିଲେ ପରିବାର ଚଳେ। ଦୀର୍ଘ ୨ ମାସ ଧରି କେନାଲରେ ମାଟି କାମ କରିଥିଲେ ମଧ ସେମାନଙ୍କୁ ମଜୁରି ଟଙ୍କା ମିଳିନାହିଁ। ୭ ଦିନ ଭିତରେ ସେମାନଙ୍କ ମଜୁରି ଟଙ୍କା ଦିଆଯାଉ, ନଚେତ୍ ଡାଙ୍ଗମାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଜୁରି ଟଙ୍କା ପାଇବା ଯାଏ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ବିଡିଓଙ୍କୁ

# ବେଆଇନ ବାଲି ପରିବହନ : ୩ ଟ୍ରାକ୍ଟର, ୨ ହାଇୱା ଜବତ

## ନକଲି ଟିପି ଉପରେ ଦୃଷ୍ଟି ଦେବାକୁ ଦାବି

**ଯାଜପୁର,୨୯।୫(ହର୍ଷବର୍ଦ୍ଧନ ବେହେରା):**







ଜବତ ଟ୍ରାକ୍ଟର ଓ ହାଇୱା ।

ଯାଜପୁର ଜିଲାର ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, ବିରୂପା, ବୁଢା ଆଦି ନଦୀ ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ ସୀମା ଟପିଛି। ଫଳରେ ବ୍ରିଜଗୁଡିକ ଦୁର୍ବଳ ହେବା ସହ ରାସ୍ତାଘାଟ ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ରମାଗତ ଭାବେ ଚଢାଉ ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ବୈତରଣୀ ନଦୀର ଯାଜପୁର ଦେବୀଘାଟରୁ ବେଆଇନ ବାଲି ଉତ୍ତୋଳନ କରି ଚାଲାଣ ହେଉଥିବା ସମୟରେ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ସେହିପରି ଡିଡିଏମ୍ ଅଧିକାରୀମାନେ ଚଢାଉ ଚାଲିଥିବା ସମୟରେ ମାର୍କଣ୍ଡପୁର ନିକଟରେ ଅନ୍ୟ ୨ଟି ଟ୍ରାକ୍ଟର ବିନା ଟ୍ରାନଜିଟ ପାସ୍(ଟିପି)ରେ ବାଲି ପରିବହନ କରୁଥିବା ଜଣାପଡିଥିଲା। ତୁରନ୍ତ ଉକ୍ତ ୨ ଟ୍ରାକ୍ଟରକୁ ଜବତ କରାଯାଇଛି। ଚଣ୍ଡିଖୋଲ ନିକଟରେ ବିନା ଟିପିରେ ବାଲି ପରିବହନ କରୁଥିବା ସମୟରେ ଏକ ହାଇୱା ଗାଡ଼ିକୁ ଜବତ କରାଯାଇ ପୋଲିସରେ ଜିମା ଦିଆଯାଇଛି। ଏହିସବୁ ଚଢାଉରେ ଡିଡିଏମ୍ କାର୍ଯ୍ୟାଳୟର ଜୁନିୟର ମାଇନିଂ ଅଫିସର ବିଶ୍ୱଜିତ ସ୍ୱାଇଁ, ଶିତେଶ କୁମାର ନାୟକ ଏବଂ ପୋଲିସ ଅଧିକାରୀମାନେ ସାମିଲ ହୋଇଥିଲେ।

ଯାଜପୁର ଜିଲାର ନଦୀଗୁଡିକରେ ଥିବା ବାଲିଘାଟରୁ ବାର୍ଷିକ ପ୍ରାୟ ୨୫ ରୁ ୩୫ ହଜାର ଘନମିଟର ବାଲି ଉତ୍ତୋଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଅନୁସାରେ ଦିନକୁ ହାରାହାରି ୮୨ ଘନ ମିଟର ବାଲି ଉତ୍ତୋଳନ ହୋଇ ପାରିବ। ତଦନୁସାରେ ସଂପୃକ୍ତ ତହସିଲ ଅଧିକାରୀଙ୍କ ପକ୍ଷରୁ ଟିପି(ଟ୍ରାନଜିଟ ପାସ୍)ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଜିଲାର ପ୍ରାୟ ସମସ୍ତ ଅନୁମତି ପ୍ରାପ୍ତ ବାଲିଘାଟରୁ ଧାର୍ଯ୍ୟ ପରିମାଣଠାରୁ ବହୁ ଗୁଣରେ ଅଧିକ ବାଲି ଉତ୍ତୋଳନ କରିବାକୁ ଲିଜ୍‌ଧାରୀମାନେ ନକଲି ଟିପିର ଆଶ୍ରୟ ନେଉଥିବା ଅଭିଯୋଗ ହେଉଛି। ଏହି ନକଲି ଟିପି ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଛପା ଯାଉଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଫଳରେ ବାଲି ଉତ୍ସଗୁଡିକ କ୍ଷତିଗ୍ରସ୍ତ ହେବାକୁ ବସିଛି । ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ୧୨ ଜୁନ୍ ସୁଦ୍ଧା ୧୫ ହଜାର ଚାଷୀଙ୍କ ସହ ସମ୍ପର୍କ ସ୍ଥାପନ ଲକ୍ଷ୍ୟ

## ଜଗତ୍‌ସିଂହପୁରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ

ଜଗତସିଂହପୁର, ୨୯।୫ (ପ୍ରମୋଦ କୁମାର ନାୟକ)

କେନ୍ଦ୍ରୀୟ କୃଷି, କିଷାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନରେ ଗୁରୁବାରଠାରୁ ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହେଉଛି। ଏହି ଅଭିଯାନ ୧୨ ଜୁନ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ କୃଷି ମନ୍ତ୍ରଣାଳୟ, ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର୍) ମିଳିତ ଭାବେ ଏହି କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି ଅଭିଯାନ ଅଧୀନରେ ସାରା ଭାରତର ୭୦୦ରୁ ଅଧିକ ଜିଲାରେ ପ୍ରାୟ ୨୦୦୦ ବୈଜ୍ଞାନିକ ଦଳ ଯୋଗଦେବେ। ଆନୁମାନିକ ୧.୫ କୋଟି କୃଷକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରାଯିବ। ଏଥିରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଏବଂ ଉନ୍ନତବିହନ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚନା ଦିଆଯିବ। ପରିଶେଷରେ, କୃଷକମାନଙ୍କ ପ୍ରତିକ୍ରିୟା ଏବଂ ସେମାନଙ୍କ ସମସ୍ୟାଗୁଡ଼ିକୁ ଲିପିବଦ୍ଧ କରାଯିବ।

ଏହି ଅଭିଯାନ ପାଇଁ ଜଗତ୍‌ସିଂହପୁରରେ ୩ ଦଳ ଗଠନ କରାଯାଇଛି। ପ୍ରତି ଦଳରେ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ), ଜଗତ୍‌ସିଂହପୁର ଆଇସିଏଆର୍ ସିଆଇଏଫ୍‌ଏ (ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର), ଆଇସିଏଆର୍ ଏନ୍‌ଆଇଏଫ୍‌ଏମ୍‌ଡି (ଜାତୀୟ ପାଦ ଓ ମୁଖ ରୋଗ ପ୍ରତିଷ୍ଠାନ), ଜିଲା କୃଷି ବିଭାଗ, ଜିଲା ଉଦ୍ୟାନ ବିଭାଗ, ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜିଲା ମତ୍ସ୍ୟ ବିଭାଗର ବୈଜ୍ଞାନିକ ଓ ଅଧିକାରୀମାନେ ଅଛନ୍ତି। ପ୍ରତ୍ୟେକ ଦଳ ଦିନକୁ ଜିଲାର ବିଭିନ୍ନ ସ୍ଥାନରେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରିବେ ଏବଂ ୧୨ ଜୁନ ପର୍ଯ୍ୟନ୍ତ ୮ବ୍ଲକର ୧୫ ହଜାର ଚାଷୀଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନ ମାଧ୍ୟମରେ ନୂତନ କୃଷି ପ୍ରଯୁକ୍ତି, ସରକାରୀ ଯୋଜନା ଓ କୃଷି ସମ୍ବନ୍ଧୀୟ ସୂଚନା ଚାଷୀଙ୍କୁ ପ୍ରଦାନ କରାଯିବ। ଗୁରୁବାର ଏହି ଅଭିଯାନ ଜଗତ୍‌ସିଂହପୁର ଜିଲାର ଏରସମା ବ୍ଲକର ନୂଆଗାଁ, ଅଚ୍ୟୁତଦାସପୁର, ନଇଗୁଆଁ, ତଳକୁସୁମା ଗ୍ରାମରେ ଏବଂ କୁଜଙ୍ଗ ବ୍ଲକର ଗଣ୍ଡକିପୁର, ଗୋପିଆକୁଦରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ସମେତ ବିଶ୍ୱଜିତ୍ ପଣ୍ଡା, ବିଭୁଦତ୍ତ ସାହୁ, ସମଲେଇ ପ୍ରସାଦ ପରିଡ଼ା, ସୀତାରତ୍ନମାଳା ଦାସ, ସୋଫିଆ ସ୍ୱାଇଁ, କୃଷି ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼ ପ୍ରଦୀପ୍ତ ମାଝୀ, ଡ.ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ, ସରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକମାନେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ସେମାନଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲା କୃଷି ବିଭାଗ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଚାଷୀମାନଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କରିଥିବା ବିଭିନ୍ନ ଯୋଜନା ଓ ରିହାତି ବିଷୟରେ ଅବଗତ କରାଯାଇଥିଲା। ଖରିଫ ଋତୁର ବୁଣାବୁଣି ପୂର୍ବରୁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା। ଏକ ରାଷ୍ଟ୍ର, ଏକ କୃଷି ନୀତିର ମନ୍ତ୍ର ନେଇ, ଭାରତୀୟ କୃଷିର ଭବିଷ୍ୟତ ପାଇଁ, କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଭାରତୀୟ କୃଷି ପରିଷଦର ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ। ଏହାଦ୍ୱାରା ଆଗାମୀ ଦିନରେ କୃଷି ଓ କୃଷକମାନଙ୍କ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଇଛି।

# ବର୍ଷା ବିଭ୍ରାଟ: ଫସିଲା ମେଶିନ, ହାଇୱା


ଇଡ୍‌କୋ ଅଧିଗୃହୀତ ଜମିରେ ଫସି ରହିଥିବା ମେଶିନ ଓ ହାଇୱା।

କୁଜଙ୍ଗ, ୨୯।୫(ମନୋଜ ପ୍ରଧାନ)

କୁଜଙ୍ଗ ତହସିଲ ଅନ୍ତର୍ଗତ ପ୍ରତାପପୁର, ଫତେପୁର ଗହିରରେ ଶିଳ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଇଡ୍‌କୋ ପକ୍ଷରୁ ୭୨୨ ଏକର ଜମି ଅଧିଗ୍ରହଣ କରାଯାଇଛି। ଏସବୁ ଜମିରେ ବର୍ଷା ଯୋଗୁ କିଛି ହାଇୱା ଓ ମେଶିନ ବାହାରି ନ ପାରି ଫସି ରହିଛି। ଏଗୁଡ଼ିକ ମାଟି ମାଫିଆଙ୍କର ବୋଲି କୁହାଯାଉଛି। ୩ ଦିନ ପୂର୍ବେ ଇଡ୍‌କୋ ଅଧିଗୃହୀତ ଜମିରୁ ମାଟି ଚାଲାଣ ଉଦ୍ଦେଶ୍ୟରେ ରାତିରେ ଏସବୁ ଗାଡ଼ି ଓ ମେଶିନ୍ ଦ୍ୱାରା ମାଟି ଚାଲାଣ କରାଯାଉଥିବାବେଳେ ବର୍ଷାଯୋଗୁ ମାଟି ଦବିଯିବାରୁ ସେଗୁଡ଼ିକ ବାହାରି ନପାରି ଏପର୍ଯ୍ୟନ୍ତ ଫସିଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରେ ରାତି ଅଧରେ ମାଟି ଚୋରା ଚାଲାଣ କରୁଥିବା ଗାଡ଼ି ଓ ମେଶିନ ଫସିଯିବାରୁ ଭଲ ହୋଇଛି ବୋଲି କହିଛନ୍ତି। ଇଡ୍‌କୋ କର୍ତ୍ତୃପକ୍ଷ, ଜିଲା ଖଣି ବିଭାଗ ଓ ରାଜସ୍ୱ ବିଭାଗ ଚଢ଼ାଉ କରି ତୁରନ୍ତ ଉକ୍ତ ଗାଡ଼ି ଓ ମେଶିନଗୁଡ଼ିକୁ ଜବତ କରିବାକୁ ଦାବି ହୋଇଛି।

# ଶିଶୁବିଦ୍ୟାମନ୍ଦିର କାର୍ଯ୍ୟାଳୟ ସହାୟକ କର୍ମଶାଳା ଉଦ୍‌ଘାଟିତ

ରଘୁନାଥପୁର, ୨୯।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୂର୍ବସମ୍ଭାଗର ସମ୍ଭାଗସ୍ତରୀୟ ସାମୂହିକ କାର୍ଯ୍ୟାଳୟ ସହାୟକ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ପ୍ରମୁଖ ରଶ୍ମିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ଜଗତସିଂହପୁର ବିଭାଗ ନୀରିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଶଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ, ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ଗୁରୁନାରାୟଣ ମହାନ୍ତି, ସମ୍ପାଦକ ଅଜୟ କୁମାର ନାୟକ, ପୂର୍ବ ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟଶାଳାରେ ପୂର୍ବ ସମ୍ଭାଗର ୪ ଜିଲା ପୁରୀ, ନୟାଗଡ,ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରୁ ୪୭ଜଣ ଆଚାର୍ଯ୍ୟା, ଆଚାର୍ଯ୍ୟ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଶିଶୁମନ୍ଦିରର ପ୍ରଧାନଶିକ୍ଷକ ବସନ୍ତ କୁମାର ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଶିଶୁମନ୍ଦିର ଆଚାର୍ଯ୍ୟ, ଆଚାର୍ଯ୍ୟା, ପରିଚାଳନା କମିଟି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହେବ ବୋଲି ଶିଶୁମନ୍ଦିର ପକ୍ଷରୁ କୁହାଯାଇଛି।


ଆଚାର୍ଯ୍ୟା, ଆଚାର୍ଯ୍ୟମାନେ ପ୍ରଶିକ୍ଷଣ ନେଉଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ପାଇଁ ରାସ୍ତା ବିପର୍ଯ୍ୟସ୍ତ


ଗଙ୍ଗଦାହାଟ-ତେଲସରା ମୁଖ୍ୟ ରାସ୍ତାରେ କାଦୁଅ ଜମିଛି।

## ୩ ବର୍ଷ ହେବ ସରୁନାହିଁ ପାଇପ୍‌ଲାଇନ କାର୍ଯ୍ୟ

ନାଉଗାଁ, ୨୯।୫(ସୁଧା ବେହୁରା)

ନାଉଗାଁ ବ୍ଲକ ଡେରିକି ପଞ୍ଚାୟତ ଗଙ୍ଗଦାହାଟ ଦେଇ ପାଇପ୍‌ଲାଇନ କାର୍ଯ୍ୟ ଜାରି ରହିଛି। ଉକ୍ତ ପାଇପ୍‌ଲାଇନ କାର୍ଯ୍ୟ ପାଇଁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିଯୋଗୁ ଜନସାଧାରଣ ହାଟ ମଧ୍ୟକୁ ଯାଇପାରୁ ନ ଥିବା ଜଣାପଡ଼ିଛି।

ଗତ ୩ ଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ପାନୀୟ ଜଳ ଯୋଗାଣ ପାଇଁ ଠିକାଦାର ପାଇକସାହି ନିକଟସ୍ଥ ପୂର୍ତ୍ତ ବିଭାଗର ଗଙ୍ଗଦାହାଟ-ତେଲସରା ମୁଖ୍ୟ ରାସ୍ତା ପାର୍ଶ୍ୱର ଗଙ୍ଗଦାହାଟ ନିକଟରେ ଖୋଳି ଦେଇଥିବାରୁ ଉକ୍ତ ରାସ୍ତାର ମାଟି ବର୍ଷାରେ ଭିଜି କାଦୁଅ ହୋଇଯାଇଛି। ଫଳରେ ୨ ଚକିଆ ଯାନ,ପଦଚାରୀ କିମ୍ବା ସାଇକେଲ ନେଇ ଯାଉଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିତ୍ୟ ଆବଶ୍ୟକ ପାଦାର୍ଥ ପାଇଁ ସ୍ଥାନୀୟ ଲୋକେ ଗଙ୍ଗଦା ବଜାର ଉପରେ ନିର୍ଭର କରୁଥିବାବେଳେ କାଦୁଅ ଯୋଗୁ ହାଟ ମଧ୍ୟକୁ ଯାଇ ପାରୁନାହାନ୍ତି। ନିୟମାନୁସାରେ ଠିକାଦାର ରାସ୍ତା ପାର୍ଶ୍ୱର କଂକ୍ରିଟ ଫଟାଇ ପାନୀୟଜଳ ପାଇପ ସଂଯୋଗ କରିବା ପରେ ଉକ୍ତ ରାସ୍ତାକୁ ପୁନର୍ବାର କଂକ୍ରିଟ୍ କରିବା କଥା। କିନ୍ତୁ ଠିକାଦାର ତାହା କରୁ ନ ଥିବା ଜଣାଯାଇଛି। ସେହିପରି ସୂଚନାଫଳକ ତଥ୍ୟ ଅନୁସାରେ ଉକ୍ତ କାର୍ଯ୍ୟ ପାଇଁ ୬ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। କିନ୍ତୁ କାର୍ଯ୍ୟ ସରିବାର ଅବଧି ବିଷୟରେ ଫଳକରେ ଦର୍ଶାଯାଇ ନାହିଁ। ଦୀର୍ଘ ୩ ବର୍ଷ ହେବ ଗଙ୍ଗଦା ଓ ପଡ଼ାଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ପାଇଁ ପାଇପ୍ ଲାଇନ ସଂଯୋଗ ହୋଇଥିବାବେଳେ ଏପର୍ଯ୍ୟନ୍ତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇ ନାହିଁ। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏସମ୍ପର୍କରେ ଗ୍ରାମ୍ୟ ଜଳ ପରିମଳ ବିଭାଗର ଏସ୍‌ଡିଓ ତପନ ରାଉତଙ୍କୁ ପଚାରିବାରେ- ଯଥାଶୀଘ୍ର ରାସ୍ତା କାର୍ଯ୍ୟ କରାଯିବା ସହ ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ।

# ମାସର ପ୍ରଥମ ରବିବାରରେ ନାଟକ ପରିବେଷଣ ପାଇଁ ନିଷ୍ପତ୍ତି

## କୁଜଙ୍ଗ ଥିଏଟର କ୍ଲବ ଗଠନ

କୁଜଙ୍ଗ, ୨୯।୫(ମନୋଜ ପ୍ରଧାନ)

କଳା ଓ ସଂସ୍କୃତିର ମାଟି କୁଜଙ୍ଗରେ ନାଟ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ସହ ଗ୍ରାମାଞ୍ଚଳର ପ୍ରତିଭାକୁ ପରିସ୍ଫୁଟ କରିବା ଉଦ୍ଦେଶ୍ୟରେ ଗୁରୁବାର କୁଜଙ୍ଗ ଥିଏଟର କ୍ଲବ ଗଠନ କରାଯାଇଛି। ଏନେଇ କୁଜଙ୍ଗ ବନ ବିଭାଗର ବଙ୍ଗଳାଠାରେ ଅଞ୍ଚଳର ବରିଷ୍ଠ କଳାକାରମାନଙ୍କୁ ନେଇ ବୈଠକ କରାଯିବା ସହ କର୍ମକର୍ତ୍ତା ଚୟନ କରାଯାଇଛି। ଗ୍ରାମାଞ୍ଚଳରେ ସୁପ୍ତଭାବେ ରହିଥିବା ପ୍ରତିଭାବାନ ବ୍ୟକ୍ତିଙ୍କ କଳା କିପରି ରାଜ୍ୟ ଓ ଜାତୀୟସ୍ତରରେ ପହଞ୍ଚିବ ସେଥି ନିମନ୍ତେ ପ୍ରତି ମାସର ପ୍ରଥମ ରବିବାର କୁଜଙ୍ଗରେ ଦେଢ଼ ଘଣ୍ଟିଆ ନାଟକ ପରିବେଷଣ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବାବେଳେ ଅଧ୍ୟକ୍ଷ ଭାବେ ପ୍ରଫୁଲ୍ଲ ନାଥ ଶର୍ମା, ସଭାପତି ଭାବେ ମହେନ୍ଦ୍ର ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଶେଷରେ ଉପସଭାପତି ସଂଗ୍ରାମ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ସାମିଲ ହୋଇଥିବା କୁଜଙ୍ଗ ଥିଏଟର କ୍ଲବର ସଭ୍ୟମାନେ।

# ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ, ମରଣାନ୍ତକ ଆକ୍ରମଣ

ନାଉଗାଁ, ୨୯।୫(ସୁଧା ବେହୁରା)

ନାଉଗାଁ ଥାନା ଅଞ୍ଚଳର ଜଣେ ନାବାଳିକା ନିକଟସ୍ଥ ବଜାରରୁ ଗୁରୁବାର ଅପରାହ୍ନରେ ସାଇକେଲ୍‌ରେ ଯାଉଥିଲେ। ଏହି ସମୟରେ ଉକ୍ତ ଥାନା ଅଞ୍ଚଳର ୩ ଜଣ ଯୁବକ ଏକ ପଲ୍‌ସର ବାଇକରେ ଆସି ନାବାଳିକାଙ୍କ ସାଇକେଲ ଆଗରେ ଗାଡି ରଖି ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଡ୍ରେସକୁ ଟଣା ଓଟରା କରିଥିଲେ। ଭୟରେ ନାବାଳିକା ଜଣକ ଚିତ୍କାର କରିଥିଲେ। ଖବରପାଇ ତାଙ୍କ ମାମୁଁଙ୍କ ସମେତ ମା'ବାପା ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାଦେଖି ସମ୍ପୃକ୍ତ ଯୁବକନାବାଳିକାଙ୍କ ସମେତ ତାଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ନାବାଳିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।

# ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

## ଜଗତ୍‌ସିଂହପୁର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଜଗତସିଂହପୁର, ୨୯।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ଅଧ୍ୟକ୍ଷତା କରି ଦୁର୍ଘଟଣାର କାରଣଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ତାର ନିରାକରଣ ନିମନ୍ତେ ପଦକ୍ଷେପ ନେବାକୁ କହିଥିଲେ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସଚେତନ ହୋଇ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ରାୟ କହିଥିଲେ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଯେମିତି ଠିକ୍ ସମୟରେ ସାହାଯ୍ୟ ଓ ସହାୟତା ପ୍ରଦାନ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯାଉ। ବୈଠକରେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ରହି ଇଫ୍‌କୋ ଛକ ପାଖରେ କାର୍ଯ୍ୟ ଆରମ୍ଭ ହୋଇଯାଇଛି, ଫଳରେ ଦୁର୍ଘଟଣାର ମାତ୍ରା କମିବ ବୋଲି କହିଥିଲେ।

ସେ ଟ୍ରକ୍ ମାଲିକ ସଂଘଙ୍କୁ ପାରାଦୀପରେ ଏଣେତେଣେ ଗାଡ଼ି ପାର୍କିଂ ନ କରିବା ପାଇଁ କହିଥିଲେ। ପାର୍କିଂ ଲାଗି ଶୀଘ୍ର ସ୍ଥାନ ନିରୂପଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ବୈଠକରେ ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ ଉପସ୍ଥିତ ରହି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ରାସ୍ତାରେ ଲୁହା ପଥର ବୋଝେଇ ଟ୍ରକ୍ ଲାଇନ ହୋଇ ରହିବା ପ୍ରମୁଖ ଦୁର୍ଘଟଣାର କାରଣ ପାଲଟିଥିବାରୁ ସେଥିପ୍ରତି ସଜାଗ ରହିବା ପାଇଁ କୁହାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସାଇନବୋର୍ଡ ଲଗାଇବାର ସ୍ଥାନ ଚୟନ କରି ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ କୁହାଯାଇଥିଲା। ବୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପାରାଦୀପ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଗୋଶାଳାର ବ୍ୟବସ୍ଥା ପାଇଁ ପରାମର୍ଶ ଦିଆଯାଇଥିଲା। ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ବସ୍ ଓ ଟ୍ରକ ମାଲିକ ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବସ୍ ଓ ଟ୍ରକ ମାଲିକ ସଂଘ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଅଠରବାଙ୍କୀରୁ ପାରାଦୀପ ରାସ୍ତା ମରାମତି ପାଇଁ ଏନ୍‌ଏଚ୍‌ଏଆଇ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବୈଠକରେ କମିଟିର ସଦସ୍ୟ, ବସ୍ ଓ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା,ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ବସ୍ ଓ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

## ଫଟୋରେ ଖବର


ଲଘୁଚାପଜନିତ ବର୍ଷା ଯୋଗୁ କଟକ-ପାରାଦୀପ ରାସ୍ତା ନିକଟ କୁଜଙ୍ଗ ତହସିଲଦାରଙ୍କ ସରକାରୀ ବାସଭବନ ସମ୍ମୁଖ ରାସ୍ତାରେ ପାଣି ଜମିଛି। (ଫଟୋ: ମନୋଜ ପ୍ରଧାନ)


ପାରାଦୀପ ନୂଆବଜାରସ୍ଥିତ ତେଲଗୁପଡ଼ା ବସ୍ତିରେ ଘର ଭିତରେ ବର୍ଷା ଜଳ ପଶିଛି। (ଫଟୋ: ଶରତ ରାଉତ )

## ସଂକ୍ଷେପରେ

### ଟ୍ରକ୍‌କୁ ପଛପଟୁ ଧକ୍କା ଦେଲା ବସ୍, ୨୦ ଆହତ

ରମ୍ଭା,୨୯।୫(ବନବାସୀ ସେଠୀ)

ରମ୍ଭା ଥାନା ଅଞ୍ଚଳରେ ୧୬ ନଂ. ଜାତୀୟ ରାଜପଥ ସୁବଳୟା ଗ୍ରାମ ନିକଟସ୍ଥ କୋକୋ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ୍(ଓଡି ୦୭ -୬୯୫୫୦)କୁ ଯାତ୍ରୀବାହୀ ବସ୍ (ଏପି ୩୯ ଭିସି ୩୨୯୯) ପଛପଟୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୨୦ ଯାତ୍ରୀ ଆହତ ହୋଇଥିବା ବେଳେ ଡ୍ରାଇଭର ଏବଂ କଣ୍ଡକ୍ଟର ମଧ୍ୟ ଆହତ ହୋଇଛନ୍ତି। ରମ୍ଭା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ଆହତ ଯାତ୍ରୀମାନେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଞ୍ଚଳର ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସେମାନଙ୍କୁ ଅନ୍ୟ ବସ୍ ଯୋଗେ ତାଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଇଛି। ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଞ୍ଚଳର କିଛି ଯାତ୍ରୀ ଓଡ଼ିଶା ବୁଲିବାକୁ ଆସିଥିଲେ। ସେମାନେ ଫେରିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଦୁର୍ଘଟଣା ଘଟିଥିଲା।

### ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ସଚେତନତା

ଛତ୍ରପୁର,୨୯।୫ (ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ପ୍ରଶାସନିକ କ୍ଷେତ୍ରରେ ଗୁରୁବାର ଡେଙ୍ଗୁ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସହ ଅନ୍ୟ ବିଭିନ୍ନ ବିଭାଗ ଅଣ୍ଟା ଭିଡ଼ିଛନ୍ତି। ଆର୍ଯ୍ୟପଲ୍ଲୀ ଗ୍ରାମରେ କିଛି ଦିନ ହେବ ଡେଙ୍ଗୁ ଜ୍ୱରର ଲକ୍ଷଣ ପରିଲକ୍ଷିତ ହେବା ସକାଶେ ମ୍ୟୁନିଶିପାଲିଟ୍ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା.ସ୍ୱାଧୀନ ରଥ ନିଜ ଟିମକୁ ନେଇ ନିରାକରଣ ପାଇଁ ଆଗେଇ ଆସିଛନ୍ତି। ପଞ୍ଚାୟତ ସଭା ଗୃହରେ ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ସହଯୋଗରେ ହେଙ୍ଗୁ ସଚେତନତା ଉପରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଛତ୍ରପୁର ଉପ ଜିଲାପାଳ ଶିବାଶିଷ ବରାଲ, ବିଡିଓ ସମ୍ପିତ ସଂଗ୍ରାମଜିତ ସାହୁ, ଆଦାନୀ ଫାଉଣ୍ଡେସନ ଗ୍ରୁପର ଦେବଦତ୍ତ ମିଶ୍ର, ପିଏଚ୍ଇଓ ବରୁଣ ପାଣିଗ୍ରାହୀ, ବିପିଏମ୍ ସୀମାଞ୍ଚଳ ପ୍ରଧାନ, ପିଇଓ ଡାକ୍ତର ସେଠୀ, ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଶିବ ମନ୍ଦିରରୁ ଚୋରି ଉଦ୍ୟମ

ରାଇକିଆ,୨୯।୫ (ପ୍ରଦୀପ ବେହେରା)

ରାଇକିଆ ଶିବ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତ ମାନେ ମନ୍ଦିରର ସିଂହ ଦ୍ୱାର ତାଲା ଭାଙ୍ଗି ପ୍ରବେଶ କରିବା ସହ ଭିତରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଥିଲେ। ତେବେ ମନ୍ଦିର ଭିତରୁ କୌଣସି ସାମଗ୍ରୀ ଚୋରି କରି ନେବାରେ ବିଫଳ ହୋଇଛନ୍ତି। ସେହିପରି ମନ୍ଦିରର ଭଣ୍ଡାର ଘର ତାଲା ମଧ୍ୟ ଭାଙ୍ଗି ଥିଲେ। କିନ୍ତୁ ସଠାରୁ କୌଣସି ସାମଗ୍ରୀ ଚୋରି ନାହିଁ। ଗୁରୁବାର ଭୋର୍‌ରୁ ପୂଜାରୀ ଆସି ଦେଖିଲା ବେଳେ ସମସ୍ତ ତିନୋଟି ତାଲା ଭାଙ୍ଗିଯାଇଥିଲା। ପରେ ମନ୍ଦିର ପରିସରରେ ହୋମ ଯଜ୍ଞ କରାଯାଇ ସଂସ୍କାର କରଯାଇଛି ।

# ବ୍ରହ୍ମପୁର ପାଇଁ ସାପୁଆ, ବାହାନା ନାଳ ବିପଦ

ଛତ୍ରପୁର,୨୯।୫ (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)



ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ ।

■ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକ

■ନାଳ ଗୁଡିକର ଡିପିଆର ପ୍ରସ୍ତୁତ କର:ମନ୍ତ୍ରୀ

ଆଗାମୀ ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକ ଅନୁଷ୍ଠିତ ହୋଇଯାଇଛଇ। ଏହା ଗୁରୁବାର ଛତ୍ରପୁର ସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ହୋଇଥିଲା। ଏଥିରେ ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦାନ କରିଥିଲେ। ଗଞ୍ଜାମ ଜିଲାର ସମସ୍ତ ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀ ମିଳିତ ଉଦ୍ୟମରେ ସମସ୍ୟା ଗୁଡ଼ିକର ସମାଧାନ କିପରି ହୋଇ ପାରିବ ତାହା ଆଲୋଚନା କରାଯାଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଗଲେ ନିଶ୍ଚିତ ରୂପେ ଜିଲାର ଉନ୍ନତି ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହିତ ବ୍ରହ୍ମପୁର ସହରରେ ଅଳ୍ପ ବର୍ଷା ହେଲେ ବନ୍ୟା ପରିସ୍ଥିତି ଭଳି ସମସ୍ୟାମାନ ଦେଖାଯାଉଛି। ରାସ୍ତାର ଜଳ ସଠିକ ଭାବେ ନିଷ୍କାସନ ହୋଇପାରୁନାହିଁ ଏବଂ ଘର ମାନଙ୍କରେ ପାଣି ପଶୁଛି। ନାଳ ଗୁଡ଼ିକ ବୈଷୟିକ ଦୃଷ୍ଟିକୋଣର ହୋଇ ନ ଥିବା ହେତୁ ଏଭଳି ସମସ୍ୟା ଦେଖାଯାଉଛି। ଡ୍ରେନେଜ ଡିଭିଜନ ଏବଂ ବ୍ରହ୍ମପୁର ମହାନଗର ନିଗମ ମିଳିତ ଭାବେ ସଠିକ ଡିପିଆର୍ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଡିପିଆର୍ ଅନୁଯାୟୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବ ଏବଂ ଆଗାମୀ ଦିନରେ ଏଭଳି ସମସ୍ୟା ଦେଖାଯିବ ନାହିଁ। ବୈଠକ ପ୍ରାରମ୍ଭରେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଭାଗ ଗୁଡ଼ିକ ଉପସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା, ଜିଲା ଜରୁରୀକାଳିନ ବିଭାଗ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ସକାଶେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରି ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ମତ ରଖିଥିଲେ। କେନାଲ ଗୁଡିକ ନଷ୍ଟ ହେଲେ ସେଗୁଡିକ ସୁରକ୍ଷା ନିମନ୍ତେ ଯଥେଷ୍ଟ ବାଲିବସ୍ତା, ବାଉଁଶ ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ରହିଥିବା ଅବଗତ କରାଯାଇଥିଲା। ସାପୁଆ ନାଳ ଏବଂ ବାହାନା ନାଳ ସଫେଇ କରି ବର୍ଷା ଜଳ କିଭଳି ସଠିକ ଭାବରେ ନିଷ୍କାସନ ହେବ ସେଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବ୍ରହ୍ମପୁର ଏମପି ଡ.ପ୍ରଦୀପ କୁମାର ପାଣିଗ୍ରାହୀ ନିର୍ଦ୍ଦେଶ ଦେବା ସହିତ ଅନ୍ୟାନ୍ୟ ସମସ୍ୟା ବିଷୟ ନେଇ ବୈଠକରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ଦ୍ୱାରା ଖାଦ୍ୟ ସାମଗ୍ରୀ ମହଯୁଦ ଥିବା ଯୋଗାଣ ଅଧିକାରୀ ପୁଷାମୁଣ୍ଡା ଅବଗତ କରାଇଥିଲେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ମୁକାବିଲା ନିମନ୍ତେ ଓଡ୍ରାଫ ଟିମ ଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତି, ୨୭ଟି ଗାଡ଼ି ପ୍ରଭୃତି ମହଯୁଦ ଥିବା ଅବଗତ କରାଇଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବି ସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋ ରଞ୍ଜନ ଦ୍ୟାନ ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ ପୃଷ୍ଟିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଆଇନ ସଚେତନତା ଶିବିର

ଛତ୍ରପୁର,୨୯।୫ (ଦିଲ୍ଲୀପ ସାମଲ)

ଛତ୍ରପୁର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଭିକରିପଲ୍ଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛତ୍ରପୁର ଅତିରିକ୍ତ ଜିଲା ଜଜ୍ ତଥା ତାଲୁକଆଇନ ସେବା କମିଟି ଅଧ୍ୟକ୍ଷ ପ୍ରଦୀପ ସାମଲ ଅଧ୍ୟକ୍ଷତା କରି ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଦିଆ ଯାଉଥିବା ବିଭିନ୍ନ ପ୍ରକାର ମାଗଣା ଆଇନ ସେବା ସମ୍ବନ୍ଧରେ ପଞ୍ଚାୟତର ଲୋକମାନଙ୍କୁ ଅବଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ଛତ୍ରପୁର ଏସ୍‌ଡିଜେଏମ ପ୍ରିତିସ କୁମାର୍ ରଥ, ଆସିଷ୍ଟାଣ୍ଟ କଲେକ୍ଟର ପୁଷ୍ପାଞ୍ଜଳୀ କୃଶିକା, ଛତ୍ରପୁର ଏବିଡ଼ିଓ ଜୟଶ୍ରୀ ନାୟକ, ଭିକାରୀପଲ୍ଲୀ ଗ୍ରାମ ପଞ୍ଚାୟତ ସରପଞ୍ଚ ମମତା ସୁବୁଦ୍ଧି, ତାଲୁକ କମିଟି ମେମ୍ବର ତଥା ଆଇନଜୀବୀ ସୁରଜିତ ସାମନ୍ତରାୟ ଓ ମନୋଜ ପାଢ଼ୀ ଉପସ୍ଥିତ ଥିଲେ। ଏହି ସଭାରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ୧୫୧୦୦ରେ କିପରୀ କଲ କରି ଆଇନ ସେବା ପାଇପାରିବେ ଏବଂ ୱେବ ପୋର୍ଟାଲରେ ଅନଲାଇନ ମାଧ୍ୟମରେ ଆଇନ ସେବା ଦରଖାସ୍ତ ଫର୍ମ ଦାଖଲ କରିପାରିବେ ସେ ବିଷୟର ସଚେତନତା କରାଯାଇଛି। ବହୁ ସଂଖ୍ୟାରେ ପଞ୍ଚାୟତର ବହୁ ଜନ ସାଧାରଣ, ଆଶା କର୍ମୀ, ଅଙ୍ଗନୱାଡ଼ି ଏବଂ ସହାୟକ ମାନେ ଉପସ୍ଥିତ ଥିଲେ। ପୂର୍ବତନ ସମିତି ସଭ୍ୟ ମଥୁରା ସୁବୁଦ୍ଧି, ବାବୁଲା ନାହକ, ରେନୁପ୍ରଭା ଦାସ, ସନ୍ଧ୍ୟାରାଣୀ ପଣ୍ଡା, ଭାରତୀ ଗୌଡ଼ ଓ ଝୁନୁ ମହାନ୍ତି ସଭା ପରିଚାଳନାରେ ସହଯୋଗ କରିଥଲେ।


ଆଇନ ସଚେତନତା କାର୍ଯ୍ୟକ୍ରମତରେ ଉପସ୍ଥିତ ଧିକାରୀ ।

## ନୂଆବନ୍ଧପଲ୍ଲୀ ଗ୍ରାମକୁ ନାହିଁ ପକ୍କା ରାସ୍ତା, ବିଡ଼ିଓଙ୍କୁ ଦାବିପତ୍ର

ଦିଗପହଣ୍ଡି,୨୯।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ନୂଆବନ୍ଧପଲ୍ଲୀ ଗ୍ରାମକୁ ପକ୍କା ରାସ୍ତା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। କରପଡା ଗ୍ରାମଠାରୁ ଉକ୍ତ ଜନଜାତି ବହୁଳ ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତାଟି ଦୀର୍ଘ ଦିନ ଧରି ଅତି ଦୟନୀୟ ଅବସ୍ଥାରେ ରହିଛି। ଗ୍ରାମରେ ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପ୍ରତ୍ୟେହ ସେମାନେ ଯାତାୟାତ ନିମନ୍ତେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ମରାମତି ଅଭାବରୁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏପରିକି ରୋଗୀ ସେବା ନିମନ୍ତେ ଆମ୍ବୁଲାନ୍ସ ଏବଂ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ଯାତାୟାତ କରିବା କଷ୍ଟକର ହେଉଛି। ଗୁରୁବାର ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢୀଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ଦାବିପତ୍ର ଦେଇଛନ୍ତି। ଏନେଇ କରପଡ଼ା ପଞ୍ଚାୟତ ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ କହନ୍ତି, ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗ୍ରାମର ଝାଙ୍କିରି ମନ୍ଦିର, ବ୍ରାହ୍ମଣଦେଈ ମନ୍ଦିର ଭାୟା ବୃନ୍ଦାବନପଲ୍ଲୀ ଦେଇ କରପଡା - ବଡ଼ଗୁମୁଳା ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ ସରି ପ୍ରଶାସନିକ ଅନୁମୋଦନ ମିଳି ସାରିଛି। ଖୁବଶୀଘ୍ର ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ୨୮୦ ଲିଟର ମଦ ଜବତ, ପୂର୍ବତନ ବନକର୍ମଚାରୀ ଗିରଫ

ରମ୍ଭା,୨୯।୫(ବନବାସୀ ସେଠୀ)

ରମ୍ଭା ଥାନା ଅଧିନସ୍ଥ ପାଲୁର ଗଡ଼ ଏକ ବ୍ୟବସାୟୀଙ୍କ ନିକଟରୁ ୨୮୦ ଲିଟର ମଦ ଜବତ ହୋଇଛି। ବ୍ୟବସାୟୀ ଜଣଙ୍କ ହେଲେ ପାଲୁର ଗଡ଼ ଗ୍ରାମର ପୂର୍ବ ବନ ବିଭାଗ କର୍ମଚାରୀ ବାବୁଲା ଦାସ। ପୋଲିସ ପକ୍ଷରୁ ରମ୍ଭା ଥାନାରେ କେଶ ନଂ.୪୨୨/୨୫ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କିଛି ଦିନ ହେବ ରମ୍ଭା ଥାନା ଅଞ୍ଚଳରେ ଚୋରା ମଦ ବ୍ୟବସାୟୀମାନେ ଗିରଫ ହୋଇ ଜେଲରେ ସଜା କାଟୁଛନ୍ତି। ଦେଶୀ ମଦଭାଟି ମଧ୍ୟ ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ରମ୍ଭା ଥାନା ଆଇଆଇସି ଛୁଟିରେ ଥିବା ଯୋଗୁ ବ୍ୟବସାୟୀମାନଙ୍କ ସହଯୋଗୀ ଏବେ ବେଆଇନ ମଦ କାରବାରରେ ଲିପ୍ତ ଥିବା ଦେଖିବାକୁ ମିଳିଛି।

## ଗଞ୍ଜେଇ ଚାଲାଣ ଅଭିଯୋଗ

## ଯୁବକଙ୍କୁ ଘରୁ ଉଠାଇ ନେଲା ଦିଲ୍ଲୀ ପୋଲିସ

ଫୁଲବାଣୀ,୨୯।୫ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡ଼ା ଥାନା ଅଞ୍ଚଳରୁ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି ଓ ବ୍ୟାଙ୍କ ପାସବୁକ୍‌ରେ ୧୦ ଲକ୍ଷ ଟଙ୍କା ନେଣଦେଣକୁ ନେଇଁ ଗୋଚ୍ଛାପଡ଼ା ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଘରୁ ଉଠାଇ ନେଇଛି। ସୂଚନା ଅନୁସାରେ ଦିଲ୍ଲୀ ପୋଲିସ ଗଞ୍ଜେଇ ସହ କିଛି ଗଞ୍ଜେଇ ଚାଲାଣକାରୀକୁ ଦିଲ୍ଲୀରେ ଗିରଫ କରିଥିଲା। ପରେ ଗଞ୍ଜେଇ ଚାଲାଣର ଚେର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡ଼ା ଥାନା ଅଞ୍ଚଳରୁ ଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିବା ଦିଲ୍ଲୀ ପୋଲିସ ତଦନ୍ତ ପରେ ଜାଣିବାକୁ ପାଇଥିଲା। ଏହି ଘଟଣା ପରେ ଗଞ୍ଜେଇ ଚାଲାଣକାରୀମାନେ ଗୋଚ୍ଛାପଡ଼ା ଥାନା ପକାରୀ ପଞ୍ଚାୟତ ମାଣ୍ଡିବାଲା ଗାଁର ଭାଗୀରଥି ପ୍ରଧାନ (୨୭)ଙ୍କ ପାସବୁକକୁ ୧୦ ଲକ୍ଷ ଟଙ୍କା ପଠାଇଥିବା ଦିଲ୍ଲୀ ପୋଲିସ ସୂଚନା ପାଇଥିଲା । ଏହି ଘଟଣାରେ ଦିଲ୍ଲୀ ପୋଲିସର ଏକ ୫ ଜଣିଆ ଟିମ ଫୁଲବାଣୀ ପହଞ୍ଚି ଗୋଚ୍ଛାପଡ଼ା ପୋଲିସ ସହାୟତାରେ ରାତିରେ ଭାଗୀରଥିଙ୍କ ଘର ମାଣ୍ଡିବାଲା ଗାଁରେ ପହଞ୍ଚି ତାଙ୍କୁ ଗିରଫ କରିବା ସହ ବୁଧବାର ଗୋଚ୍ଛାପଡା ଥାନାରୁ ଅଭିଯୁକ୍ତକୁ ଦିଲ୍ଲୀ ନେଇଥିବା ଗୋଚ୍ଛାପଡ଼ା ଏସ୍‌ଆଇ ଅନନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଦେୟ ଆଦାୟ କରିବାକୁ ଯାଇ କର୍ମଚାରୀ ଅଟକ

ଦିଗପହଣ୍ଡି,୨୯।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିଫଦର ଗ୍ରାମରେ ଟିପିଏସ୍‌ଓଡିଏଲର ୪ଜଣ କର୍ମଚାରୀଙ୍କୁ ଗୁରୁବାର ଅପରାହ୍ଣଠାରୁ ବିଳମ୍ବିତ ସନ୍ଧ୍ୟା ଯାଏ ଗ୍ରାମବାସୀ ଅଟକ ରଖିଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ଗ୍ରାମର ଘରଗୁଡିକରେ ନୂଆ ମିଟର ଲଗାଇବା ପାଇଁ ଯାଇଥିବା ବେଳେ ପୂର୍ବରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦେଇଥିବାରୁ ଦଳିତ ସାହିର ବହୁ ବ୍ୟକ୍ତି ଏକାଠି ହୋଇ ସେମାନଙ୍କୁ ଘେରାଉ କରିବା ସହ ଅଟକ ରଖିଥିଲେ। ବହୁ ବର୍ଷ ତଳେ ଗ୍ରାମର ଦଳିତ ସାହିର ବିପିଏଲ ଶ୍ରେଣୀର ଗରିବ ହିତାଧିକାରୀଙ୍କୁ କୁଟୀର ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ସେମାନଙ୍କଠାରୁ ପ୍ରତି ମାସରେ ବିଦ୍ୟୁତ୍ ଦେୟ ଆଦାୟ କରା ନ ଯାଇ ଏକକାଳୀନ ହଜାର ହଜାର ଟଙ୍କାର ବିଲ୍ ପ୍ରଦାନ କରାଯାଇଥିଲା। ପରିବାରଗୁଡିକ ବିଦ୍ୟୁତ୍ ଦେୟ ପ୍ରଦାନ କରିବାରେ ଅସମର୍ଥ ହେବାରୁ ଗତ ଫେବୃଆରୀ ମାସରେ ସେମାନଙ୍କ ଘରଗୁଡିକରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ପିଲାଙ୍କ ପରୀକ୍ଷା ଥିବା ନେଇ ଅନୁରୋଧ କରି ହିତାଧିକାରୀମାନେ ବିଦ୍ୟୁତ୍ ବକେୟା ପରିଶୋଧ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଭେଟି ମହଲତ ମାଗିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଗୁରୁବାର ବିଦ୍ୟୁତ୍ କର୍ମଚାରୀ ଗାଁକୁ ଆସିଥିବା ଖବର ପାଇ ଲୋକେ ମେଳିବାନ୍ଧି ପ୍ରଥମେ ବିଦ୍ୟୁତ୍ ସଂଯୋଗ କରା ନ ଗଲେ କର୍ମଚାରୀଙ୍କୁ ଛଡାଯିବ ନାହିଁ ବୋଲି ସମ୍ପୃକ୍ତ ପରିବାର ଲୋକେ ଅଡି ବସିଥିଲେ। ଦିଗପହଣ୍ଡି ଏଏସଆଇ ଅଜୟ ନାୟକ ଓ ସରପଞ୍ଚ ମନୋରଞ୍ଜନ ଗୌଡ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ସେମାନଙ୍କୁ ଛାଡିଥିଲେ ।

## କାର୍ଯ୍ୟ ସରି ତାଲା ପଡିରହିଛି ୨ କୋଠା

ଶେରଗଡ଼, ୨୯।୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିର୍ମିତ କୋଠା କାର୍ଯ୍ୟକ୍ଷମ ହେଉନି। ୫୦ ଖଣ୍ଡ ଗ୍ରାମର ଲୋକଙ୍କୁ ଗୋଟିଏ ସ୍ଥାନରେ ସବୁ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା ଏହି କୋଠା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବର୍ଷେ ହେଲା ଏହାର ସମସ୍ତ କାର୍ଯ୍ୟ ଶେଷ ହୋଇଛି। ପାଣି, ବିଦ୍ୟୁତ୍, କାମ ସରିଛି। ରଙ୍ଗ କାମ ମଧ୍ୟ ଶେଷ ହୋଇଛି। ତେବେ ଜିଲା ସାସ୍ଥ୍ୟ ବିଭାଗ ଉକ୍ତ କୋଠାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ନେଇ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ରୋଗୀମାନେ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହୋଇ ବ୍ରହ୍ମପୁର ଯାଉଛନ୍ତି। ସେହିପରି ଶେରଗଡ଼ରେ ଏକ ଅନୁସନ୍ଧାନଗାର ଖୋଲିବା ଉଦ୍ଦେଶ୍ୟରେ ସାସ୍ଥ୍ୟ ବିଭାଗ ୨ କୋଟି ବ୍ୟୟରେ ନିର୍ମାଣ କରିଥିବା ରିସର୍ଚ୍ଚ ସେଣ୍ଟର କୋଠା ମଧ୍ୟ ନିର୍ମାଣ ସରିଥିଲେ ସୁଦ୍ଧା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ସାସ୍ଥ୍ୟ ବିଭାଗର ଉଦାସୀନତା ଯୋଗୁ ଏହି ଦୁଇଟିଯାକ କୋଠାରେ ତାଲା ଝୁଲୁଛି। ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।


ତାଲା ପଡି ରହିଥିବା ଏକ କୋଠା ।

## ବାସନ୍ଦ ସମସ୍ୟା ସମାଧାନ ହେଲା

ଧରାକୋଟ,୨୯।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମରେ ଏକ ସରକାରୀ କାର୍ଯ୍ୟର କାର୍ଯ୍ୟାଦେଶକୁ ନେଇ ଦୁଇପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗ୍ରାମର ୧୦ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା। ଗ୍ରାମରେ କଙ୍ଗାରୁ କୋର୍ଟ ଜରିଆରେ ଦୀର୍ଘ ତିନି ମାସ ହେଲା ଏହି ପରିବାରଗୁଡିକ ବାସନ୍ଦ ହୋଇଥିଲେ। ସେମାନଙ୍କୁ ନିଆଁ ପାଣି, ଜମିଜମା ଓ ମନ୍ଦିର ଦର୍ଶନ ବନ୍ଦ ରହିଥିଲା। ଏନେଇ ସମ୍ପୃକ୍ତ ପରିବାରଗୁଡିକ ବଡଗଡ ଥାନାର ଦ୍ୱାରସ୍ଥ ହୋଇଥିଲେ। ବାସନ୍ଦ ଥାନାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇ ଗୁରୁବାର ସମସ୍ୟାର ସମାଧାନ ହୋଇଛି। ଥାନା ଅଧିକାରୀ ଦୁଇ ପକ୍ଷଙ୍କୁ ଡକାଇ ଆଲୋଚନା ବେଳେ ବୁଝାଶୁଝା କରିଥିଲେ। ଫଳରେ ସେମାନେ ଆଗାମୀ ଦିନରେ ସମସ୍ତେ ମିଳିମିଶି ଚଳିବେ। କେହି କାହାର ଚଳଣିରେ ହସ୍ତକ୍ଷେପ କରିବେନାହିଁ। ଉଭୟ ପକ୍ଷ ମିଳିତ ଭାବେ ଯାନିଯାତ୍ରାରେ ସାମିଲ ହେବାକୁ ସହମତି ପ୍ରକାଶ କରିଥିଲେ।

## କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ଜଣାଇଲେ ଯୁବଗୋଷ୍ଠୀ

ପାତ୍ରପୁର,୨୯।୫ (ଉମା ଚରଣ ନେପାକ)

**ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ**

ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ଅନ୍ତର୍ଗତ ବୋରିବାଡ ଗ୍ରାମରେ ବହୁ ଦିନ ଧରି ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଗ୍ରାମର ଯୁବଗୋଷ୍ଠୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଗ୍ରାମରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଛି। ଏଥିସହ ଦୀର୍ଘ ଦିନ ହେଲା ରାତି ଅଧରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଫଳରେ ରାତି ସାରା ଲୋକେ ଅନ୍ଧାରରେ ରହୁଛନ୍ତି। ପ୍ରାୟ ୭ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ପାଇଁ ଜୟନ୍ତୀପୁର ଗ୍ରାମ ମଶାଣି ପାଖରେ ଗୋଟିଏ ୧୧ କେଭି ଏଭି ସୁଇଚ ସ୍ଥାପନ ହୋଇଛି। ତେବେ ଏହି ୭ଟି ଗ୍ରାମର କୌଣସି ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଉପୁଜିବା ମାତ୍ରେ ଜୟନ୍ତୀପୁରଠାରେ ଥିବା ଏହି ସୁଇଚ ବନ୍ଦ କରାଯାଉଛି। ଫଳରେ ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଗୋଟିଏ ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଯୋଗୁ ୭ଟିଯାକ ଗାଁ ଅନ୍ଧାରରେ ରହିବାକୁ ବାଧ୍ୟ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ଛୋଟ ପିଲା, ରୋଗୀ, ଛାତ୍ରୀଛାତ୍ର ଓ ବୟସ୍କ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉନ୍ତି। ଗତ ଏକ ସପ୍ତାହ ଧରି ଗ୍ରାମରେ ନିୟମିତ ଭାବେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି।

ଅନ୍ୟ ପକ୍ଷରେ ବୋରିବାଡ ଗ୍ରାମରେ ପ୍ରାୟ ୧୮୦ ପରିବାର ବସବାସ କରୁଥିବା ବେଳେ ଗ୍ରାମରେ ବସିଥିବା ପୁରୁଣା ଟ୍ରାନ୍ସଫର୍ମରକୁ ବଦଳା ଯାଉନି। ଉକ୍ତ ଟ୍ରାନ୍ସଫର୍ମରରେ ଅଧିକ ଲୋଡ ପଡ଼ିବା ଯୋଗୁ ବିଭିନ୍ନ ସମୟରେ ଟ୍ରିପ ହେଇ ଗାଁ ଅନ୍ଧାର ହୋଇଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହିସବୁ ସମସ୍ୟା ନେଇ ଗ୍ରାମର ଯୁବଗୋଷ୍ଠୀ ପାତ୍ରପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ସମସ୍ତ ବିଷୟ ଅବଗତ କର ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଗ୍ରାମର ଗୁଜ୍ଜୁ ହାରେସ, ଇଶ୍ୱରୁ ଶିବାଜୀ, ଗୁଜ୍ଜୁ ଶିବା, ଏ. ଜୟ ପ୍ରକାଶ, କେ. ଗଣେଶ, ଜି.ଭେଙ୍କଟେସ,ଏ. ସାଇ, ଏ. ଅଜୟ, କୋଲା କନକା ରାଓ, କୋଲା ସୁମନ, ଜି. ନବୀନ, ଜି.ରାମୁ, ପ୍ରେମା ସେଠୀ, ବି. ଅଖିଳ ଓ କେ. ପ୍ରେମ କୁମାର ଉପସ୍ଥିତ ଥିଲେ। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆଙ୍କୁ ପଚାରିବାରୁ ସେ କହିଲେ, ବୋରିବାଡ ଗ୍ରାମର ଯୁବଗୋଷ୍ଠୀ ଅଭିଯୋଗ ପତ୍ର ଦେଇଛନ୍ତି। ସମସ୍ୟା ସମାଧାନ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କର ପଦକ୍ଷେପ ନିଆଯିବ।

## ଅର୍ଥାଭାବରୁ ବିଷ୍ଣୁଙ୍କ ହୋଇପାରୁନି କ୍ୟାନସର ଚିକିତ୍ସା

ଶେରଗଡ଼,୨୯।୫ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ବନ୍ଧା ଗୁଡା ପଞ୍ଚାୟତର ବି.ଚିପିଲି ଗ୍ରାମ ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୫୧) କ୍ୟାନସରରେ ପୀଡ଼ିତ ହୋଇଛନ୍ତି। ଏଥିପାଇଁ ତାଙ୍କର ଗୋଟିଏ ଥର ଛାତି ପାଖରେ ଅପରେଶନ ହୋଇଥିବା ବେଳେ ଆଉ ଥରେ ଅପରେଶନ ପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ବିଷ୍ଣୁଙ୍କ ଆଧାର କାର୍ଡ ଥିବା ବେଳେ ରାଶନ କାର୍ଡ ନାହିଁ। ରାଶନ କାର୍ଡ ନ ଥିବାରୁ ସ୍ୱାସ୍ଥ୍ୟବୀମା କାର୍ଡ ମଧ୍ୟ ତାଙ୍କର ହୋଇପାରୁନାହିଁ। ନିହାତି ଗରିବ ବିଷ୍ଣୁ ପ୍ରଥମ ଥର ଅପରେଶନ ବେଳେ ଯାହା ସୁନା ରୂପା ଥିଲା ତାକୁ ବିକ୍ରି କରି ଅପରେଶନ ହୋଇଥିଲେ। ଏବେ କିଛି ନାହିଁ ତାଙ୍କ ପାଖରେ। ଅପରେଶନ ପାଇଁ ୩ ଲକ୍ଷ ଟଙ୍କା ଆବଶ୍ୟକ ଥିବାରୁ ଏନେଇ ଚିନ୍ତାରେ ରହିଛନ୍ତି ପରିବାର। ଜିଲାପାଳ ଓ ବଦାନ୍ୟ ବ୍ୟକ୍ତି ତାଙ୍କୁ ସହାୟତା କରିବା ପାଇଁ ବିଷ୍ଣୁ ଓ ପରିବାର ଲୋକେ ନିବେଦନ କରିଛନ୍ତି।

## ଖଜୁରିପଡ଼ା ମେଡିକାଲରେ ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି

ଫୁଲବାଣୀ/ଖଜୁରିପଡ଼ା,୨୯।୫ (ରାକେଶ କୁମାର ରାଉତ/ବିଦୁର ବେହେରା)



ଓଡ଼ିଶା ସରକାର ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଇ ମେଡିକାଲ ମାନଙ୍କର ସ୍ଥିତି ଅନୁଧାନ କରିବା ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟିଗଠନ କରିଛନ୍ତି। ଯେଉଁଥିରେ ବିଧାନସଭା ଷ୍ଟାଣ୍ଡିଂ କମିଟିରେ ବିଜେଡ଼ି ଚିଫ ହ୍ୱିପ ପ୍ରମିଳା ମଲ୍ଲିକ, ପ୍ରଶାନ୍ତ ବେହେରା, ପ୍ରକାଶ ଚନ୍ଦ୍ର ସେଠ, ଫକିର ମୋହନ ନାଏକ, ରୁପେଶ ପାଣିଗ୍ରାହୀ, ବିଜୟ ଦଳବେହେରା, ସିମାରାଣୀ ନାଏକ, ଉମା ଚରଣ ମଲ୍ଲିକ, ହିମାଂଶୁ ଶେଖର ସାହୁ,ଗୌତମ ବୁଦ୍ଧ, ସତ୍ୟଜିତ ଗମାଙ୍ଗ ସମେତ ଚେୟାର ମ୍ୟାନ ବିଭୂତି ଭୂଷଣ ପ୍ରଧାନ ରହିଛନ୍ତି। ଗୁରୁବାର ଦିନ କନ୍ଧମାଳ ଗସ୍ତରେ ଆସିଛି ବିଧାନସଭା ଷ୍ଟାଣ୍ଡିଂ କମିଟି। ଜିଲାର ପ୍ରବେଶ ଦ୍ୱାରରେ ଥିବା ଖଜୁରିପଡ଼ା ଛକଠାରେ ଏହି କମିଟିକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ସମସ୍ୟା ଉପରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିମାଇଁ ଚରଣ ବିଶୀଙ୍କୁ ପଚାରି ବୁଝିଥିଲେ। ଜିଲାପାଳ ଏବଂ ମେଡିକାଲ କର୍ମଚାରୀ ସହିତ ସମୀକ୍ଷା କରିଥିଲେ। ଷ୍ଟାଣ୍ଡିଂ କମିଟି ପରିଦର୍ଶନରେ ଖଜୁରିପଡ଼ା ମେଡିକାଲ, ବାରିକୁମ୍ପା ମେଡିକାଲ ଏବଂ ବିଲାବାଡ଼ି ମେଡିକାଲରେ ରହିଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ସାମ୍ବାଦିକ ସଂଘ କମିଟିକୁ ଅବଗତ କରାଇବା ଥିଲେ। ଚେୟାର ମ୍ୟାନ ବିଭୂତିଭୂଷଣ ପ୍ରଧାନ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମେଡିକାଲରେ ରହିଥିବା ସମସ୍ୟା ଗୁଡ଼ିକ ଆମେ ଅନୁଧାନ କଲୁ, ସେସବୁ ସମସ୍ୟା ଦୂରୀକରଣ ପାଇଁ ଜିଲାପାଳଙ୍କ ସହିତ ଆଲୋଚନା ହେବ। ଏହା ସହିତ ଓଡ଼ିଶା ସରକାରଙ୍କୁ ଆମେ ବିଧାନସଭାରେ ସୁପାରିସ କରିବୁ ବୋଲି କହିଛନ୍ତି। ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଅଧିକାରୀମାନଙ୍କ ଆଲୋଚନା କରିଥିଲେ। ମଧ୍ୟାହ୍ନରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଅପରାହ୍ନରେ ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ର ଓ କ, ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଦାରିଙ୍ଗିବାଡି ଗସ୍ତରେ ଯାଇଛନ୍ତି। ଦାରିଙ୍ଗିବାଡ଼ିରେ ରାତ୍ରି ରହଣି କରିବେ। ୩୦ରେ କଫିବଗିଚା, ହିଲଭିଉ ଓ ପାଇନ ଗାର୍ଡେନ ବୁଲିବାର କାର୍ଯ୍ୟକ୍ରମ ରହିଛି। ଏହି କମିଟି ପରିଦର୍ଶନ ବେଳେ ଜିଲାପାଳ ଅମୃତ ଋତୁରାଜ, ଉପ ଜିଲାପାଳ ଭିକାରୀ ସାହୁ, ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ଏମ୍‌ପି ପ୍ରତିନିଧି ମନୋଜ ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ସମେତ ବ୍ଲକ ପ୍ରଶାସନ ଓ ଭାଜପା କର୍ମୀ ମାନେ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଧୀରେନ



@ କାର୍ତ୍ତିକ



@ ଖୁସି



@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା

# ଡେଙ୍ଗୁ, ମ୍ୟାଲେରିଆ ଭୟ ବଢୁଛି

କେନ୍ଦ୍ରାପଡ଼ା,୨୯।୫(ଜଗନ୍ନାଥ ଧଳ)

- ୱାର୍ଡ କଲ୍ୟାଣ କମିଟି କାର୍ଯ୍ୟକାରୀ ନେଇ ସନ୍ଦେହ
- ଜଳ ନିଷ୍କାସନ ବ୍ୟବସ୍ଥା ପ୍ରମୁଖ ସମସ୍ୟା ପାଲଟିଛି

କେନ୍ଦ୍ରାପଡ଼ା ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗୋବରୀ ନଦୀ ଓ କେନାଲରେ ପଡୁଛି। କେନାଲ ନବୀକରଣ ଅଦ୍ୟାବଧି ସରିନାହିଁ। ସହର ନିକଟ ନିର୍ମାଣ କାର୍ଯ୍ୟ ପାଇଁ ଜଳପଥକୁ ମାଟି ଦ୍ୱାରା ବନ୍ଧାଇ ବନ୍ଦ କରାଯାଇଛି। ଅପରପକ୍ଷେ ବର୍ଷାଋତୁର ପ୍ରଭାବ ଆସନ୍ତା ସପ୍ତାହରୁ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ଗୋବରୀ ନଦୀ ଓ କେନାଲ ଏବେ ଡମ୍ପିଂୟାର୍ଡ ପାଲଟି ଥିବା ନେଇ ଜାତୀୟ ଗ୍ରୀନ୍ ଟ୍ରିବୁନାଲ (ଏନ୍‌ଜିଟି)ରେ ଏକ ମାମଲା ମଧ୍ୟ ହୋଇଛି। ଏନ୍‌ଜିଟି ଏ ନେଇ ଶୁଣାଣି ପରେ କେନ୍ଦ୍ରାପଡ଼ା ପୌର ପରିଷଦକୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ତାଗିଦା ସହ ଜରିମାନା କରିଛନ୍ତି। ସହରର ଏ ପରିସ୍ଥିତିରେ ବର୍ଷାଋତୁରେ ଡେଙ୍ଗୁ, ମ୍ୟାଲେରିଆ ଭୟ ବଢୁଥିବା ସହରବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ଖଡିଅଙ୍ଗ ଗ୍ରାମର ମନୋଜ କୁମାର ସିଂହ କହିଛନ୍ତି, ୨୦୧୪ ଫେବୃଆରୀ ୨୩ରୁ ରାଜ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆରମ୍ଭ ହେଲାଣି। ତେବେ କେନ୍ଦ୍ରାପଡ଼ା ସହରରେ ଏହି ମିଶନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଏଠାରେ ୨୪ ମହିଳା ଆରୋଗ୍ୟ ସମିତି ଗଠନ ହେବାକୁ ଥିବାବେଳେ ମାତ୍ର ୧୮ଟି ପଞ୍ଜୀକୃତ ହୋଇଛି। ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟାରେ ଗଠିତ ୨୧ ୱାର୍ଡରେ ଏଯାଏ ୱାର୍ଡ କଲ୍ୟାଣ ସମିତି ଗଠନ ହୋଇନାହିଁ। ସହରରେ ବିଭିନ୍ନ ୱାର୍ଡରେ ଆଶା ପଦବୀ ଖାଲି ପଡିଛି। ଏପରିକି ସହର ମଧ୍ୟରେ ଅପପୁଷ୍ଟିଜନିତ ଲୋକସଂଖ୍ୟା କେତେ ସେନେଇ ସର୍ଭେ ଅଦ୍ୟାବଧି ସରିନାହିଁ। ସେହିପରି ରାଜ୍ୟର ସର୍ବପୁରାତନ ଏହି ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବାରୁ ସହରବାସୀ ଡେଙ୍ଗୁ ଓ ମ୍ୟାଲେରିଆ ଭୟରେ କାଳାତିପାତ କରୁଛନ୍ତି। ଆଇନଜୀବୀ ବିଜୟ କୁମାର ପରିଡ଼ା କହିଛନ୍ତି, ୨୦୧୪ ଜାନୁଆରୀ ୨୦ରେ କେନ୍ଦ୍ର ସରକାର ଏହି ମିଶନ ଆରମ୍ଭ କରିଛନ୍ତି। ମିଶନର ଲକ୍ଷ୍ୟ ଅନୁଯାୟୀ ୫୦ ହଜାରରୁ ଊର୍ଦ୍ଧ୍ୱ ସହରବାସୀଙ୍କ ପାଇଁ ଏକ ଅପ୍‌ଗ୍ରେଡେଡ୍ ପିଏଚ୍‌ସି ହେବ। ଜଣେ ମେଡିକାଲ ଅଫିସର ସହ ୨ ଡାକ୍ତର ରହିବେ। ସହର ମଧ୍ୟରେ ଥିବା ବସ୍ତି ଅଞ୍ଚଳର ୫୦ରୁ ୧୦୦ ଘରକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯିବ। ସେହିପରି ପ୍ରତ୍ୟେକ ୱାର୍ଡରେ ଏକ କଲ୍ୟାଣ ସମିତି ଗଠନ କରାଯାଇ ସୁସ୍ଥ ବସ୍ତି, ସୁସ୍ଥ ୱାର୍ଡ, ସୁସ୍ଥ ସହର ଓ ସୁସ୍ଥ ରାଜ୍ୟ ଯୋଜନାକୁ ରୂପରେଖ ଦିଆଯିବ। ଏହି ସମିତିର ସଭ୍ୟାସଭ୍ୟ ସହରର ପରିମଳ, ସ୍ୱାସ୍ଥ୍ୟ ସେବା ଓ ଅପପୁଷ୍ଟି ସମସ୍ୟାକୁ ଉପସ୍ଥାପନା ସହ ସମାଧାନ ପାଇଁ ପ୍ରଯତ୍ନ କରିବେ। ଫଳରେ ଝାଡାବାନ୍ତି, ମ୍ୟାଲେରିଆ, ଜଣ୍ଡିସ୍, ଡେଙ୍ଗୁ ଆଦି ରୋଗ ବସ୍ତି ବାସିନ୍ଦାଙ୍କ ନିକଟରେ ପହଞ୍ଚିବ ନାହିଁ। ଏଥିପାଇଁ ଆରୋଗ୍ୟ ସମିତିକୁ ୫ ହଜାର ଓ ୱାର୍ଡ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଦେବାକୁ ବ୍ୟବସ୍ଥା ହୋଇଛି। ଏହି ମିଶନ ଅନୁଯାୟୀ ସହରାଞ୍ଚଳର ୪ ଏଏନ୍‌ଏମ୍ ପୋଷ୍ଟ ଅଦ୍ୟାବଧି ଖାଲି ପଡିଛି। ସହରର ପରିମଳ ବ୍ୟବସ୍ଥା ଠିକ୍ ନାହିଁ। ସାମାନ୍ୟ ବର୍ଷାରେ ବିଭିନ୍ନ ୱାର୍ଡର ନାଳ ଉଚ୍ଛୁଳିବା ସହ ପାଣି ଜମି ରହୁଛି। ସୁରେନ୍ଦ୍ର କୁମାର ସେନାପତି କହିଛନ୍ତି, ରାସ୍ତା ନିକଟରେ ଥିବା ଟ୍ୟୁବ୍‌ୱେଲ ଓ ପାଣି ଟ୍ୟାପ୍ ନିକଟରେ ପାଣି ଜମି ରହି ମଶା ମାଛିଙ୍କ ଉତ୍ପତ୍ତିସ୍ଥଳ ସାଜିଛି। ପ୍ରତିବର୍ଷ ବର୍ଷାଋତୁରେ ପରିମଳ ବ୍ୟବସ୍ଥା ବିଗୁଡୁଥିବାରୁ ଝାଡ଼ାବାନ୍ତି, ଡେଙ୍ଗୁ ଓ ମ୍ୟାଲେରିଆ ପରି ଜଳବାହିତ ରୋଗ ବ୍ୟାପିବା ସହ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଅପପୁଷ୍ଟି ଘଟଣା ନଜରକୁ ଆସୁଛି। ସହରରେ ଜବରଦଖଲ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଳପଥ ହେଉ ଅଥବା ସରକାରୀ ରାସ୍ତା ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି । ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କାଗଜପତ୍ରରେ ସବୁକିଛି ଠିକ୍ ଥିବା ଦର୍ଶାଯାଉଛି। ତେବେ ରାଜ୍ୟର ସର୍ବପୁରାତନ ଏହି ସହର ପ୍ରତି ରାଜନେତା, ପ୍ରଶାସକଙ୍କ ଧ୍ୟାନ ରହୁନାହିଁ। ଏପରିକି ନୂତନ ଅପ୍‌ଗ୍ରେଡେଡ୍ ପିଏଚ୍‌ସରେ ବିଭିନ୍ନ କାରଣରୁ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳିପାରୁନାହିଁ । ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁଙ୍କୁ ପଚାରିବାରେ ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ ବ୍ୟବସ୍ଥା ହୋଇଛି। ଏଥିସହ ପାଣି ଜମି ରହୁଥିବା ସ୍ଥାନ ଚିହ୍ନଟ କରାଯାଇ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଛନ୍ତି।



କେନ୍ଦ୍ରାପଡ଼ା ସହର ମଝିରେ ବର୍ଷା ଜଳ ।

# ବିକ୍ରି ହୋଇଥିବା ନାବାଳକ ଉଦ୍ଧାର

ଯାଜପୁରଟାଉନ,୨୯।୫(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବ୍ଲକ ଅଧୀନ ବଡ଼ସୁଆର ପଞ୍ଚାୟତରେ ବିକ୍ରି ହୋଇଥିବା ଜଣେ ନାବାଳକଙ୍କୁ ଯାଜପୁର ସଦର ଥାନା ପୋଲିସ ପକ୍ଷରୁ ଗୁରୁବାର ଉଦ୍ଧାର କରାଯାଇଛି। ଏହାପରେ ନାବାଳକଙ୍କୁ ବାଳାଶ୍ରମରେ ରଖାଯାଇଥିବାବେଳେ ତାଙ୍କ ମା’ ପୂଜା ପରିଡ଼ାଙ୍କୁ ସ୍ୱଧାର ଗୃହରେ ରଖାଯାଇଛି। ଉକ୍ତ ନାବାଳକଙ୍କୁ ତାଙ୍କ ମା’ ୪ ବର୍ଷ ତଳେ ୧୮ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଜଣେ ବ୍ୟକ୍ତି ନାବାଳକଙ୍କୁ ନେଇ ରଖିଥିଲେ। ପୋଲିସ ନାବାଳକଙ୍କୁ ଉଦ୍ଧାର କରିବା ପାଇଁ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ନାବାଳକ ତାଙ୍କ ମା’ଙ୍କୁ ଚିହ୍ନି ପାରି ନ ଥିଲେ। ପୋଲିସ ନାବାଳକଙ୍କୁ ଉଦ୍ଧାର କରିବା ପରେ ଉଭୟ ମା’ ଓ ପୁଅଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲା। ନାବାଳକ ବିକ୍ରି ହୋଇଥିବା ନେଇ ତାଙ୍କ ବାପା ଓ ଜେଜେ ମା’ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଯାଜପୁର ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଥିଲା।


**Bank of Baroda** (ବ୍ୟାଙ୍କ ଅଫ୍ ବରୋଦା)

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧
ଇମେଲ: wfd.bcc@bankofbaroda.co.in

BOB: SAMV:117:1101 — Date: 17.05.2025

**ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀ ବିଭାଗ : ସମୀକ୍ଷା କମିଟି ନିକଟରେ ପକ୍ଷ ଉପସ୍ଥାପନ କରିବା ସୁଯୋଗ**

| | |
|---|---|
| **ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ.,** ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା- ଇଏନ୍-୬୨, ସେକ୍ଟର-୫, ୭ମ ଫ୍ଲୋର, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ-୭୦୦୦୯୧ | **ଶ୍ରୀ ପ୍ରବୀଣ କୁମାର ଅଗ୍ରୱାଲ (ନିର୍ଦ୍ଦେଶକ),** ଫ୍ଲାଟ୍ ନଂ.: ୬୨୭, ଗୋବିନ୍ଦ ବ୍ଲକ, ବାଲାଜୀ କମ୍ପ୍ଲେକ୍ସ, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା-୭୫୧୦୦୬ |

**ତା୦୬.୦୨.୨୦୨୫ରିଖ**ରେ ଆପଣଙ୍କ ପଞ୍ଜିକୃତ ଠିକଣାରେ **ତା୦୩.୦୨.୨୦୨୫ରିଖ** କାରଣ ଦର୍ଶାଅ ନୋଟିସ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଯାହା କି ଫେରସ୍ତ ଆସିଥିବା କାରଣରୁ ତାହାର ଖବରକାଗଜ ପ୍ରକାଶନ **ଦି ନିଉ ଇଣ୍ଡିଆନ ଏକ୍ସପ୍ରେସ(ଭୁବନେଶ୍ୱର) ଏବଂ ଧରିତ୍ରୀ( ଭୁବନେଶ୍ୱର) ତା୧୭.୦୨.୨୦୨୫ରିଖ**ରେ ପ୍ରକାଶ କରାଯାଇଥିଲା। ଆପଣଙ୍କ ତରଫରୁ ଉପସ୍ଥାପିତ ଉତ୍ତରକୁ ଗ୍ରହଣ କରାଯାଇଥିଲା। ଏବଂ ତାହାକୁ ଚିହ୍ନଟ କମିଟି ଦ୍ୱାରା ପରୀକ୍ଷା କରାଯାଇ ଶେଷ ନିଷ୍ପତ୍ତି ଜାରି କରାଗଲା କି ଋଣ ଖିଲାପୀ ଶ୍ରେଣୀଭୁକ୍ତ ବିରୁଦ୍ଧରେ ପ୍ରତିପାଦିତ ତଥ୍ୟାବଳୀ ଏବଂ ଉତ୍ତର ଯଥେଷ୍ଟ ନୁହେଁ। ଖିଲାପର ଦିଗଗୁଡ଼ିକ ସମାଧାନ କରାଯାଇନାହିଁ। ଆପଣଙ୍କର ପ୍ରତିକ୍ରିୟା ଆମର ମୂଲ୍ୟାୟନକୁ ପରିବର୍ତ୍ତନ କରିବା ପାଇଁ ପର୍ଯ୍ୟାପ୍ତ କାରଣ ପ୍ରଦାନ କରେ ନାହିଁ। ତେଣୁ ଇଚ୍ଛାକୃତ ଖିଲାପ କମିଟି ଆପଣଙ୍କର ଇଚ୍ଛାକୃତ ଖିଲାପର ବର୍ଗୀକରଣ ପାଇଁ ସମୀକ୍ଷା କମିଟିକୁ ସୁପାରିସ କରିଛି। ଆପଣ ଏହି ନୋଟିସର **୧୫ ଦିନ** ମଧ୍ୟରେ ଉପରେ ଦିଆଯାଇଥିବା ଠିକଣାରେ ସମୀକ୍ଷା କମିଟି ନିକଟରେ ନିଜର ପକ୍ଷ ରଖିପାରିବେ। ଯଦି ଏହା ନ ହୁଏ ତେବେ ସମୀକ୍ଷା କମିଟି ଆପଣଙ୍କୁ ଇଚ୍ଛାକୃତ ଖିଲାପ ଭାବରେ ବର୍ଗୀକରଣର ସ୍ୱତନ୍ତ୍ର କ୍ଷମତା ରଖିଛନ୍ତି। ଆପଣ ଆପଣଙ୍କ ଆକାଉଣ୍ଟ ଯେଉଁଠାରେ ପରିଚାଳନା କରୁଛନ୍ତି ସେହି ସମ୍ପୃକ୍ତ ଶାଖାରୁ ଆପଣଙ୍କ ପ୍ରତିନିଧିତ୍ୱର ସବିଶେଷ ଉତ୍ତର ସଂଗ୍ରହ କରିପାରିବେ।

ତାରିଖ: ୨୯.୦୫.୨୦୨୫ — ସ୍ୱା/- ମହାପ୍ରବନ୍ଧକ



**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर।**
g-mail I.D. – eemid041@gmail.com

पत्रांकः– 206 — मेदिनीनगर, दिनांक– 28/05/2025

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:– WRD/MID/MEDININAGAR/B.D./S.L.I.-03/2025-26 PR No:- 352958 Minor Irrigation (25-26)#D है। अपरिहार्य कारणवश निम्न संशोधन किया जाता है:–

| | | |
|---|---|---|
| 1 | वेबसाईट में ई–निविदा प्रकाशन की तिथि एवं समय | 06/06/2025 (04.00 PM) |
| 2 | वेबसाईट में ई–निविदा प्राप्ति की अंतिम तिथि एवं समय | 23/06/2025 (03.00 PM) |
| 3 | ई–निविदा खुलने की तिथि एवं समय | 24/06/2025 (04.00 PM) |

निविदा की अन्य शर्तें पूर्ववत् रहेगी।

कार्यपालक अभियंता,
लघु सिंचाई प्रमण्डल, मेदिनीनगर।

PR 353797 (Minor Irrigation) 25-26 (D)


# ଜୁନ୍ ୨ରୁ ଥାନା ସମ୍ମୁଖରେ ଆମରଣ ଅନଶନରେ ବସିବୁ

- ନାବାଳିକାଙ୍କୁ ବାଂଲା ଅନୁପ୍ରବେଶଙ୍କାରୀଙ୍କ ଅପହରଣ ଅଭିଯୋଗ ଘଟଣା
- ଅଢ଼େଇ ମାସ ବିତିଲା, ନାବାଳିକାଙ୍କୁ ପୋଲିସ ଖୋଜି ପାଇଲାନି

ରାଜନଗର , ୨୯।୫(ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଛି। ବାଂଲା ଅନୁପ୍ରବେଶକାରୀ ନାବାଳିକାକୁ ଅପହରଣକରି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅପହରଣ ଘଟଣାକୁ ଅଢ଼େଇମାସ ବିତିଥିବା ବେଳେ ପୋଲିସ ଅପହରଣକାରୀ ଓ ଝିଅକୁ ଉଦ୍ଧାର କରୁନାହିଁ। ନାବାଳିକା ଝିଅକୁ ଉଦ୍ଧାର ପାଇଁ ରାଜନଗର ଆଇଆଇସି, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ , କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ମୋ ଝିଅକୁ ଖୋଜି ଫେରାଇ ଆଣିବାକୁ ଅନୁରୋଧ କରୁଛି। ଜୁନ ୧ ତାରିଖ ସୁଦ୍ଧା ଝିଅକୁ ଉଦ୍ଧାର କରା ନ ଗଲେ ବାଧ୍ୟ ହୋଇ ପରିବାର ସହ ଥାନା ଆଗରେ ଜୁନ୍ ୨ ତାରିଖଠାରୁ ଆମରଣ ଅନଶନରେ ବସିବୁ ଓ ଆବଶ୍ୟକସ୍ଥଳେ ଆତ୍ମାହୁତି ଦେବାକୁ ପଛାଇବୁ ନାହିଁ ବୋଲି ନିଖୋଜ ନାବାଳିକାଙ୍କ ବାପା କେନ୍ଦ୍ରପଡା ଏସ୍‌ପି, ଜିଲାପାଳ, ପଟ୍ଟାମୁଣ୍ଡାଇ ଏସଡିପିଓ, ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଝିଅ ବାପା କରିଥିବା ଅଭିଯୋଗ ମୁତାବକ, ସାତଭାୟାରେ ରହୁଥିବା ଜଣେ ବାଂଲା ଅନୁପ୍ରବେଶକାରୀ ମାର୍ଚ୍ଚ ୧୩ରେ ନାବାଳିକା ଝିଅକୁ ଅପହରଣ କରି ନେଇଛନ୍ତି। ଏ ନେଇ ପୋଲିସ କେବଳ ନିଖୋଜ ମାମଲା କରି ଚୁପ୍ ହୋଇ ବସିଛି। ଝିଅ ସମ୍ପର୍କରେ ଜାଣିବାକୁ ଥାନାକୁ ଗଲେ ପୋଲିସ ବିରକ୍ତ ହେଉଛି। ଅପହରଣକାରୀ ବାଂଲା ଅନୁପ୍ରବେଶକାରୀ ହୋଇଥିବାରୁ ସେମାନେ ଝିଅକୁ କେଉଁ ଆଡ଼େ ଚାଲାଣ କରିଦେଇଛନ୍ତି କିମ୍ବା ମାରିଦେଇଥିବା ନେଇ ସନ୍ଦେହ ହେଉଛି। ଝିଅ ନିଖୋଜ ହେବ ଦିନ ଫୋନ କରିଥିଲୁ, ଝିଅ କାନ୍ଦି କାନ୍ଦି ବାପା କହିବା ଭିତରେ ସେମାନେ ଫୋନ ଛଡ଼ାଇନେଇ ସୁଇଚ୍ ଅଫ୍ କରି ଦେଇଥିଲେ। ଝିଅକୁ ନ ପାଇ ମା’ ରୋଗ ଶଯ୍ୟାରେ ଥିବା ବେଳେ ବାପା ମାନସିକ ଭାରସ୍ୟାମ ହରାଇ ବସିଛନ୍ତି। ସାରା ରାଜ୍ୟରେ ଅପହରଣ ମାମଲାରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ଜୋର ଦେଉଥିବାବେଳେ ରାଜନଗର ପୋଲିସ ନାବାଳିକା ଅପହରଣ ମାମଲାରେ କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ପାରାଦୀପରୁ ପୁରୀ ଚାଲିବ ଭଲଭୋ ବସ୍



ପାରାଦୀପ ୨୯।୫(ଶରତ ରାଉତ)

ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ପ୍ରଶାସନର ନିଷ୍ପତ୍ତି

ପାରାଦୀପରୁ ପୁରୀ ପର୍ଯ୍ୟନ୍ତ ଚାଲିବ ସରକାରୀ ଭଲଭୋ ବସ୍ ସେବା। ଏହା ୫ଟି ଜିଲା ଦେଇ ଯାତାୟାତ କରିବ। ଯଥା ଜଗତସିଂହପୁର ଜିଲା ପାରାଦୀପରୁ କେନ୍ଦ୍ରାପଡା ବାଇପାସ, ଯାଜପୁର ଜିଲା ଚଣ୍ଡିଖୋଲ, କଟକ, ଭୁବନେଶ୍ୱର ଦେଇ ପୁରୀରେ ପହଞ୍ଚିବ। ସମାନ ରାସ୍ତା ଦେଇ ପୁରୀରୁ ପାରାଦୀପ ବସ ଫେରିବ। ଏପରି ନିଷ୍ପତ୍ତି ସରକାରୀ ଭାବେ ନିଆଯାଇଛି। ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟ (ଆରଟିଓ)ପକ୍ଷରୁ ଏନେଇ ସମୟ ସାରଣୀ ସହ ଚିଠି ଜିଲାପାଳ ଓ ଅଭିଯୋଗକାରୀ ପାରାଦୀପର ଆହ୍ୱାନ ଫାଉଣ୍ଡେଶନର ସତ୍ୟନାରାୟଣ ସ୍ୱାଇଁଙ୍କୁ ଅବଗତ (ଚିଠି ନଂ–୯୮୩) କରାଯାଇଛି। ଏଭଳି ନିଷ୍ପତ୍ତି ପରେ ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସଭାପତି ସାଗର ବିଶ୍ୱାଳ କୃତଜ୍ଞତା ଜଣାଇଛନ୍ତି ।

ଏନେଇ ସତ୍ୟନାରାୟଣ ଜାନୁଆରୀ ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କେନ୍ଦ୍ରରେ ଅଭିଯୋଗ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜଗତ୍‌ସିଂହପୁର ଜିଲା ଆରଟିଓ ଅଫିସକୁ ଅଭିଯୋଗ ପଠାଇ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ପ୍ରଶାସନିକ ପଦକ୍ଷେପ ନିଆଯାଇ ବସ୍ ଚଳାଚଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସକାଳ ୬ଟାରେ ବସ୍ ପାରାଦୀପରୁ ଯାଇ ପୁରୀରେ ୧୧ ବେଳେ ପହଞ୍ଚିବ ଏବଂ ପୁରୀରୁ ଅପରାହ୍ନ ୪ ଟା ୫୦ରୁ ବାହାରି ରାତି ୧୦ଟାରେ ପାରାଦୀପ ପହଞ୍ଚିବ। ଏହାଦ୍ୱାରା ପାରାଦୀପଠାରୁଚଣ୍ଡିଖୋଲପର୍ଯ୍ୟନ୍ତଥିବାଅଧିବାସୀମାନେ ସହଜରେ ପୁରୀ ଯାତାୟାତ କରିପାରିବେ।


**GOVERNMENT OF ODISHA** — No.O-196
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 01/RWD-I, MKG/2025-26 dt.23.05.2025**

01. Name of the work : Construction of Road, Building & Boxcell works (Detailed in Annexure), 02. Total Number of works : 7 nos. (Seven), 03. Estimated cost : Rs. 20.47 lakhs to Rs. 80.86 Lakhs, 04. Class of contractor : "C" & "B" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 01/RWD-I, MKG/2025-26 | Total 7 nos. (Single Cover & Double Cover) | 06.06.2025 from 11.00 A.M. | 20.06.2025 up to 5.00 P.M. | 19.06.2025 up to 5.00 P.M. | Tech Bid opening : (Single Cover & Double Cover Tech. Bid) 21.06.2025 at 11.00 A.M. |

Further details can be seen from the website: www.tendersorissa.gov.in.

Sd./- Sujata Dishari
Superintending Engineer
R.W. Division-I, Malkangiri

OIPR-25058/11/0012/2526



**Government of Odisha, "e"-Procurement Notice**
**WORKS DEPARTMENT**
No.B-162 — E-mail : ceroads.bbsr@gmail.com
**Bid Identification No. CE-Roads-II-03/2025-26**

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below :
2. Nature of work : Road work
3. No. of work : 1 No.
4. Tender Paper cost : Rs. 10,000.00
5. Class of contractor : 'A' Class/Special Class
6. Available of bid document the website : From 10.00 A.M. of 05.06.2025 to 5.30 P.M. of 25.06.2025
7. Date of opening of bid : Dt. 26.06.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer (Roads-II), Odisha

OIPR-34181/11/0018/2526



**कार्यालय मुख्य अभियंता**
**लोक स्वास्थ्य यांत्रिकी विभाग, रायपुर परिक्षेत्र, रायपुर (छ.ग.)**
**ई-प्रोक्योरमेंट निविदा सूचना**

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदार से प्रपत्र ''ए'' में प्रतिशत दर पर कार्य हेतु ऑनलाईन निविदा आमंत्रित की जाती है:-

| क्रं | निविदा आमंत्रण क्र./दिनांक | सिस्टम नं. | निविदा आमंत्रण | जिला | कार्य का विवरण | अनुमानित लागत (रू. लाख में) | ठेकेदारो की श्रेणी |
|---|---|---|---|---|---|---|---|
| 1 | 35/26.05.2025 | 169015 | द्वितीय | रायपुर | रायपुर जिले के विकासखण्ड आरंग के ग्राम भिलाई में स्थित रिजर्व फोर्स पुलिस कैम्प में पेयजल व्यवस्था कार्य | 1169.18 | अ एवं उच्च |

Important Events and Time Schedule - Date of Calling NIT - 26.05.2025, Bid Start Date: 29.05.2025, Pre Bid meeting Date: 03.06.2025, Bid due Date: 20.06.2025, PHY Doc. submission Last Date: 23.06.2025, PQ Document Download Date: 23.06.2025.

नोट: उपरोक्त निर्माण कार्यो की निविदा की सामान्य शर्तों, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टाल **https://eproc.cgstate.gov.in** में उक्त निविदा दिनांक 28.05.2025 से देखी जा सकती है।

स्वा./- अधीक्षण अभियंता (प्रकोष्ठ प्रभारी)
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र, रायपुर (छ.ग.)

G-252601211/2



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR**
Mail ID : sepwdbalangir@gmail.com
**e-Procurement Notice**
**Bid Identification No. : CCE(R&B) BGR/03/2025-26**
Letter No. - 998 — Dtd. : 23.05.2025

**No.B-152** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" "A" & "Special" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Building work |
| 2. | No. of tender | : | Building work - 3 Nos. |
| 3. | Tender Cost | : | Rs. 10,000/- |
| 4. | Class of Contractor | : | **"B" "A" & "Special" Class** |
| 5. | Date & Time of sale & Receipt of Bids | : | From Dt. 05.06.2025, 05.00 P.M. to Dt. 19.06.2025 up to 05.00 P.M. |
| 6. | Date of opening Bid | | Dt. 20.06.2025 at 11.00 A.M. |
| 7. | The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Chief Costruction Engineer,
Balangir (R&B) Circle, Balangir

OIPR-34131/11/0011/2526



**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art Culture, Sports & Youth Affairs)**
**Gate No. 28, Birsa Munda Football Stadium, Morabadi, Ranchi - 834008**
**E-mail Id - directorsportsjharkhand@gmail.com**

**Corrigendum – 1**
(NIT No. 13/2025-26 Dated 26.05.2025)

Sub: Corrigendum No. 3 to the above referred NIT No.: 13/2025-26 dated 26th May, 2025 (PR No. - 353530 Dated: 27.05.2025 against the RFP of Rate contract for supply of Sports and Generic Kits.
The following changes are incorporated to the RFP:

| S.N. | RFP Clause Reference | Existing Clause | To be Read as |
|---|---|---|---|
| 1. | IFB (Page 2) Last date and time for physical submission of Tender, Original Demand Draft towards cost of bid document, Earnest Money and Samples/Catalogue | Up to 01.00 PM on 02nd June 2025 | Last date and time for physical submission of Tender, Earnest Money and Samples/Catalogue Up to 11.00 AM on 06th June 2025 |
| 2. | IFB (Page 2) Date and time for opening of Tender Part -I (Technical Bid) | At 03.00 PM on 02nd June 2025 | At 12.00 PM on 06th June 2025 |
| 3. | Section -III (A) S. No 8 | The Manufacturer/OEM should have a valid and effective factory registration and DIC certificate and should be manufacturing all items as mentioned in Section V. | The Manufacturer/OEM should have a valid and effective factory registration or DIC/NSIC certificate and should be manufacturing all items as mentioned in Section V. |
| 4. | Section III, Page No. 13 to 15 | Evaluation Criteria | Attached as Annexure-'A' |

Note: 1. Comprehensive information regarding the corrigendum is available on website – **sports.jharkhand.gov.in**
2. All other terms and conditions mentioned in tender document will remain unchanged.

Sd/-, Director
Directorate of Sports & Youth Affairs
Jharkhand, Ranchi

PR 353860 Art Culture Sports and Youth Affairs(25-26)#D



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**

**ई–प्रोक्योरमेंट सूचना**
टेन्डर रेफरेंन्स नं0–प0नि0वि0/राँची–02/2025–26 दिनांक :–28.05.2025

| | | |
|---|---|---|
| 1. | कार्य का नाम | हरमू रोड से टेलिफोन एक्सेन्ज रोड भाया अवधूत आश्रम, सेवा सदन एवं जालान टिम्बर रोड तथा मेन रोड उर्दू लाईब्रेरी से किषोरगंज चौक भाया राँची लेक रोड (कुल लम्बाई–4.110 कि0मी0) का राईडिंग क्वालिटी में सुधार (IRQP) कार्य वर्ष 2025–26. |
| 2. | प्राक्कलि राषि (रू0 लाख में) | रू0 320.22455 लाख (रूपये तीन करोड़ बीस लाख बाईस हजार चार सौ पचपन रूपये) मात्र। |
| 3. | अग्रधन की राशि (रू0 लाख में) | रू0 3.21 लाख (रूपये तीन लाख एक्कीस हजार) मात्र। |
| 4. | कार्य पूर्ण करने की अवधि | 03 (तीन) माह |
| 5. | वेबसाईड पर निविदा प्रकाशन की तिथि | 30.05.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 19.06.2025 12.00 बजे दोपहर तक |
| 7. | निविदा खोलने तिथि/समय | 20.06.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे **Tender Online Upload** में देखा जा सकता है, एवं किसी भी प्रकार का बदलाव ***http://jharkhandtenders.gov.in*** पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए ***UCAN*** निबंधन आवश्यक है।
- नियम एवं शर्तें के लिए वेबसाईट ***http://jharkhandtenders.gov.in*** पर देखें।

PR 353787 Road Construction Dept Road Division Ranchi(25-26)#D

कार्यपालक अभियंता
पथ निर्माण विभाग,पथ प्रमंडल, राँची

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଧୀରେନ



@ କାର୍ତ୍ତିକ



@ ଖୁସି



@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁ ଏନ୍‌ଏସି ନିର୍ବାଚନ ପାଇଁ ପ୍ରାକ୍ ପ୍ରକ୍ରିୟା ଆରମ୍ଭ

## ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷିତ ସୂଚୀ ପ୍ରକାଶ

ଓଡ଼ଗାଁ,୨୯।୫ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର ସାଧାରଣ ନିର୍ବାଚନ ପାଇଁ ପ୍ରାକ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି। ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ ଏବଂ ପ୍ରତି ୱାର୍ଡ ପାଇଁ ସଂରକ୍ଷିତ ସ୍ଥାନର ସୂଚୀ ନୟାଗଡ଼ ଜିଲା ମାଜିଷ୍ଟ୍ରେଟ ତଥା ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି। ଓଡ଼ଗାଁ ଏନ୍‌ଏସିର ସମୁଦାୟ ୱାର୍ଡ ସଂଖ୍ୟା ୧୫ ହୋଇଥିବା ବେଳେ ୧ ନମ୍ବର ୱାର୍ଡ ବିଲମାନପୁର ଏବଂ ୨ ନମ୍ବର ୱାର୍ଡ ଛାମୁସାହି ଆସନ ଅଣ ସଂରକ୍ଷିତଙ୍କ ପାଇଁ ରହିଥିବା ବେଳେ ପାଇକ ସାହି ୩ ନମ୍ବର ୱାର୍ଡ ଆସନ ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ୪ ନମ୍ବର ୱାର୍ଡ ଅଧିକାରୀ ସାହି ଓ ଖାଡି ତେଲିସାହି, ୫ ନମ୍ବର ୱାର୍ଡ ପାଟଣା ସାହି ଏବଂ ୬ ନମ୍ବର ୱାର୍ଡ ଓଡ଼ିଆ ସାହି ଏବଂ ବଜାର ସାହି ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ଅଛି। ୭ନମ୍ବର ୱାର୍ଡ ହରିଜନ ସାହି ଓ ଲଜସାହି ଅନୁସୂଚିତ ଜାତିର ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୮ନମ୍ବର ୱାର୍ଡ ବ୍ଲକ୍ ସାହି ଓ ବିଜୟ ମଣ୍ଡପ ସାହି ଆସନ ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ୯ ନମ୍ବର ୱାର୍ଡ ମଠଖଜୁରିଆ ଓ କୁମ୍ଭିଆପଲ୍ଲୀ ଆସନ ଅନୁସୂଚିତ ଜନଜାତି ମହିଳା ପାଇଁ ସଂରକ୍ଷିତ ରହିଥିବା ବେଳେ





୧୦ ନମ୍ବର ୱାର୍ଡ ଖେଳପଡିଆ ସାହି ଓ ଶିଳ୍ପୀ ନଗର ସାହି ଆସନ ଅଣସଂରକ୍ଷିତ ରହିଛି। ୧୧ ନମ୍ବର ୱାର୍ଡ ହେମାମାଳି ସାହି ଓ ଗାନ୍ଧୀ ନଗର ସାହି ଆସନ ମହିଳାଙ୍କ ପାଇଁ ଏବଂ ୧୨ ନମ୍ବର ୱାର୍ଡ ନିତ୍ୟାନନ୍ଦ ସାହି ଓ ଗୁପ୍ତମଠସାହି ଆସନ ପଛୁଆବର୍ଗଙ୍କ ସଂରକ୍ଷିତ ରହିଛି।୧୩ ନମ୍ବର ୱାର୍ଡ ଦଲକ, ଗୁଡ଼ିଆସାହି ଓ କଲେଜ ରୋଡ୍ ଆସନଟି ପଛୁଆବର୍ଗ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସେହିପରି ୧୪ ନମ୍ବର ୱାର୍ଡ କଦଳୀ ବନ୍ଧ ଓ ଆଖୁପଦର ରାଜସ୍ୱ ଗ୍ରାମ ଆସନ ଏବଂ ୧୫ ନମ୍ବର ୱାର୍ଡ ଜାରିଙ୍ଗି ଆସନ ଅଣସଂରକ୍ଷିତ ରହିଛି।

୨୦୧୭ ଅଗଷ୍ଟରୁ ଓଡ଼ଗାଁ ଏନ୍‌ଏସି ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ୬ ଓ ୧୧ ନମ୍ବର ୱାର୍ଡ ସୀମା ନିର୍ଦ୍ଧାରଣକୁ ନେଇ ଅଭିଯୋଗ ହେବା ପରେ ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା। ଅଭିଯୋଗକାରୀ ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ । କୋର୍ଟରେ ଶୁଣାଣି ପ୍ରକ୍ରିୟା ଚାଲିଥିବା ସମୟରେ ଆବେଦନକାରୀ ମାମଲାକୁ ଆଗକୁ ବଢ଼ାଇବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ତଦନୁଯାୟୀ ନୟାଗଡ଼ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଆବେଦନ ମାଧ୍ୟମରେ ୱାର୍ଡ ନମ୍ବର ୬ ଏବଂ ୧୧ର ସୀମା ସ୍ଥିତିକୁ ବିଚାର କରି ଜିଲା ମାଜିଷ୍ଟ୍ରେଟ ନୟାଗଡ଼ଙ୍କ ଦ୍ୱାରା ନୂତନ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ଏଥିରେ ତାଙ୍କର କୌଣସି ଆପତ୍ତି ରହିବ ନାହିଁ ବୋଲି ଆବେଦନକାରୀ ନବକିଶୋର ପାଣିଗ୍ରାହୀଙ୍କ ତରଫରୁ ଅଧିବକ୍ତା ଆସଫ ଅଲି ଅହମ୍ମଦ ଲିଖିତ ଭାବେ କୋର୍ଟକୁ ଜଣାଇଥିଲେ। ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟାର ଅନ୍ତ ଘଟିଥିଲା ।

# ରାଜ୍ୟ ରାଜପଥରେ ଗର୍ତ୍ତ, ବଢୁଛି ଦୁର୍ଘଟଣା

ଓଡ଼ଗାଁ,୨୯।୫ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ୨୧୯ନଂ ରାଜ୍ୟ ରାଜପଥର ଗୋଡିସାହିଠାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସେହି ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ରହିଛି। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ଏବେ ବର୍ଷା ଆରମ୍ଭ ହୋଇଥିବାରୁ ସେହି ଗାତରେ ପାଣି ଜମି ରହୁଛି। ଫଳରେ ଗାଡ଼ି ଚାଳକମାନେ ଗାତକୁ ଦେଖି ନ ପାରି ଗାଡ଼ି ଚଳାଉଥିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟହ ଭୁବନେଶ୍ୱରରୁ ଭଞ୍ଜନଗର କିମ୍ବା କନ୍ଧମାଳ ଜିଲାର ଅନେକ ମନ୍ତ୍ରୀ ଓ ବିଧାୟକଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ଯାତାୟତ କରୁଛନ୍ତି। ହେଲେ ଉକ୍ତ ସମସ୍ୟା ଉପରେ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ତାହା ସଫଳ ହୋଇପାରିନାହିଁ।



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# ଦେଶୀ ମଦ କାରବାର ରୋକିପାରୁନି ପ୍ରଶାସନ

ଖଣ୍ଡପଡ଼ା,୨୯।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳରେ ଚୋରା ନିଶା ମଦ କାରବାର ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଗାଁରେ ଚାଲିଛି ଦେଶୀ ମଦର ଚୋରା କାରବାର । ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରସ୍ତୁତ ହେଉଛି ଦେଶୀ ମଦ। ବଣ ପାହାଡ ଘେରା ଜଙ୍ଗଲ ଜମିରେ ବାସ କରୁଥିବା ଆଦିବାସୀ ସଂପ୍ରଦାୟର ଲୋକଙ୍କୁ ମୋହରା କରି ନିଶା ବ୍ୟବସାୟୀମାନେ ସେମାନଙ୍କର କାୟା ବିସ୍ତାର କରୁଛନ୍ତି । ହେଲେ ଖଣ୍ଡପଡା ଅବକାରୀ ବିଭାଗ କର୍ମଚାରୀମାନେ ବହୁଦିନ ଅନ୍ତରରେ ଚଢାଉ କରି କିଛି ବ୍ୟକ୍ତିଙ୍କୁ ଗିରଫ କରି ମାମଲା ରୁଜୁ କରୁଛନ୍ତି। ଅବକାରୀ କର୍ମଚାରୀମାନେ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇନାହିଁ । ଅବକାରୀ ଅଧିକାରୀଙ୍କ ସ୍ଥାଣୁତା ନିଶା ବ୍ୟବସାୟୀମାନଙ୍କୁ ବେଶ ସୁହାଉଥିବା ଆଲୋଚନା ହେଉଛି । ଚୋରା ଦେଶୀ ମଦର ଅବାଧ କାରବାର ଯୋଗୁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି । ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।


बैंक ऑफ़ बड़ौदा Bank of Baroda

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧
ଇମେଲ: wfd.bcc@bankofbaroda.co.in

BOB: SAMV:117:1101 Date: 17.05.2025

**ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀ ବିଭାଗ : ସମୀକ୍ଷା କମିଟି ନିକଟରେ ପକ୍ଷ ଉପସ୍ଥାପନ କରିବା ସୁଯୋଗ**

| | |
|---|---|
